

ନୀରଜ ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟର
ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 289| ଭାଗ ୩୨ | ସଂଖ୍ୟା୨୮୯ | Bhubaneswar | Sunday 12 January 2025 | Page 8 Rs. 4.00 | ଭୁବନେଶ୍ୱର ରବିବାର ୧୨ ଜାନୁଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




## ମହାକୁମ୍ଭର ଆକର୍ଷଣ ଛୋଟୁ ବାବା

**ଲକ୍ଷ୍ନୌ,୧୧।୧:** ଚଳିତ ମହାକୁମ୍ଭ ମେଳାକୁ ଦେଶର ବିଭିନ୍ନ ସ୍ଥାନରୁ ସାଧୁ ସନ୍ଥମାନେ ଆସୁଥିବାବେଳେ ଅନନ୍ୟ ଆକର୍ଷଣୀୟ ବ୍ୟକ୍ତିତ୍ୱ ହେଉଛନ୍ତି ୫୭ ବର୍ଷୀୟ ଛୋଟୁ ବାବା। ଯିଏ କି ୩୨ ବର୍ଷ ଧରି ନିଜ ଆଧ୍ୟାତ୍ମିକ ବ୍ରତ ଅନୁଯାୟୀ ସ୍ନାନ କରିନାହାଁନ୍ତି। ଏକାନ୍ତବାସରେ ରହୁଥିବା ଏବଂ ସନ୍ନ୍ୟାସୀ ପ୍ରଥାପ୍ରତି ସମର୍ପିତ ଛୋଟୁ ବାବା ବିଶ୍ୱାସ କରନ୍ତି ଯେ ସ୍ନାନରୁ ଦୂରେଇ ରହିବା ଭୌତିକତା ଏବଂ ସାଂସାରିକ ଇଚ୍ଛାଠାରୁ ଅଲଗା ହେବାର ପ୍ରତୀକ ଅଟେ, ଯାହା ତାଙ୍କର ବିଶ୍ୱାସ ଏବଂ ଭଗବାନଙ୍କ ପ୍ରତି ଭକ୍ତିରେ ଆଧାରିତ। ବିଶ୍ୱର ସର୍ବବୃହତ ଧାର୍ମିକ ସମାବେଶ ଭାବେ ପରିଚିତ ମହାକୁମ୍ଭ ମେଳାରେ ଯୋଗ ଦେଉଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରେ ତାଙ୍କର ଅସାଧାରଣ ଜୀବନଶୈଳୀ ଉଭୟ ଉତ୍ସୁକତା ଓ ଶ୍ରଦ୍ଧା ଆକର୍ଷଣ କରିଥାଏ। ଅନେକ ତାଙ୍କ ପ୍ରତିବଦ୍ଧତାକୁ ଅତୁଟ ଆଧ୍ୟାତ୍ମିକ ଶୃଙ୍ଖଳାର ପ୍ରମାଣ ଭାବରେ ଦେଖୁଥିବା ବେଳେ କେତେକ ତାଙ୍କ ଅଦ୍ଭୁତ କାର୍ଯ୍ୟରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଛୋଟୁ ବାବାଙ୍କ କାହାଣୀ ମହାକୁମ୍ଭ ମେଳାକୁ ଏକ ଆକର୍ଷଣୀୟ ସାଂସ୍କୃତିକ ଏବଂ ଧାର୍ମିକ ଘଟଣାରେ ପରିଣତ କରୁଥିବା ବିଶ୍ୱାସ ଏବଂ ପ୍ରଥାର ବିବିଧତାକୁ ମନେ ପକାଇଦେଉଛି।

## ୫୦ କ୍ୱିଣ୍ଟାଲ ଫୁଲରେ ସଜେଇ ହୋଇଛନ୍ତି ରାମଲଲା

**ଆଯୋଧ୍ୟା,୧୧।୧:** ଅଯୋଧ୍ୟା ରାମ ମନ୍ଦିରକୁ ବର୍ଷେ ପୂରିଥିବା ବେଳେ ଚତୁର୍ଦ୍ଦିଗ ରାମମୟ ହୋଇଛି । ଅଯୋଧ୍ୟା ରାମ ମନ୍ଦିରରେ ପ୍ରଭୁ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ପୂରିଛି ବର୍ଷେ। ରାମନଗରୀରେ ଉତ୍ସବର ମାହୋଲ। ସକାଳୁ ସକାଳୁ ଅଯୋଧ୍ୟାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବା ନଜର ଆସିଛି । ଆଜି ଠାରୁ ଆସନ୍ତା ୧୩ ଜାନୁଆରୀ ପର୍ଯ୍ୟନ୍ତ ଏହି ଉତ୍ସବ ପାଳନ କରାଯିବ । ହିନ୍ଦୁ କ୍ୟାଲେଣ୍ଡର ଅନୁଯାୟୀ, ୨୦୨୪ ଜାନୁଆରୀ



୨୨ ତଥା ପୌଷ ମାସ ଶୁକ୍ଳ ପକ୍ଷ ଦ୍ୱାଦଶ ତିଥିରେ ଅଯୋଧ୍ୟା ରାମ ମନ୍ଦିରରେ ପ୍ରଭୁ ଶ୍ରୀ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ସମାନ ଭାବରେ ହିନ୍ଦୁ ପଞ୍ଜିକା ଅନୁସାରେ ପୌଷ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥି ଚଳିତ ବର୍ଷ ଜାନୁଆରୀ ୧୧ ଅର୍ଥାତ୍ ଶନିବାର ପଡୁଥିବାରୁ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠାକୁ ଏକ ବର୍ଷ ପୁରିଛି । ଅଯୋଧ୍ୟାରେ ରାମ ମନ୍ଦିରକୁ ୫୦ କ୍ୱିଂଟାଲ ଫୁଲରେ ସଜା ହୋଇଛି । ପ୍ରଭୁ ଶ୍ରୀରାମଙ୍କୁ ୫୬ ପ୍ରକାରର ଭୋଗ ଲଗାଯାଇଛି ।

### ହାଇକୋର୍ଟରେ ନ୍ୟାୟିକ ଅଭିଲେଖାଗାର

# ସମୃଦ୍ଧ ଐତିହ୍ୟର ଭଣ୍ଡାର

**କଟକ,୧୧।୧(ସଂଚାର ବ୍ୟୁରୋ):** ଆଜି ନ୍ୟାୟଦେବୀଙ୍କ ଆଖିରୁ ଅନ୍ଧପୁଟୁଳି ହଟିଯାଇଛି। ଆଜି ନ୍ୟାୟଦେବୀ ଉନ୍ମୁକ୍ତ ନୟନରେ ଗୋଟିଏ ହାତରେ ସମ୍ବିଧାନ ଓ ଅନ୍ୟ ହାତରେ ନ୍ୟାୟର ତରାଜୁ ଧରି ଉଭୟ ପକ୍ଷଙ୍କୁ ଶୁଣି ସମ୍ବିଧାନର ବିଧି ବ୍ୟବସ୍ଥା ଅନୁଯାୟୀ ନ୍ୟାୟ ପ୍ରଦାନ କରୁଛନ୍ତି। ଭାରତୀୟ ନ୍ୟାୟ ବ୍ୟବସ୍ଥା ସାରା ବିଶ୍ୱରେ ଅନନ୍ୟ। ଏଥିପାଇଁ ସାରା ଦେଶ ଆଜି ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି କଟକଠାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାର ଉଦ୍ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାର ନ୍ୟାୟପାଳିକାର ପ୍ରଗତିଶୀଳ ଦୃଷ୍ଟିକୋଣର ପ୍ରତିଫଳନ। ଏହା ନ୍ୟାୟ ପ୍ରଶାସନଠାରୁ ଆଗକୁ



ଯାଇ ଇତିହାସ, ସଂସ୍କୃତି ଓ ଶିକ୍ଷାର ପରିସରକୁ ବ୍ୟାପକ କରିବ। ନ୍ୟାୟିକ ଦସ୍ତାବିଜ, ରେକର୍ଡ ଏବଂ କଳାକୃତିର ସଂରକ୍ଷଣ ଦିଗରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଯୁଗ ଯୁଗ ଧରି ଆଇନ ଗବେଷକ, ଛାତ୍ର ଏବଂ ଐତିହାସିକମାନଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ ହୋଇରହିବ ➢ପୃଷ୍ଠା-୬

### ଓପିଏସ୍‌ସିରେ ପ୍ରଥମ

# ଏଣିକି ଡିଜିଟାଲ ମୂଲ୍ୟାୟନ

**କଟକ,୧୧।୧(ସଂଚାର ବ୍ୟୁରୋ):** ସ୍ୱଚ୍ଛତା ଓ ତ୍ରୁଟି ରୋକିବାକୁ ନୂଆ ବର୍ଷରେ ନୂତନ ପଦକ୍ଷେପ ନେଇଛି ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)। ଆଗକୁ ଆହୁରି ସୁଦୃଢ଼ ହେବ ପରୀକ୍ଷା ପରିଚାଳନା ପ୍ରକ୍ରିୟା। ମୂଲ୍ୟାୟନ ବ୍ୟବସ୍ଥାରେ ପରିବର୍ତ୍ତନ ହେବ। ଏଣିକି ଡିଜିଟାଲ ପଦ୍ଧତିରେ ଖାତା ମୂଲ୍ୟାୟନ କରିବ ଓପିଏସ୍‌ସି। ପୂର୍ବରୁ ରାଜ୍ୟରେ ଓଏମ୍‌ଆର (ଅବଜେକ୍ଟିଭ) ଖାତାର ମୂଲ୍ୟାୟନ ଡିଜିଟାଲ ପଦ୍ଧତିରେ ହେଉଥିବା ବେଳେ ବିଷୟଭିତ୍ତିକ ଉତ୍ତରଖାତା ବା ସବ୍‌ଜେକ୍ଟିଭ ଉତ୍ତରଖାତା ମଧ୍ୟ ଏହି ଧାରାରେ ସାମିଲ୍ ହୋଇଛି। ଏଥିସହ ଏପରି ପଦକ୍ଷେପ ନେବାରେ ଓପିଏସ୍‌ସି ରାଜ୍ୟର ପ୍ରଥମ ସଂସ୍ଥା ହୋଇଛି। ପ୍ରତିବର୍ଷ ଆୟୋଗ ଦ୍ୱାରା ପରିଚାଳିତ ହେଉଥିବା ସମସ୍ତ ପରୀକ୍ଷାର ବିଷୟଭିତ୍ତିକ ପ୍ରଶ୍ନ ଉତ୍ତରଖାତାକୁ ସ୍କାନିଂ କରାଯିବା ସହ ପରୀକ୍ଷାର୍ଥୀଙ୍କୁ ମାର୍କ ପ୍ରଦାନ କରାଯିବ। ଏହି ମୂଲ୍ୟାୟନ ନିମନ୍ତେ ସ୍ୱତନ୍ତ୍ର ସ୍କ୍ରିନିଂ ସେଣ୍ଟରର ବ୍ୟବସ୍ଥା କରାଯିବା ସହ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯିବ। ଓପିଏସ୍‌ସି ତତ୍ତ୍ୱାବଧାନରେ ସମସ୍ତ





ପ୍ରକ୍ରିୟା ହେବ। ପରୀକ୍ଷା ପରେ ଠିକ୍‌ରେ ମୂଲ୍ୟାୟନ ହୋଇଛି କି ନାହିଁ, ତାହାର ତର୍ଜମା ମଧ୍ୟ ହେବ। ଏଥିପାଇଁ ସ୍ୱତନ୍ତ୍ର ଭାବେ ନିରୀକ୍ଷକ ନିୟୋଜିତ ହେବେ। ତର୍ଜମା ପରେ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇବ। ପରୀକ୍ଷାଫଳକୁ ନେଇ ଏକ ପ୍ରୋଭିଜନାଲ ଲିଙ୍କ ଜାରି କରାଯିବ। ଆବଶ୍ୟକସ୍ଥଳେ ପରୀକ୍ଷାର୍ଥୀଙ୍କୁ ଉତ୍ତରଖାତାର ନକଲ ମଧ୍ୟ ପ୍ରଦାନ କରାଯିବ। କିନ୍ତୁ ଏଥିପାଇଁ ସେମାନଙ୍କୁ ନିର୍ଦ୍ଧାରିତ ଦେୟ ଦେବାକୁ ପଡ଼ିବ। ଏହି ପଦକ୍ଷେପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଟେଣ୍ଡର ପ୍ରକ୍ରିୟା ଜାରି ରହିଛି।

ଆସନ୍ତା ୨୭ ଏହି ଟେଣ୍ଡର ଦାଖଲର ଶେଷ ତାରିଖ ଥିବା ବେଳେ ୨୮ରେ ଟେଣ୍ଡର ଖୋଲାଯିବ। ଯୋଗ୍ୟ ବିବେଚିତ ସଂସ୍ଥାକୁ ଏହି ଡିଜିଟାଲ ମୂଲ୍ୟାୟନ ପଦ୍ଧତି ପାଇଁ ଦାୟିତ୍ୱ ଦିଆଯିବ ବୋଲି ସୂଚନା ମିଳିଛି। ଓପିଏସସି ପକ୍ଷରୁ ସିଭିଲ ସର୍ଭିସ ପରୀକ୍ଷା ସହ ବିଭିନ୍ନ ବିଭାଗର ଗ୍ରୁପ-ଏ ଓ ଗ୍ରୁପ-ବି ବର୍ଗ ପଦ ପୂରଣ ନିମନ୍ତେ ନିଯୁକ୍ତି ପରୀକ୍ଷା ହୋଇଆସୁଥିବା ବେଳେ ପରୀକ୍ଷା କରୁଥିବା ସଂସ୍ଥା ମଧ୍ୟରୁ ଓପିଏସ୍‌ସିର ପରୀକ୍ଷା ପରିଚାଳନାରେ ଅଧିକ ସ୍ୱଚ୍ଛତା ଅବଲମ୍ବନ କରାଯାଇଆସିଛି। ପରୀକ୍ଷା ଆରମ୍ଭରୁ ମୂଲ୍ୟାୟନ ପର୍ଯ୍ୟନ୍ତ ଯେଭଳି ସବୁ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ଓ ସବୁ ପ୍ରକ୍ରିୟାରେ ସ୍ୱଚ୍ଛତା ରହିବ, ତା' ଉପରେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉଛନ୍ତି। ଯୋଜନା ଅନୁଯାୟୀ ଡିଜିଟାଲ ମୂଲ୍ୟାୟନକୁ ୩ଟି ପର୍ଯ୍ୟାୟ ➢ପୃଷ୍ଠା-୬

### ନିଆଁ ପୁଇଁବା ହେଲା କାଳ

## ମାମୁ-ଭଣଜା ଜୀବନ୍ତ ଦଗ୍ଧ

**ବୌଦ୍ଧ,୧୧।୧(ସଂଚାର ବ୍ୟୁରୋ):** ନିଆଁ ପୁଇଁବା ସମୟରେ ପାଳଗଦାରେ ନିଆଁ ଲାଗିଯିବାରୁ ଏଥିରେ ଦୁଇ ଜଣ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଏପରି ଏକ ଅଭାବନୀୟ ଘଟଣା ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ବଲାକିରା ଗ୍ରାମରେ ଘଟିଥିବା ବେଳେ ମୃତକଦ୍ୱୟ ମାମୁ-ଭଣଜା ବୋଲି ଜଣାପଡ଼ିଛି। ମୃତକମାନେ ହେଉଛନ୍ତି କ୍ରିଷ୍ଣା ଭୋଇ ଓ ତାଙ୍କ ଭଣଜା କ୍ରିଷ୍ଣା ଉର୍ମା। ଉଭୟ ନାବାଳକ। ତେବେ ମାମୁ କ୍ରିଷ୍ଣା ଭୋଇଙ୍କ ଘର ବଲାକିରା ଗାଁରେ ହୋଇଥିବା ବେଳେ ତାଙ୍କ ବାପାଙ୍କ ନାଁ ସୁବଳ ଭୋଇ। ସେହିପରି ଭଣଜା କ୍ରିଷ୍ଣା ଉର୍ମାଙ୍କ ଘର ବସନ୍ତବାହଲରେ ଓ ତାଙ୍କ ବାପାଙ୍କ ନାଁ ସଞ୍ଜିତ ଉର୍ମା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ➢ପୃଷ୍ଠା-୬

**ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା**

# ଜାତିସଂଘ ବିଶେଷଜ୍ଞ କମିଟିରେ ଭାରତ

**ନୂଆଦିଲ୍ଲୀ,୧୧।୧:** ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ସ୍ୱରୂପ ଭାରତ ସରକାରୀ ପରିସଂଖ୍ୟାନ ପାଇଁ ବିଗ୍ ଡାଟା ଓ ଡାଟା ସାଇନ୍ସ ସମ୍ପର୍କିତ ଜାତିସଂଘ ବିଶେଷଜ୍ଞ କମିଟିରେ ସାମିଲ ହୋଇଛି। ସରକାରୀ ପରିସଂଖ୍ୟାନ ପାଇଁ ବିଗ୍ ଡାଟା ଏବଂ ଡାଟା ସାଇନ୍ସ ସମ୍ପର୍କିତ ଜାତିସଂଘ ବିଶେଷଜ୍ଞ କମିଟି (ୟୁଏନ-ସିଇବିଡି)ର ଗଠନ ସ୍ଥାୟୀ ବିକାଶ ଲକ୍ଷ୍ୟ ତଦାରଖ ଏବଂ ରିପୋର୍ଟିଂର ସମ୍ଭାବନା ସମେତ ବିଗ୍ ଡାଟାର ଲାଭ ଏବଂ ଆହ୍ୱାନଗୁଡିକର ଅଧିକ ଅନୁସନ୍ଧାନ ପାଇଁ କରାଯାଇଥିଲା।

ଏଥିସହ ଭାରତ ଏକ ଲମ୍ବା ବ୍ୟବଧାନ ପରେ ଜାତିସଂଘ ପରିସଂଖ୍ୟାନ ପରିଷଦର ସଦସ୍ୟତା ଗ୍ରହଣ କରିଛି। ବିଶେଷଜ୍ଞ କମିଟିରେ ଭାରତର ଅନ୍ତର୍ଭୁକ୍ତି ଦେଶର ପରିସଂଖ୍ୟାନ ଇକୋସିଷ୍ଟମ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କମିଟିର ଏକ ଅଂଶ ଭାବେ ଭାରତ ସରକାରୀ ପରିସଂଖ୍ୟାନ ଲାଗି ବିଗ୍ ଡାଟା ଓ ଡାଟା ସାଇନ୍ସ ବ୍ୟବହାର କରିବା ଉଦ୍ଦେଶ୍ୟରେ ବିଶ୍ୱସ୍ତରୀୟ ମାନକ ଓ ଅଭ୍ୟାସଗୁଡ଼ିକୁ ଆକାର ଦେବାରେ ଯୋଗଦାନ କରିବ। ଏହି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ବିଶ୍ୱ ପରିସଂଖ୍ୟାନ ସମୁଦାୟରେ ଭାରତର ବଢୁଥିବା ପ୍ରତିଷ୍ଠା ଏବଂ ତଥ୍ୟ ଏବଂ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରି ସୁଚିନ୍ତିତ ନିଷ୍ପତ୍ତି ନେବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି।

ଏହି ବିଶେଷଜ୍ଞ କମିଟିରେ ଭାରତର ସକ୍ରିୟ ଅଂଶଗ୍ରହଣ ଡାଟା ଇନୋଭେସନ ଲ୍ୟାବ୍ ସ୍ଥାପନ ଓ ନୀତି ନିର୍ଦ୍ଧାରଣ ଲାଗି ସାଟେଲାଇଟ୍ ଇମେଜରୀ ଓ ମେସିନ୍ ଲର୍ଣ୍ଣିଂ ଭଳି ବିକଳ୍ପ ଡାଟା ଉତ୍ସ ଆବିଷ୍କାର ଆଦି ଭାରତର ଅଭିନବ ପଦକ୍ଷେପଗୁଡ଼ିକୁ ରେଖାଙ୍କିତ କରିବ। ଏହି ଆନ୍ତର୍ଜାତିକ ଫୋରମରେ ଯୋଗଦାନ କରିବାର ସୁଯୋଗ ଭାରତକୁ ଏହି କ୍ଷେତ୍ରରେ ଏକ ପ୍ରମୁଖ ଅଂଶୀଦାର ଭାବେ ଅବସ୍ଥାପିତ କରିଛି। ବିଗ୍ ଡାଟା ଓ ଡାଟା ସାଇନ୍ସ କ୍ଷେତ୍ରରେ ଦେଶରେ ହୋଇଥିବା ବିକାଶକୁ ➢ପୃଷ୍ଠା-୬

### ବଳପୂର୍ବକ ବାଲିଘାଟ ଦଖଲ ଉଦ୍ୟମ

## ଲିଜଧାରୀ ବ୍ୟବସାୟୀଙ୍କୁ ଗ୍ୟାଙ୍ଗଷ୍ଟରର ଧମକ

**କଟକ,୧୧।୧(ସଂଚାର ବ୍ୟୁରୋ):** ବାଲିଘାଟ ଛାଡିବାକୁ ଲିଜଧାରୀଙ୍କୁ ଧମକ ଦେଉଛି ଗ୍ୟାଙ୍ଗଷ୍ଟର । ପ୍ରଥମେ ଲକ୍ଷାଧିକ ଟଙ୍କା ବଟି ନେବା ପରେ ଏବେ ପୂରା ବାଲିଘାଟ ଦଖଲ କରିବାକୁ ଧମକ ଦିଆଯାଇଛି । ଘାଟ ନଛାଡିଲେ ହତ୍ୟା କରାଯିବ । ଏଭଳି ଅଭିଯୋଗ ନେଇ ଶନିବାର ଅପରାହ୍ନରେ ସଦର ଥାନା ଅନ୍ତର୍ଗତ କାଜିପାଟଣା ଅଞ୍ଚଳର ପ୍ରଭାସ କୁମାର ମହାନ୍ତି ଡିସିପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗ୍ୟାଙ୍ଗଷ୍ଟର ଚିକେନ ବାବୁ ଓରଫ ରାଜବିହାରୀ ଦାଶ ଏଭଳି ବାରମ୍ବାର ଧମକ ଦେଉଥିବା ସେ ଦର୍ଶାଇଛନ୍ତି । କାଜିପାଟଣା ଅଞ୍ଚଳର ଭବାନୀ ଶଙ୍କର ମହାନ୍ତି ଜଗତସିଂହପୁର ଜିଲ୍ଲା ବରିଡି ଥାନା ଅନ୍ତର୍ଗତ ଚାଷୀଖଣ୍ଡ ଗ୍ରାମରେ ଥିବା ବାଲିଘାଟକୁ ଲିଜସୂତ୍ରରେ ନେଇଛନ୍ତି । ଗଲା ଏକ ବର୍ଷ ହେବ ସେ ଉକ୍ତ ଘାଟକୁ ଚଳାଇ ଆସୁଛନ୍ତି। ଆରମ୍ଭରୁ ଉକ୍ତ ବାଲିଘାଟକୁ ଦଖଲ ପାଇଁ ଗ୍ୟାଙ୍ଗଷ୍ଟର ➢ପୃଷ୍ଠା-୬

### 'କପିଳାସ ହାଫ୍ ମାରାଥନ'ର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

# ଢେଙ୍କାନାଳର ବିକାଶ 'ଡବଲ ଇଞ୍ଜିନ'ର ଦାୟିତ୍ୱ



**ଢେଙ୍କାନାଳ,୧୧।୧(ସଂଚାର ବ୍ୟୁରୋ):** ଆକାଂକ୍ଷୀ ଜିଲ୍ଲା ଢେଙ୍କାନାଳର ସଂସ୍କୃତି, ଐତିହ୍ୟର ସଂରକ୍ଷଣ ସହ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ଢେଙ୍କାନାଳ କପିଳାସ ଅଭୟାରଣ୍ୟର ସବୁଜ ସୁନ୍ଦର ପରିବେଶରେ କେନ୍ଦ୍ର ମନ୍ତ୍ରୀ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ' ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ କରିବା ଅବସରରେ ଉପରୋକ୍ତ ମତ ଦେବା ସହ ହାତୀ ଓ ପରିବେଶ ସୁରକ୍ଷା ଦିଗରେ ସଚେତନତା ସୃଷ୍ଟି ପାଇଁ ଏହା ଏକ ସାଧୁ ଉଦ୍ୟମ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

● ମନୁଷ୍ୟ ଓ ହାତୀ ମଧ୍ୟରେ ସନ୍ତୁଳନ ରକ୍ଷା ଦିଗରେ ସଚେତନତା ସୃଷ୍ଟି କରାଯାଉ

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଜୈବ ବିବିଧତାରେ ପରିପୂର୍ଣ୍ଣ କପିଳାସର ସଂରକ୍ଷଣ ଓ ଗଜରାଜଙ୍କ ସୁରକ୍ଷା ଦିଗରେ ସାମାଜିକ ସଚେତନତା ସୃଷ୍ଟି ଦିଗରେ ପଦକ୍ଷେପ ଆବଶ୍ୟକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫିଟ୍ ଇଣ୍ଡିଆର ଆହ୍ୱାନ କ୍ରମେ ଏହି ମାରାଥନ ସମାଜରେ କେବଳ ସୁସ୍ଥ ଜୀବନଶୈଳୀ ଓ ଫିଟନେସକୁ ପ୍ରୋତ୍ସାହିତ କରିବ ତା' ନୁହେଁ, ବରଂ ସମାଜରେ ପରିବେଶ ସୁରକ୍ଷା ଓ ପର୍ଯ୍ୟଟନର ବିକାଶରେ ମଧ୍ୟ ସଚେତନ କରାଇବ। ➢ପୃଷ୍ଠା-୬

# ପାହାଡ଼ ଗିଳିଦେଲେ ପଥର ମାଫିଆ

**ଢେଙ୍କାନାଳ,୧୧।୧(ସଂଚାର ବ୍ୟୁରୋ):** ଗ୍ରାନାଇଟ ତଥା କଳାପଥର ପରିପୂର୍ଣ୍ଣ ଜଙ୍ଗଲରେ ଥିଲେ ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ପଞ୍ଚାୟତ ନୂଆକଷ୍ଟିପାଳ ଗ୍ରାମର କଳାପଥର ଠାକୁରାଣୀ। ନିରୀହ ଶବର ସମ୍ପ୍ରଦାୟ ଆଦିବାସୀଙ୍କ କଳାପଥର ଠାକୁରାଣୀ ଥିଲେ ଆରାଧ୍ୟ ଗ୍ରାମ ଦେବତୀ। ହେଲେ ପଥର ମାଫିଆ ସାଜିଥିବା ମେଘା କ୍ରସର ମାଲିକ ପାହାଡକୁ ଗିଳିଦେଲେ। ଶେଷକୁ ଶବର ମାନଙ୍କୁ ତାଙ୍କର ଠାକୁରାଣୀଙ୍କ



● ପରିତ୍ୟକ୍ତ ଅବସ୍ଥାରେ ଆଦିବାସୀଙ୍କ ଠାକୁରାଣୀ
● ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପାଇଁ ନିବେଦନ

ପୂଜା ବି କରାଇ ଦେଲେନାହିଁ। କଳା ଠାକୁରାଣୀ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିବା ନେଇ ଶବର ମାନଙ୍କ ମଧ୍ୟରେ ଚରମ ଅସନ୍ତୋଷ ପ୍ରକାଶ ପାଉଛି। ନୂଆକଷ୍ଟିପାଳ ଗ୍ରାମ ସଂଲଗ୍ନ ପାହାଡ ବୃକ୍ଷଲତାରେ ପରିପୂର୍ଣ୍ଣ ଥିଲା। ସଂଧ୍ୟା ହେଲେ ବନ୍ୟଜନ୍ତୁ ମାନଙ୍କ ଶବ୍ଦରେ ପାହାଡ କଡର ଏହି ଗାଁ ଗୁଡିକରେ ତାଟି କବାଟ ପଡ଼ି ଯାଉଥିଲା। ସୁନ୍ଦର, ସମୃଦ୍ଧ ସବୁଜିମା ପରିବେଶରେ ଆଦିବାସୀମାନେ ପ୍ରକୃତି ସହ ପାରମ୍ପରିକ ଜୀବନ ବିତାଉଥିଲେ। ହେଲେ ଜଙ୍ଗଲରେ ଥିବା କଳାପଥର ଉପରେ ପଥର ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଲା। ସେଥିପାଇଁ ଏହି ଜଙ୍ଗଲରେ ପ୍ରଥମେ ସମ୍ପୂର୍ଣ୍ଣ ବେଆଇନ ଭାବେ ମେଘା କ୍ରସର ସ୍ଥାପନ କଲେ କେନ୍ଦ୍ରାପଡ଼ାର କଳାପଥର ମାଫିଆ। ଜଗବନ୍ଧୁ ଏଣ୍ଟରପ୍ରାଇଜର୍ସ ନାମକ ବେଆଇନ ମେଘା କ୍ରସରକୁ ଆଇନରେ ପରିଣତ କରିବା ପାଇଁ ପ୍ରଶାସନ ➢ପୃଷ୍ଠା-୬

# ଗୃହଶତ୍ରୁ ବିଭୀଷଣ ?



ଦକ୍ଷ ଅଫିସର । ଦକ୍ଷତାର ସହ କାମ କରୁଛନ୍ତି। ସେ ଡିଜିପି ସମ୍ମିଳନୀ ହେଉ ବା ପ୍ରବାସୀ ଭାରତୀୟ ସମ୍ମିଳନୀ । ସବୁକୁ ସଫଳତାର ସହ ଶେଷ କରି କମିଶନରେଟ ପୋଲିସର ଭୁବନେଶ୍ୱର ୟୁପିଡ଼ି ସାବାସୀ ସାଉଁଟିଛି। ନିଜେ ପୋଲିସ କମିଶନର, ଆସିଷ୍ଟାଣ୍ଟ କମିଶନର ଓ ଭୁବନେଶ୍ୱର ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶେଷ ହୋଇଛି ଏହି ସମ୍ମିଳନୀ। କିନ୍ତୁ କମିଶନରେଟ ପୋଲିସର ପାରିବା ପଣିଆଠାରୁ ଅପାରଗତା କୁ ନେଇ ବେଶି ଚର୍ଚ୍ଚା ହେଉଛି। ଟିଭି ଖୋଲିଲେ ମର୍ଡର, ଲୁଟ ଭଳି ଖବର ଶିରୋନାମା ପାଲଟିଛି। ଆଉ ଏସବୁ ପଛରେ ଜଣେ ପୁଲିସ ବାବୁଙ୍କ ହାତ ଥିବା କୁହାଯାଉଛି। ଗଣମାଧ୍ୟମକୁ ମ୍ୟାନେଜ କରିବାକୁ ରହିଥିବା ଏ ବାବୁ କୁଆଡେ ଏବେ ବି ବିରୋଧୀଙ୍କ ଶରଣରେ ରହିଛନ୍ତି। ରହନ୍ତେ ନାହିଁ ବା କେମିତି ? ଏହି ବାବୁ ଜଣଙ୍କ ବହୁ ବର୍ଷ ଧରି ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଖେ ପାଖେ ଥିଲେ। ଭଲ ମନ୍ଦ ସବୁ ବୁଝୁଥିଲେ। ସଫାରି ଡ୍ରେସ ପିନ୍ଧୁଥିଲେ ସୁଦ୍ଧା ବିଜେଡି ପାଇଁ ଜି ଜାନ୍ ଲଗାଇ ଦେଉଥିଲେ। ଆଉ ପରେ ସେଥିପାଇଁ ତାଙ୍କୁ ପ୍ରାଇଜ ପୋଷ୍ଟିଂ ହିସାବରେ ଭୁବନେଶ୍ୱର ଟ୍ରାଫିକ ସମ୍ଭାଳିବା ପାଇଁ ଦାୟିତ୍ୱ ମିଳିଥିଲା। ସେହି ସମୟରେ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିଲେ ସୁଦ୍ଧା ଛାମୁଙ୍କ ଆଶୀର୍ବାଦ ଥିବାରୁ କେହି ତାଙ୍କର କିଛି କରିପାରିନଥିଲେ। ଏବେ ସରକାର ବଦଳିଛି । ଦକ୍ଷ ଅଫିସର ମଧ୍ୟ ଆସିଛନ୍ତି । କିନ୍ତୁ ଏହି ଶଙ୍ଖ ମାର୍କା ବାବୁ ସମସ୍ତ ଗୁଇନ୍ଦା ତଥ୍ୟ ଲିକ କରୁଥିବା ଅଭିଯୋଗ ଏବେ ଖୋଦ ପୁଲିସ ମହଲରୁ ଶୁଣିବାକୁ ମିଳୁଛି । କେବଳ ସେତିକି ନୁହେଁ, ସିଧାସଳଖ ସନ୍ନ୍ୟାସୀଙ୍କ ସହ ଲିଙ୍କରେ ଥିବା ଏହି ଅଫିସର ନବୀନ ନିବାସ ଯାଉନଥିଲେ ମଧ୍ୟ, କମିଶନରେଟ ପୋଲିସରେ ସୋରିଷ ଫୁଟିଲେ ସେଠାରେ ଖବର ପହଞ୍ଚୁଛି। ଡିସିପିଙ୍କ ପାଖେ ପାଖେ ରହି ବିରୋଧୀଙ୍କୁ କୁଆଡେ ବଳ ଯୋଗାଉଛନ୍ତି ଏହି ବାବୁ ଜଣଙ୍କ। ପୋଲିସର ପ୍ଲାନ ବିଷୟରେ ଶତ୍ରୁ ପକ୍ଷକୁ ଜଣାଇ ବିଭାଗକୁ ନିନ୍ଦିତ କରୁଥିବା ଅଭିଯୋଗ ମଧ୍ୟ ଶୁଣିବାକୁ ମିଳିଛି। ଏପରିକି କିଛି କ୍ରାଇମ ଡିଟେକ୍ସନ କେସରେ ଅଯଥା ମୁଣ୍ଡ ପୂରାଇ ଅସଫଳ ହେବାପରେ ଭୁବନେଶ୍ୱର ୟୁପିଡିକୁ ବଦନାମ ମୁଣ୍ଡାଇବାକୁ ପଡିଛି । ଯଦି ଏହା ସତ୍ୟ ହୋଇଥାଏ, ତେବେ ଆଗକୁ ପରିସ୍ଥିତି ନିହାତି ଭାବେ ଭୟଙ୍କର ହେବ, ଏଥିରେ କୌଣସି ସନ୍ଦେହ ନାହିଁ ।

● ଏବେବି ସନ୍ନ୍ୟାସୀଙ୍କ ଯୋଗାଯୋଗରେ ଖାକି ବାବୁ
● ଗୁପ୍ତ ତଥ୍ୟ ଲିକ ପଛରେ ଶଙ୍ଖ ମାର୍କା ଅଫିସର



### କାନ ଡେରିଥା

ସହଦେଓ୍ୱ ନାୟକ ହତ୍ୟା
ଘଟଣା
ନିହାତି ଆଘାତ ଦେଇଛି
ଏହାକୁ ନେଇକି ରାଜନୀତି
କରି
ବିଜେଡି ଯେ ଫସି ଯାଇଛି
ମମିତା ଯେ ଝୁରି ହେଉଛି...
ଏତେ ବର୍ଷ ଧରି ନ୍ୟାୟ
ନପାଇ
ନରକରେ ପେଷି ହେଉଛି ।

■ ଦେବାଶିଷ

# ନବୀନ ହୋଇପାରୁନାହାନ୍ତି ବିଜେଡି ସଭାପତି

**ଭୁବନେଶ୍ୱର,୧୧।୧(ସଂଚାର ବ୍ୟୁରୋ):** ନବୀନ ପଟ୍ଟନାୟକ ପୁନର୍ବାର ବିଜେଡି ସଭାପତି ଭାବେ ନିର୍ବାଚିତ ହୋଇପାରୁନାହାନ୍ତି। ଜାନୁଆରୀ ୧୦ ତାରିଖ ସୁଦ୍ଧା ନବୀନଙ୍କ ସଭାପତି ଭାବେ ଘୋଷଣା କରିବାର ଲକ୍ଷ୍ୟ ଥିବାବେଳେ ପଦ୍ମ ଘୁଞ୍ଚ ଘୁଞ୍ଚି ଯିବାଭଳି ଅବସ୍ଥା ଉପୁଜିଛି। ସାଂଗଠନିକ ନିର୍ବାଚନ ପାଇଁ ବର୍ତ୍ତମାନ ସୁଦ୍ଧା ଦଳର ଷ୍ଟେଟ ରିଟର୍ଣ୍ଣିଂ ଅଫିସର ବି ନିଯୁକ୍ତ ହୋଇପାରୁନାହାନ୍ତି। ଆଞ୍ଚଳିକ ଦଳ ଭାବେ ବିଜେଡି ତା'ର ସଭାପତି ଓ ଅନ୍ୟାନ୍ୟ କର୍ମକର୍ତ୍ତା ନିର୍ବାଚନ କରିବା ସହ ଆଇନ ଅନୁଯାୟୀ ନିର୍ବାଚନ କମିଶନଙ୍କୁ ତାହା ଅବଗତ କରିଥାଏ। ଚଳିତ ବର୍ଷ ଜାନୁଆରୀ ୧୦ ତାରିଖ ସୁଦ୍ଧା ସମସ୍ତ ସାଂଗଠନିକ ନିର୍ବାଚନ ସାରିବା ଏବଂ ନବୀନଙ୍କୁ ସଭାପତି ଭାବେ ନିର୍ବାଚିତ କରିବାପାଇଁ ସ୍ଥିର ହୋଇଥିଲା । ଏଥିପାଇଁ ଦଳ ପକ୍ଷରୁ ସଭ୍ୟସଂଗ୍ରହ ପ୍ରକ୍ରିୟା ବି ଆରମ୍ଭ ହୋଇଥିଲା। ହେଲେ ପ୍ରଥମେ ବହୁ ଆଡମ୍ବରରେ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଏବେ ଏକ ପ୍ରକାର ଲଘୁକ୍ରିୟାରେ



● ଆରମ୍ଭ ହୋଇପାରୁନି ନିର୍ବାଚନ ପ୍ରକ୍ରିୟା
● ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଶୀତଳଭଣ୍ଡାରରେ

ପରିଣତ ହୋଇଛି । ବହୁ ଜିଲ୍ଲାରେ ସଭ୍ୟ ସଂଗ୍ରହ ହୋଇପାରୁ ନାହିଁ କି ଏଥିପ୍ରତି କାହାର ବି ଆଗ୍ରହ ନାହିଁ । ସଭ୍ୟ ସଂଗ୍ରହ ପ୍ରକ୍ରିୟା ତ୍ୱରାନ୍ୱିତ ଲାଗି ମାମଲତକାରମାନେ ଶଙ୍ଖଭବନରେ ଘନ ଘନ ବୈଠକ କରୁଛନ୍ତି। ଦଳର ଯୁବ, ଛାତ୍ର, ମହିଳା ଶାଖାକୁ ଡକାଯାଉଛି। ହେଲେ ଅଧିକାଂଶ ମାମଲତକାର ଗତ ନିର୍ବାଚନରେ ଚିତ୍ପଟାଙ୍ଗ ମାରିଥିବାରୁ ସେମାନଙ୍କୁ ଆଉ ଯୁବନେତାମାନେ ବିଶ୍ୱାସକୁ ନେଉନାହାନ୍ତି। ଏପରିକି କେତେକ ବିଦ୍ରୋହ କରିବା ସ୍ଥିତିରେ ପହଞ୍ଚିଥିବା ସୂଚନା ମିଳିଛି । ଦଳରେ ଭିତରେ ଥିବା ଅସନ୍ତୋଷ ଓ ମାମଲତକାରମାନଙ୍କ ଅହେତୁକ ସନ୍ନ୍ୟାସୀ ପ୍ରତିକୁ ନେଇ ସଂଗଠନର ଛାମୁଆକର୍ମୀମାନେ ଅସନ୍ତୋଷ ପ୍ରକଟ କରିବା ସହିତ ଆଉ ପୂର୍ବଭଳି ଦଳୀୟ କାର୍ଯ୍ୟାଳୟକୁ ଆସୁନାହାନ୍ତି ।

ନିକଟରେ ଦଳ ସଭାପତି ଚାଷୀଙ୍କ କ୍ଷତି ବୁଝିବା ଆଳରେ କେତେକ ଜିଲ୍ଲାକୁ ଗସ୍ତ କରିଥିଲେ ମଧ୍ୟ କର୍ମୀଙ୍କ ଉପରେ ତାହାର ସେଭଳି କିଛି ପ୍ରଭାବ ପଡିନାହିଁ। କାରଣ ନବୀନଙ୍କ ସହିତ ଯାଇଥିବା ନେତାମାନଙ୍କୁ ଦଳୀୟ କର୍ମୀମାନେ ଆଉ ବିଶ୍ୱାସକୁ ନେଉ ନାହାନ୍ତି । ଏମାନେ ନିଜ ବୁଦ୍ଧି ଅପେକ୍ଷା ସନ୍ନ୍ୟାସୀଙ୍କ ବୁଦ୍ଧିରେ ପରିଚାଳିତ ହେଉଥିବାରୁ କେତେକ କର୍ମୀ ସଭ୍ୟ ସଂଗ୍ରହ ବହି ଫେରାଇବାକୁ ସ୍ଥିର କରୁଥିବା ସୂଚନା ମିଳିଲାଣି । ଗୋଟିଏ ପଟେ ଦଳରେ ଅସନ୍ତୋଷ ଓ ଅନ୍ୟପଟେ ଦଳର ଦୁଇ ସାଂସଦ ଦଳ ➢ପୃଷ୍ଠା-୬

**ରୋଗଗ୍ରସ୍ତ ବରିଷ୍ଠ କଳାକାର**

# ସଙ୍ଗୀତରେ ଝୁମାଉଥିଲେ, ଆଜି କାନ୍ଦୁଛନ୍ତି

**କେନ୍ଦ୍ରାପଡ଼ା, ୧୧।୧ (ସଂଚାର ବ୍ୟୁରୋ) :** ଭଜନ ଜଣାଣର ସଙ୍ଗୀତରେ ଦୀର୍ଘ ବର୍ଷ ଧରି ସାରା ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଆସିଥିବା ଜଣେ ବରିଷ୍ଠ କଳାକାର ଆଜି ଅସହାୟ ଅବସ୍ଥାରେ କାଳତିପାତ କରୁଛନ୍ତି । ଅନେକଙ୍କୁ ସଙ୍ଗୀତ ଶିକ୍ଷା ଦେଇଥିବା ବ୍ୟକ୍ତି ଆଜି କାନ୍ଦୁଛନ୍ତି । ଭଗବାନଙ୍କ ସଙ୍କୀର୍ତ୍ତନ କରି ଭକ୍ତି ରସରେ ହଜାଉଥିଲେ ଏବେ ଇଚ୍ଛା ଥିଲେ ସୁଦ୍ଧା ରୋଗରେ ଆକ୍ରାନ୍ତ ହେବାପରେ ଆଉ ସଙ୍ଗୀତ ଗାନ ପାଇଁ ଯାଇପାରୁନାହାନ୍ତି । ୪୦ ବର୍ଷ ଧରି କେନ୍ଦ୍ରାପଡ଼ା ତଥା ପଡ଼ୋଶୀ ଜିଲ୍ଲାରେ ଭଜନ ଗାଇ ନିଜର ପରିଚୟ ସୃଷ୍ଟି କରିଥିଲେ। ଭଜନ ସାଙ୍ଗକୁ ହାରମୋନିୟମ ବଜାଇ ଭକ୍ତି ରସରେ ଝୁମାଉଥିଲେ। ହେଲେ ଭଗବାନ ଏତେ ନିର୍ଦ୍ଦୟ ହେଲେ ଯେ ଏବେ କଳାକାର ଜଣଙ୍କ ମରଣ ସହ ଲଢ଼େଇ କରୁଛନ୍ତି । ଏକ ଭଙ୍ଗା ଝାଟିମାଟି ଚାଳ ଘରେ ସେ ପଡ଼ି ରହିଛନ୍ତି । ଦୀର୍ଘ ୬ ମାସ ହେଲା ସେ ଶଯ୍ୟାଶାୟୀ । ନିଜେ ଚାଲିବା ବୁଲିବା କଷ୍ଟକର ହୋଇପଡ଼ିଛି । ନିଜ ପୁଅ ଏବଂ ପତ୍ନୀଙ୍କ ସହାୟତାରେ ସେ ବଞ୍ଚିଛନ୍ତି । ଏଭଳି ସମସ୍ୟା ଦେଖା ଦେଇଛି କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ବ୍ରହ୍ମପୁର ଗ୍ରାମର ରଘୁନାଥ ସୁତାର(୬୯)ଙ୍କ ନିକଟରେ । ହସଖୁସିରେ ରଘୁନାଥଙ୍କ ଦିନ ବିତୁଥିଲା । ହେଲେ ଅସୁସ୍ଥତା ସବୁ କିଛି ଉଜାଡ଼ି ଦେଲା ।



ଆଜକୁ ଅନେକ ଦିନ ହେବ ସେ ଶଯ୍ୟାଶାୟୀ ହୋଇ ଗୋଟିଏ ସ୍ଥାନରେ ପଡ଼ି ରହିଛନ୍ତି । କିଡନୀ ଏବଂ ହାର୍ଟରେ ସମସ୍ୟା ହେତୁ ଶରୀର କାର୍ଯ୍ୟ କରୁନାହିଁ । ପ୍ରତ୍ୟେକ ମାସରେ ମେଡ଼ିସିନ ପାଇଁ ୫ ହଜାର ଟଙ୍କା ଆବଶ୍ୟକ ରହିଥିବା ବେଳେ ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ ଅର୍ଥ ନଥିବାରୁ ଏବେ ସେ ଅଚଳ ହୋଇ ପଡି ରହିଛନ୍ତି । ପ୍ରଥମେ କିଛି ମାସ ମେଡ଼ିସିନ ଖାଇ ସୁସ୍ଥ ହେବା ପରେ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଅପରେସନ ହୋଇ ପାରିବେ ବୋଲି ଡ଼ାକ୍ତର କହିଛନ୍ତି । ହେଲେ ଅର୍ଥର ଅଭାବ ରହିଥିବାରୁ ସେ ମେଡ଼ିସିନ ନଖାଇ ଘରେ ପଡ଼ିଛନ୍ତି । ସେପଟେ ଏହିଭଳି ଜଣେ ଜଣାଶୁଣା କଳାକାରଙ୍କୁ ପ୍ରଶାସନ ଅବହେଳା କରିଛି । ନା ତାଙ୍କୁ କଳାକାର ଭତା ମିଳୁଛି ନା ପକ୍କା ଘର ଖଣ୍ଡେ ଦିଆଯାଇଛି । ଗରିବ କଳାକାର ଜଣଙ୍କ ବଞ୍ଚିବା ପାଇଁ ନିବେଦନ କରୁଛନ୍ତି ।

ମୋତେ ଟିକେ ସାହାଯ୍ୟ କର । ମୁଁ ବଞ୍ଚି ଯିବି । ମୋ ପିଲା ଓ ପରିବାର ବଞ୍ଚିଯିବ । 'ଏମିତି ଆକୁଳ ନିବେଦନ କରି ଭେଁ ଭେଁ ହୋଇ ସେ କାନ୍ଦିଛନ୍ତି । ତେବେ କଳାକୁ ବଞ୍ଚାଇବା ଲାଗି ନିଜେ ରଘୁନାଥ ଅନେକ ପିଲାଙ୍କୁ ଶିକ୍ଷାଦାନ କରି ଜୀବିକା ସୁଯୋଗ ସୃଷ୍ଟି କରିଛନ୍ତି । କିନ୍ତୁ ଆଜି ସେ ଜୀବନ ସହ ଯୁଦ୍ଧ କରୁଛନ୍ତି । ଜଣେ ପ୍ରତିଷ୍ଠିତ କଳାକାରଙ୍କୁ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳିପାରିନି । ସେ ତାଙ୍କ ପରିବାର

**ଚିକିତ୍ସା ପାଇଁ ବାଧକ ସାଜିଛି ଅର୍ଥ**

**ନା ଅଛି ସରକାରୀ ବାସଗୃହ, ନା ମିଳିଛି କଳାକାର ଭତ୍ତା**

ପାଇଁ ଏକମାତ୍ର ରୋଜଗାରିଆ । ନିଜର ସନ୍ତାନ ଓ ପତ୍ନୀ ପରିବାର ବଂଚିବା ଆଶାରେ ରଘୁନାଥ ପ୍ରଶାସନକୁ ଗୁହାରୀ କରୁଛନ୍ତି ବୋଲି ସ୍ଥାନୀୟ ଅଞ୍ଚଳର ସମାଜସେବୀ ଗୁରୁପଦ ଦାଶ କହିଛନ୍ତି । ଏନେଇ ବ୍ରହ୍ମପୁର ବାସିନ୍ଦା ତଥା ଯୁବ ସଂଗଠକ ରମାକାନ୍ତ ବେହେରା କୁହନ୍ତି ଆମ ପକ୍ଷରୁ ରଘୁନାଥଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରାଯିବ । ଯଦି କେହି ବଦାନ୍ୟ ବ୍ୟକ୍ତି ସହଯୋଗ କରନ୍ତି ତେବେ ସେ ବଞ୍ଚିବାର ଆଶା ପାଇବା ସହ ଗ୍ରାମାଞ୍ଚଳର କଳାକୁ ବଞ୍ଚାଇବା ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି ।

# ଦିବ୍ୟାଙ୍ଗଙ୍କୁ ସହାୟତାର ହାତ ବଢ଼ାଇଲା କଳିଙ୍ଗ ନବଦିଗନ୍ତ

**ଆଳି, ୧୧।୧ (ସଂଚାର ବ୍ୟୁରୋ):** ସୁଦୂର ବାଙ୍ଗାଲୋରରେ ଦାଦନ ଶ୍ରମିକ ଭାବେ ଆଳି ବ୍ଲକ ଅନ୍ତର୍ଗତ ମଧୁ ଗ୍ରାମର କିରଣ ସ୍ୱାଇଁ ପାଣି ପାଇପ୍ ମିସ୍ତ୍ରୀ ଭାବେ କାମ କରୁଥିଲେ। କାମ କରିବା ସମୟରେ ଅସାବଧାନତା ବଶତଃ ତାଙ୍କର ଡାହାଣ ଗୋଡର କାଣୀ ଆଙ୍ଗୁଠିରେ ଆଘାତ ଲାଗି ଏକ କ୍ଷତ ସୃଷ୍ଟି ହୋଇଥିଲା । ସେହି କ୍ଷତ ପିରେ ସଂକ୍ରମିତ ହୋଇ ପ୍ରଥମେ କାଣୀ ଆଙ୍ଗୁଠି ପରେ କ୍ରମାନ୍ୱୟରେ ସମସ୍ତ ଆଙ୍ଗୁଠି କଟାଯିବା ପରେ ମଧ୍ୟ ତାହା ଭଲ ନହେବା କାରଣରୁ ଏବେ ତାଙ୍କର ଗୋଟିଏ ଗୋଡ ର ଅଣ୍ଟୁ ପର୍ଯ୍ୟନ୍ତ କଟା ଯାଇଛି। ତଥାପି କ୍ଷତ ଶୁଖୁନାହିଁ। ସମ୍ପୂର୍ଣ୍ଣ ରୋଜଗାର ଠପ୍ ହୋଇଯାଇଛି ନିଜେ କାର୍ଯ୍ୟ କରି ଚାରି ଜଣ ପରିବାର ପ୍ରତିପୋଷଣ କରିବା ଏବଂ ନିଜର ଚିକିତ୍ସା କରିବା ପାଇଁ ମଧ୍ୟ ସେ ସଂପୂର୍ଣ୍ଣ ଅକ୍ଷମ । ଏଭଳି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ କଳିଙ୍ଗ ନବଦିଗନ୍ତ ସଂଗଠନର ସଭାପତି ବିଜୟ ପାଣ୍ଡଙ୍କ ନେତୃତ୍ୱରେ ସଂଗଠନର କିଛି ସଦସ୍ୟ କିରଣ ସ୍ୱାଇଁଙ୍କ ମଧୁ ବାସଭବନରେ ଭେଟି ସମ୍ପୂର୍ଣ୍ଣ ଘଟଣା ବିଷୟରେ ଆଲୋଚନା କରିଥିଲେ। ପରିବାରକୁ ସମବେଦନା ଜଣାଇବା ସହ ପାଞ୍ଚ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । କିପରି ଭାବେ ସେ ସମ୍ପୂର୍ଣ୍ଣ ସୁସ୍ଥହେବେ ଏବଂ ତାଙ୍କ ପରିବାର କିପରି ଭାବରେ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହେବ ସେନେଇ ଜିଲ୍ଲାପାଳଙ୍କୁ ଭେଟି ଦାବି ଜଣାଇବା ପାଇଁ ସଂଗଠନର ସଭାପତି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟ ଅନୁଷ୍ଠାନ ଓ ବଦାନ୍ୟ ବ୍ୟକ୍ତିମାନ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା।



# ବଙ୍ଗାଳପୁର ସେବା ସମବାୟ ସମିତିରେ ଧାନ ମଣ୍ଡି ଉଦଘାଟିତ

**ଗରଦପୁର, ୧୧।୧ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ବଙ୍ଗାଳପୁର ସେବା ସମବାୟ ସମିତି ପକ୍ଷରୁ ସମିତି କାର୍ଯ୍ୟାଳୟ ପରିସରରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ସମିତିର ସଭାପତି ରମେଶ ଚନ୍ଦ୍ର ମିଶ୍ର ଙ୍କ ଉପସ୍ଥିତିରେ ସ୍ଥାନୀୟ ସରପଞ୍ଚ ଅମୀୟ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସରକାର ଙ୍କ ନୀୟମ ଅନୁସାରେ ଏଫଏକ୍ୟୁ ଧାନ ନିର୍ଦ୍ଧାରିତ ଅର୍ଥ ରାଶି ଦ୍ୱାରା ସମିତି କିଣିବା ପରେ ସବସିଡ ଇନପୁଟ ଅର୍ଥ ରାଶି ପ୍ରଦାନ କରାଯିବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ତେବେ କେତକ ଚାଷୀ ଟୁକନ ପାଇଥିଲେ ମଧ୍ୟ ଅଦ୍ୟାବଧି ଅଧାଧିକ ଟୁକନ ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାଛଡା ମିଲର ଚୟନ ହୋଇ ନପାରିବା ହେତୁ ଧାନ କିଣା ବିଳମ୍ବ ହେଉଛି ବୋଲି ଚାଷୀ ମାନେ ଅଭିଯୋଗ କରିଛନ୍ତି । ଏହି ଅବସରରେ ସମିତିର ସମ୍ପାଦକ ସତ୍ୟରଞ୍ଜନ ପାତ୍ର, ସହ ସମ୍ପାଦକ ଦିପେଶ ରାଉତରାୟ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାନ୍ତ କୁମାର ସାହୁ, ସମିତିର ନିର୍ଦ୍ଦେଶକ ପ୍ରଦୀପ୍ତ ସାମଲ, ରମାକାନ୍ତ ରାଉତ, ଚାଷୀ ପ୍ରମୋଦ କୁମାର ନାୟକ, ଜ୍ଞାନରଞ୍ଜନ ନାୟକ, ଶୈଳେନ୍ଦ୍ରେ ଲେଙ୍କା ,ସୁବାସ ସାମଲ ,ସନ୍ତୋଷ ଜେନା ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।



# ଡଲଫିନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ

**ମାର୍ଶାଘାଇ, ୧୧।୧ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଶିଳିପୁର ସ୍ଥିତ ଡଲଫିନ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡାଫୋଡିଲ ଇଂଲିଶ ମିଡିୟମ ସ୍କୁଲର ୪ର୍ଥ ବାର୍ଷିକ ଉତ୍ସବ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରାଧ୍ୟାପକ ସୁକାନ୍ତ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ବିଇଓ ସୁଶାନ୍ତ କୁମାର ବେଉରା, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନସିପାଲ ଅମ୍ରିତା ପାଲ, ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ତୁଷାର ପାଲ, ନିରଞ୍ଜନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା ସଭାପତିତ୍ୱ କରିଥିଲେ। ଶିକ୍ଷକ ପ୍ରଭାତ ପରିଡା ଅତିଥି ପରିଚୟପ୍ରଦାନ କରିଥିଲା ବେଳେ ବିଦ୍ୟାଳୟର ନିର୍ଦ୍ଦେଶକ ତୁଷାର ପାଲ ଧନ୍ୟବାଦ ପ୍ରଦାନ କରିଥିଲେ । ବିଦ୍ୟାଳୟର ଭାଇସ ପ୍ରିନ୍ସିପାଲ ଅମରେନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ ଏବଂ ପ୍ରଜ୍ଞା ନାୟକ ସ୍ୱାଗତ କରିଥିଲେ । ଶିକ୍ଷାକ୍ଷେତ୍ରରେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।




# ଏଲ. ଏନ. ବିଦ୍ୟାପୀଠରେ ମେଧାବୃତ୍ତି ପ୍ରଦାନ

**କେନ୍ଦ୍ରାପଡ଼ା, ୧୧।୧ (ସଂଚାର ବ୍ୟୁରୋ)**ବାଞ୍ଛାନିଧି ଦାସ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବାୟାବାବାଙ୍କ ଦ୍ୱାରା ପ୍ରତିଷ୍ଠିତ ମହାକାଳପଡାସ୍ଥିତ ଆଶ୍ରମବାଲିକୁଦାର ଲକ୍ଷ୍ମୀନାରାୟଣ ବିଦ୍ୟାପୀଠରେ ଶନିବାର ମେଧାବୃତ୍ତି ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ପ୍ରଭାତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ତଥା ଆମେରିକାସ୍ଥିତ ଆଲାସ୍କା ବିଶ୍ୱବିଦ୍ୟାଳୟର ଏମରିଟସ ପ୍ରଫେସର ଡ. ଦେବେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ମେଧାବୃତ୍ତି ପ୍ରଦାନ କରିବା ସହିତ ସେମାନଙ୍କ ଭବିଷ୍ୟତ କିଭଳି ଭଲ ଭାବରେ ଗଢିପାରିବେ ସେ ସମ୍ପର୍କରେ ବିଭିନ୍ନ ଉପାଦେୟ ପରାମର୍ଶ ଦେଇଥିଲେ । ଏଥିସହିତ ମୁଖ୍ୟପୃଷ୍ଠପୋଷକ ଡ. ଦାସ କହିଥିଲେ ଯେ ପ୍ରତିବର୍ଷ ଏହି ବିଦ୍ୟାଳୟର ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ପ୍ରଦାନ କରାଯିବ । ପ୍ରଥମେ ବିଦ୍ୟାଳୟ ପରିସରରେ ଥିବା ବାୟାବାବାଙ୍କ ପ୍ରତିମୂର୍ତ୍ତିରେ ପ୍ରଫେସର ଡ. ଦାସ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଉତ୍ସବରେ ଜିଲ୍ଲା ପ୍ରତିଭାପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି, ପୁରାତନ ଛାତ୍ର ବିକ୍ରମାଦିତ୍ୟ ସାହୁ, ରାଜେନ୍ଦ୍ର ରାଉତ, ବିଜୟ ବେହେରା, ନିହାରରଞ୍ଜନ ଦାସ, ନାରାୟଣ ବେହେରା, ଅଶୋକ କୁମାର ପାଇଟାଳ ଓ ମହନ୍ତ ଲକ୍ଷ୍ମୀଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହାବ୍ୟବତିତ ନିକଟସ୍ଥ ବାୟାବାବା ଆଶ୍ରମର ଅନ୍ତେବାସୀମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା ।



# ଜିଲ୍ଲାପାଳଙ୍କ ଶ୍ରୀ ବଳଦେବଜୀଉ ମନ୍ଦିର ପରିଦର୍ଶନ

**କେନ୍ଦ୍ରାପଡ଼ା, ୧୧।୧ (ସଂଚାର ବ୍ୟୁରୋ):** ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରର ସଂପ୍ରସାରଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଦୀର୍ଘ ୩ ବର୍ଷ ହେଲା ମନ୍ଦିର ଚତୁପାଶ୍ୱର୍ର ବିକାଶ କାର୍ଯ୍ୟ ବନ୍ଦ ହୋଇ ଯାଇଥିବା ବେଳେ ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ମନ୍ତ୍ରୀଙ୍କୁ ଭେଟି ତୁଳସୀ କ୍ଷେତ୍ରର ଉନ୍ନତି କରିବା ପାଇଁ ଦାବି ରଖିଥିଲେ ଏହି ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିବା ଜଣାପଡିଛି । ଚଳିତ ମାସ ୪ ତାରିଖରେ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତା ରେ ଭୁବନେଶ୍ୱର ଠାରେ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ରବିନ୍ଦ୍ର ପ୍ରଧାନ, ଦେବୋତ୍ତର କମିଶନର ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ । ପୂର୍ବର ସ୍ଥଗିତ ପ୍ରକଳ୍ପ ସହ ଆଉ ଅଧିକ ଜାଗା ଅଧିଗ୍ରହଣ କରାଯାଇ ପରିସରକୁ ବ୍ୟାପକ ସଂପ୍ରସାରଣ କରାଯିବା ନିଷ୍ପତି ନିଆଯାଇଛି। ସ୍କାଏ ସର୍ଭେ ମାଧ୍ୟମରେ ସଂପ୍ରସାରିତ ଅଂଚଳକୁ ନିର୍ଦ୍ଦିଷ୍ଟ କରାଯାଇ ଥିବାବେଳେ ନୂତନ ଶୈଳୀରେ ଆର୍କିଟେକ୍ଟ ମାନଙ୍କ ସହାୟତାରେ ମନ୍ଦିର ପରିସରରେ ନୂଆ ୨ଟି ଆନନ୍ଦ ବଜାର ମଣ୍ଡପ ନିର୍ମାଣ, ମନ୍ଦିର ପଛପଟ ପ୍ରାଚୀରର ଉଚ୍ଚତା ବଢାଇବା ଆଦି ବିଷୟରେ ମଧ୍ୟ ବୈଠକରେ ଆଲେଚନା ହୋଇଥିଲା।



**ଖୁବ୍ ଶୀଘ୍ର ଆରମ୍ଭ ହେବ ଚତୁଃପାର୍ଶ୍ୱ କାର୍ଯ୍ୟ**

ଏନେଇ ଜିଲ୍ଲାପାଳ ଶ୍ରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗତ ବୁଧବାର ଦିନ ଆବାସିକ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇ ମନ୍ଦିର ପରିସର ଉନ୍ନତିକରଣର ସଂପୂର୍ଣ୍ଣ ନକ୍ସା ପ୍ରସ୍ତୁତ କରାଯାଇଛି । ତେବେ ଏନେଇ ଶନିବାର ସକାଳେ ଜିଲ୍ଲାପାଳ ଶ୍ରୀ ପ୍ରଧାନ, ଉପ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ତହସିଲଦାର ତାପସ ରଞ୍ଜନ ଦେହୁରୀ, ଦେବୋତ୍ତର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀଙ୍କ ସମେତ ଅମିନ ଆରଆଇ ମାନଙ୍କ ସହ ଅଧିଗ୍ରହଣ ହେବାକୁ ଥିବା ଅଂଚଳ ପରିଦର୍ଶନ କରାଯାଇଛି । ତେବେ ପୂର୍ବରୁ ୪୫ଜଣଙ୍କ ଜାଗା ଅଧିଗ୍ରହଣ ପାଇଁ ସ୍ଥିର ହୋଇଥିବା ବେଳେ ଆଜିର ସର୍ବେକ୍ଷଣରେ ଦୋଳ ବେଦୀ ଠାରୁ ବାମ ପଟରେ ମଠ ଆଗକୁ ଇଲେକ୍ଟ୍ରି ଅଫିସ ଓ ଯାତ୍ରୀ ନିବାସ ପଛ ପଡିଆ ପର୍ଯ୍ୟନ୍ତ ସମସ୍ତ ଜାଗା ଅଧିଗ୍ରହଣ କରାଯିବ ବୋଲି ସୂଚନା ମିଳିଛି ।

# ଯୁବଶକ୍ତିର ବିକାଶରେ ଜିଲ୍ଲାର ବିକାଶ ସମ୍ଭବ

**କେନ୍ଦ୍ରାପଡା, ୧୧।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର୍ସ (କେମ୍) ଦ୍ୱାରା ଆୟୋଜିତ ଦ୍ୱାବିଂଶତମ ରାଜ୍ୟସ୍ତରୀୟ ପୁସ୍ତକମେଳା ସହରସ୍ଥିତ ଟେଲିକମ ଗ୍ରାଉଣ୍ଡ ପରିସରରେ ଦ୍ୱାବିଂଶ କେନ୍ଦ୍ରାପଡା ରାଜ୍ୟସ୍ତରୀୟ ପୁସ୍ତକମେଳାର ୬ଷ୍ଠ ଦିବସରେ କେମ ଦ୍ୱାରା ଆୟୋଜିତ ଆଶୁ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗୀତାରେ ବିଭିନ୍ନ ସ୍କୁଲରୁ ପ୍ରାୟ ୨୦୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଯେଉଁ ପ୍ରତିଯୋଗୀ ଠିକ ଉତ୍ତର ଦେଉଥିଲେ ସେମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଅତିଥି ଭାବରେ କେମ ସଦସ୍ୟ ଜ୍ୟୋତି ରଞ୍ଜନ ନାୟକ, ପ୍ରତାପ ସ୍ୱାଇଁ, ବଂଶୀଧର ମହାନ୍ତି, ନୃସିଂହ ତ୍ରିପାଠୀ, ଶାନ୍ତନୁ ମଲ୍ଲିକ, ଧର୍ମଦର୍ଶୀ କର,ଅଭିମନ୍ୟୁ ରାଉତ, ଶିବ ଚରଣ ସାମଲ, ଯଯାତି ମହାନ୍ତି, ହିମାଂଶୁ ଦାସ, ସରୋଜ ସାହୁ, ଶୁଭାଂଶୁ ଦାସ, ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ରାଜେନ୍ଦ୍ର




**ପୁସ୍ତକମେଳାର ଷଷ୍ଠ ସନ୍ଧ୍ୟା**

ମହାପାତ୍ର ଓ ସନ୍ଦିପ ସାହୁ ପରିଚାଳନା କରିଥିଲେ । ଏହାପରେ ତିନୋଟି ସ୍ପନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅମ୍ରିନ ସାହାଦତ୍ ଓ ଡଃ ଗିରିଜାକାନ୍ତ ଦାସ ସଂଯୋଜନାରେ ସ୍ପନ୍ଦନ-୧ "ଯୁବବର୍ଗଙ୍କ ଆତ୍ମନିର୍ଭରଶିଳତା ପାଇଁ ପ୍ରଶିକ୍ଷଣ ଓ ନିଯୁକ୍ତି ସୁଯୋଗ", ସ୍ପନ୍ଦନ-୨ "ଯୁବ ଅକ୍ଷର ଶିଳ୍ପୀଙ୍କ ବହୁଭାଷୀ କଥା କବିତା ଆସର", ସ୍ପନ୍ଦନ-୩ "ସଫଳ ପ୍ରତିଯୋଗିଙ୍କ ମୁହଁରୁ ସଫଳତାର ସୂତ୍ର" ଉପରେ ଦଳଗତ ଆଲୋଚନା ହୋଇଥିଲା । ସ୍ପନ୍ଦନ-୧ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଲକ୍ଷ୍ମୀନାରାୟଣ ଅଧିକାରୀ, ଯୁବ ଚିକିତ୍ସକ ପରଭେଜ୍ ଅଖତର୍, ସମବାୟବିତ୍ ସୁଶିଲ ସାମଲ ଓ କେମ୍‌ର ସଭାପତି ତଥା ସମବାୟବିତ୍ ଇଂ ଅକ୍ଷୟ କୁମାର ପାଣି ଅତିଥି ରୂପେ ଯୋଗଦେଇ ଯୁବଶକ୍ତିର ସାମଗ୍ରୀକ ବିକାଶ ହେଲେ ଜିଲ୍ଲାର ବିକାଶ ସମ୍ଭବ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଜମୀ ସାହାଦତ୍, ନୀତୁଶର୍ମା, ସୀତାରା କାଦ୍ରୀ, ପୂଜା ସ୍ୱାଇଁ ଓ ସତ୍ୟଜିତ୍ ବେହେରା ପ୍ରମୁଖ ପ୍ରଶାସନିକ ସେବା ଅଧିକାରୀ ହେବାରେ କେମିତି ସଫଳ ହେବ ତାହା ଉପରେ ପ୍ରଶ୍ନ ପଚାରିଥିଲେ । ଏହାର ଉତ୍ତର ଅତିଥିମାନେ ପ୍ରଦାନ କରିଥିଲେ ।

# ପାଠକୀୟ ଚାହିଦାରେ 'କେନ୍ଦ୍ରାପଡ଼ା ପରିକ୍ରମା'ର ଭିତରକନିକା ବିଶେଷାଙ୍କ

**କେନ୍ଦ୍ରାପଡ଼ା, ୧୧।୧ (ସଂଚାର ବ୍ୟୁରୋ):** ଦ୍ୱାବିଶଂତମ ରାଜ୍ୟସ୍ତରୀୟ ପୁସ୍ତକମେଳା ଉଦ୍‌ଘାଟନ ଦିବସରେ ଲୋକାର୍ପିତ ହୋଇଥିବା ଚଳିତବର୍ଷ 'କେନ୍ଦ୍ରାପଡା ପରିକ୍ରମା'ର ଭିତରକନିକା ବିଶେଷାଙ୍କ ବିପୁଳ ପାଠକୀୟ ଆଦୃତି ପାଉଥିବାର ଲକ୍ଷ୍ୟ କରାଯାଇଛି । ଏହି ଆକର୍ଷଣୀୟ ପରିପାଟିରେ ପ୍ରକାଶିତ ଏହି ସଂଗ୍ରହ୍ୟ ବିଶେଷାଙ୍କରେ ଭିତରକନିକାର ଜୈବ ବିବିଧତା, ପ୍ରାକୃତିକ ବିଭବ, ହେନ୍ତାଳବଣ, ବିରଳ ପ୍ରଜାତିର ଜୀବଜନ୍ତୁ, ବଗ ଗହଣ, କୁମ୍ଭୀର ପ୍ରଜନନ କେନ୍ଦ୍ର, ଗହୀରମଥା ଅଲିଭ୍ ରିଡ୍‌ଲେ କଇଁଛ ଏବଂ ଭିତରକନିକାର ଇତିହାସ, ଅତୀତ ଓ ବର୍ତ୍ତମାନକୁ ନେଇ ସଚିତ୍ର ତଥ୍ୟ ସମ୍ବଳିତ ଆଲେଖମାନ ବିଭିନ୍ନ ଅଭିଜ୍ଞ ଲେଖକମାନଙ୍କଠାରୁ ସଂଗୃହୀତ କରାଯାଇ ସଙ୍କଳିତ କରାଯାଇଛି । ଏହି ସଦୃଶ୍ୟ ପତ୍ରିକାକୁ ସମ୍ପାଦନ କରିଛନ୍ତି କେମ୍‌ର ମୁଖ୍ୟ ଉପଦେଷ୍ଟା ଡଃ. ବିରଜା ରାଉତରାୟ ଓ ପୁସ୍ତକମେଳାର ଆୟୋଜକ କେନ୍ଦ୍ରାପଡା ଇଭେଣ୍ଟ ମ୍ୟାନେଜର (କେମ୍) ଏହାକୁ ପ୍ରକାଶ କରିଛନ୍ତି। ଭିତରକନିକାର ବିଭବ ଓ ବୈଶିଷ୍ଟ୍ୟତାକୁ ନେଇ ପ୍ରକାଶିତ ଏହି ଉପାଦେୟ ପତ୍ରିକା କ୍ରୟ କରିବା ନିମନ୍ତେ ସାଧାରଣ ପାଠକମାନଙ୍କ ମଧ୍ୟରେ ଅସାଧାରଣ ଆଗ୍ରହ ପରିଲକ୍ଷିତ ହେଉଛି। ପ୍ରକାଶକ କେମ୍ ପୁସ୍ତକମେଳା ନିମନ୍ତେ ପାଠକମାନଙ୍କ ପାଇଁ ରିହାତି ମୂଲ୍ୟରେ ବିକ୍ରୟ କରିବାର ବ୍ୟବସ୍ଥା କରିଛନ୍ତି ବୋଲି ମିଡିଆ ସଂଯୋଜକ ଲକ୍ଷ୍ମୀକାନ୍ତ ନାୟକ ପ୍ରକାଶ କରିଛନ୍ତି ।

# ଅବସରପ୍ରାପ୍ତ ଜିଲ୍ଲା ଜଜଙ୍କ ବାଡ଼ିରୁ ଦୁର୍ବୃତ୍ତ କାଟିନେଲେ ମୂଲ୍ୟବାନ ଗଛ

**କେନ୍ଦ୍ରାପଡ଼ା, ୧୧।୧ (ସଂଚାର ବ୍ୟୁରୋ):**ରାଜ୍ୟ ସ୍ୱାଧିନତା ସଂଗ୍ରାମୀ ସଂଘର ପ୍ରାକ୍ତନ ସଭାପତି ତଥା ପୂର୍ବତନ ବିଧାୟକ ସ୍ୱର୍ଗତ ପୁରୁଷୋତମ ନାୟକଙ୍କ ବାଡିରେ ଥିବା ମୁଲ୍ୟବାନ ଗଛ ଗୁଡିକୁ ସ୍ଥାନୀୟ କେତେଜଣ ଦୁର୍ବୃତ୍ତ କାଟି ନେଇଥିବା ସଦର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ

**ପ୍ରତିବାଦ କରିବାରୁ ଜୀବନରେ ମାରିଦେବାକୁ ଦେଲେ ଧମକ**



ମୁତାବକ କେନ୍ଦ୍ରାପଡା ସଦର ଥାନା ଅଧିନ ମିର୍ଜାପାଟଣା ଗ୍ରାମରେ ସ୍ୱର୍ଗତ ପୁରୁଷୋତମ ନାୟକ ଓ ତାଙ୍କ ଅନ୍ତେ ତାଙ୍କ ବଡପୁଅ ତଥା ଅବସରପ୍ରାପ୍ତ ଜିଲ୍ଲା ଜଜ ନିରଞ୍ଜନ ନାୟକଙ୍କ ତତ୍ୱାବଧାନ ରେ ଥିବା ଏହି ବଗିଚାରେ ବହୁ ପୁରୁଣା ଫଳନ୍ତି ଆମ୍ବଗଛ, ନଡିଆ ଗଛ ଓ ବଡ ବଡ ଚାକୁଣ୍ଡା ଗଛ ସବୁ କାଟି ନିଆ ଯାଇଥିବା ନାତୁଣୀ ବୋହୂ ଫାଲଗୁନୀ ଆର୍ଯ୍ୟ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଗଛ କାଟିବାକୁ ବାରଣ କରିବାରୁ ଏହି ଦୁର୍ବୃତ୍ତ ମାନେ ତାଙ୍କ ପରିବାର କୁ ଧମକ ଚମକ ଦେବା ସହ ଜୀବନରେ ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗରେ ପ୍ରକାଶ କରିଛନ୍ତି। ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

# ନହୁଣୀରେ ଧାନମଣ୍ଡି ଖୋଲିଲା

**ରାଜକନିକା, ୧୧।୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ନହୁଣି ପ୍ରାଥମିକ କୃଷି ସେବା ସମବାୟ ସମିତି ଆଜି ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବ ରେ ନୋଡାଲ ଅଫିସର ଅସିତ କୁମାର ରାଉତ ପ୍ରେସିଡେଣ୍ଟ ନିମାଇଁ ଚରଣ ଦାସ, ସେକ୍ରେଟାରୀ ଅଶୋକ ବାରିକ ଡିଇଓ ପ୍ରକାଶ ନାୟକ ଆସିଷ୍ଟାଣ୍ଟ ସେକ୍ରେଟାରୀ ନିରଂଜନ ବେହୁରା ,ଗଦାଧର ବିଶ୍ୱାଳ, ଅଜିତ ବାରିକ, ବସନ୍ତ ପଳାଇ, ରଂଜିତ ମଲିକ, ସତ୍ୟନାରାୟଣ ବାରିକ ପ୍ରେମାନନ୍ଦ ପଣ୍ଡା ଉପସ୍ଥିତ ଥିଲେ । ଚାଷୀ ମାନେ ମଣ୍ଡିରେ ସରକାରୀ ଦରରେ ଓ ଶୃଙ୍ଖଳିତ ଭାବେ ଧାନ ବିକ୍ରି କରିପାରିବେ ବୋଲି ନିମାଇଁ ଚରଣ ଦାସ କହିଥିଲେ ।



# ଆଳି ରାଜମାତା ସୁଶ୍ରୀ ଦେବୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଆଳି, ୧୧।୧ (ସଂଚାର ବ୍ୟୁରୋ):** ଆଳିର ପୂର୍ବତନ ବିଧାୟିକା, ରାଜ୍ୟସଭା ସାଂସଦ ତଥା ଆଳିର ରାଜମାତା ସୁଶ୍ରୀ ଦେବୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଆଳି ଗିରିବନ୍ଧ ଖେଳପଡ଼ିଆ ଠାରେ ଅନୁଷ୍ଠିତ ୧ମ ଶ୍ରାଦ୍ଧ ବାର୍ଷୀକିରେ ତାଙ୍କ ସୁପୁତ୍ର ପୂର୍ବତନମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ଅତିଥିମାନଙ୍କୁ ଆତିଥ୍ୟ ପ୍ରଦାନ କରିଥିଲେ। ଅବସରପ୍ରାପ୍ତ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ସମ୍ମାନୀତଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ରାଜନଗର ବିଧାୟକ ଧ୍ରୁବ ସାହୁ, ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ପ୍ରମୁଖ ଯୋଗ ଦେଇ ରାଜମାତା ସୁଶ୍ରୀ ଦେବୀଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ। ରାଜମତାଙ୍କ ବଡପୁତ୍ର ବ୍ରଜକିଶୋର ଦେବ ସୁଶ୍ରୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ। ଏଇ ଅବସରରେ ଅତିଥିମାନଙ୍କ ଦ୍ୱାରା ସୁଶ୍ରୀ ମହିଳା ମହାବିଦ୍ୟାଳୟ ପରିସରରେ ନିର୍ମାଣ ହୋଇଥିବା ପ୍ରତିମୂର୍ତ୍ତି ଲୋକାର୍ପଣ କରିବା ସହିତ ତାଙ୍କ ସ୍ମୃତିରେ ପ୍ରକାଶ ପାଇଥିବା ସ୍ମୃତି ଶ୍ରଦ୍ଧାଞ୍ଜଳି ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା।

**ଓଳାଭର ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ ପ୍ରସଙ୍ଗ**

# ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ବି ତଥ୍ୟ ମିଳୁନି

**ରାଜକନିକା, ୧୧।୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣ ହୋଇଛି କେବଳ କାଗଜ କଲମରେ ବୋଲି ଅଭିଯୋଗ ହେଉଛି । ହେଲେ ଏହି ପାର୍କ ନିର୍ମାଣର ସବିଶେଷ ତଥ୍ୟ ମାଗିଲେ କିନ୍ତୁ ତଥ୍ୟ ଲୁଚାଉଛନ୍ତି ପଞ୍ଚାୟତ ନିର୍ବାହୀ। ଦୁଇମାସରୁ ଅଧିକ ଦିନ ହୋଇ ଯାଇଥିଲେ ବି ଏଯାଏ ସୂଚନା ମିଳି ପାରିନାହି ବୋଲି ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ସୁଶାନ୍ତ ନାୟକ ।

ତାଙ୍କ ଅଭିଯୋଗ ଅନୁଯାୟୀ ଓଳାଭର ପଞ୍ଚାୟତରେ ଗ୍ରାମୀଣ ପାର୍କ ନିର୍ମାଣରେ ବ୍ୟାପକ ହରିଲୁଟ୍ ହୋଇଥିବା ନେଇ ଜାଣିବା ପରେ ଏନେଇ ଜିଲ୍ଲାପାଳଙ୍କ ଜନଶୁଣାଣୀ ବେଳେ ଲିଖିତ ଅଭିଯୋଗ କରି ପଦକ୍ଷେପ ନେବାକୁ ନିବେଦନ କରିଥିଲେ ସୁଶାନ୍ତ। ତେବେ ଗତ ଅକ୍ଟୋବରରେ ୨୬ ତାରିଖରେ

**କାହା ଚାପରେ ଚେପା ପଞ୍ଚାୟତ ନିର୍ବାହୀ**

**ପାର୍କ ନିର୍ମାଣ ପଛରେ ରହିଛି କି କେଁ**

ମଧ୍ୟ ରାଜକନିକା ବ୍ଲକ ଜନଶୁଣାଣୀ ଅଧିକାରୀଙ୍କୁ ଓଳାଭର ପଞ୍ଚାୟତରେ ପାର୍କ ନିର୍ମାଣ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୂଚନା ଅଧିକାର ଆଇନ ବଳରେ ମାଗିଥିଲେ ସୂଚନା ଅଧିକାର କର୍ମୀ ସୁଶାନ୍ତ । ସେ ମାଗିଥିଲେ ଯେ ନିର୍ମାଣ ହୋଇଥିବା ଗ୍ରାମୀଣ ପାର୍କ ବାବଦକୁ ମୋଟ କେତେ ଟଙ୍କା ଖର୍ଚ୍ଚ ହେଉଛି।ତାହାର ଅବିକଳ ନକଲ। ତାସହିତ ଏଥିରେ କେଉଁ ସବୁ ଯୋଜନାରେ କେତେ ଅର୍ଥ ଲାଗିଛି ତାହାର ଅବିକଳ ନକଲର ସମସ୍ତ ତଥ୍ୟ ମାଗିଥିଲେ। ହେଲେ ତାପରଦିନ ବ୍ଲକ ଜନଶୁଣାଣୀ ଅଧିକାରୀଙ୍କ ଚିଠି ନମ୍ବର -୪୫୩୧ ତାରିଖ ୨୭/୧୦/୨୪ ବଳରେ ସୂଚନା ଅଧିକାର କର୍ମୀ ସୁଶାନ୍ତଙ୍କୁ ସବିଶେଷ ତଥ୍ୟ ପଞ୍ଚାୟତ ନିର୍ବାହୀ ନିରୋଦ ସ୍ୱଇଁ ପ୍ରଦାନ କରିବେ ବୋଲି ନିର୍ଦ୍ଦେଶ ରହିଥିଲା। ହେଲେ ଏହା ଭିତରେ ଦୁଇମାସରୁ ଅଧିକ ଦିନ ବିତି ଯାଇଥିଲେ ବି ଏଯାବତ୍ କୈଣସୀ ତଥ୍ୟ ପ୍ରଦାନ କରାଯାଇ ନାହିଁ ବୋଲି ସୁଶାନ୍ତ ଅଭିଯୋଗ କରିଛନ୍ତି। ଏମିତିକି ବ୍ଲକ ଜନଶୁଣାଣୀ ଅଧିକାରୀଙ୍କ ନିର୍ଦ୍ଦେଶକୁ ଫୁରେ ଉଡାଇ ପଞ୍ଚାୟତ ନିର୍ବାହି ସହଯୋଗ କରୁ ନ ଥିବାରୁ ପାର୍କ ନିର୍ମାଣରରେ ବ୍ୟାପକ ଅନିୟମିତତା ଯୋଗୁ ନିର୍ବାହୀ ତଥ୍ୟ ଲୁଚାଉଛନ୍ତି ବୋଲି ସୁଶାନ୍ତ ଅଭିଯୋଗ କରିବା ସହ ଆଜିକାଲି କହି ସମୟ ଗଡାଉ ଥିବାରୁ ପାର୍କ ନିର୍ମାଣରେ ଘୋଟାଲା ଥିବାର ସନ୍ଦେହ କରାଯାଉଛି। ଜିଲ୍ଲାପାଳ ଏଭଳି ଘଟଣା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ତଦନ୍ତ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି ସୁଶାନ୍ତ ।

**AFFIDAVIT**

The Executive Magistrate, Bhubaneswar, dated 31.12.2024. I Mir Aktar Alli aged about 42 years W/O. Mirasamser Alli resident of At-Raidbazar , PO-Sunugoradi,PS-Nimapada,Dist-Puri,Odisha-752114,do hereby solemnly affirm and state that Birth and death certificate in favour of my daughter namely 'SUMBOL FATHMA' having Regd.No. 23650/2014.issued that her name mentioned as Sumboi Fatma in her aadhar card bearing No.5927 4960 0341 & her disability certificate No.OD181162014037347 instead of her Actual & correct name 'SUMBOL FATMA'

That I do hereby declare that Sumbol Fatma & Sumboi Fatma is one & same person Who is my minor daughter. That this affidavit is required to be produced.

**AFFIDAVIT**

By virtue of an affidavit Sworn before The Executive Magistrate, Nayagarh, dated 08.01.2025. Barsha Nanda, Chandrasekharpur, post-Gambharidihi, P.S- Itamati, Dist- Nayagarh, Pin: 752079 declare that I have changed my daughter's Name form Tejoswini Nanda to Barsha Nanda. Henceforth, she shall be known as Barsha Nanda for all purposes.

**Barsha Nanda**

## ହାଡ଼ଭଙ୍ଗା ଜାଡ଼

# ସର୍ବନିମ୍ନ ତାପମାତ୍ରା ୪.୮ ଡିଗ୍ରୀ



### ସୋମବାର ପର୍ଯ୍ୟନ୍ତ ଘନ କୁହୁଡ଼ି, ସତର୍କତା ଜାରି

**ଭୁବନେଶ୍ୱର,୧୧।୧(ସଂଚାର ବ୍ୟୁରୋ):** ରାଜ୍ୟର ଅଧିକାଂଶ ସ୍ଥାନରେ ଏବେ ଶୀତ ଲହରୀ ଜାରି ରହିଛି। ତେବେ ଆଗାମୀ ୨୪ ଘଣ୍ଟା ପର୍ଯ୍ୟନ୍ତ ଲୋକଙ୍କୁ ଏହି ହାଡ଼ଭଙ୍ଗା ଶୀତରୁ ତ୍ରାହି ମିଳିବ ନାହିଁ। ଏହାପରେ ତାପମାତ୍ରା କିଛି ପରିମାଣରେ ବୃଦ୍ଧି ପାଇବା ହେତୁ ଶୀତର ପ୍ରଭାବ ସାମାନ୍ୟ କମିବ। କିନ୍ତୁ ତିନି ଦିନ ପରେ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ତେବେ ଗତ ୨୪ ଘଣ୍ଟାରେ ରାଜ୍ୟରେ ଅସହ୍ୟ ଶୀତ ଅନୁଭୂତ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୭ ସହରରେ ରାତି ସମୟରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀଠାରୁ କମ ରେକର୍ଡ ହୋଇଛି। ପାରଦ ତଳମୁହାଁ ହେବା ଯୋଗୁଁ ଅସହ୍ୟ ଥଣ୍ଡା ଅନୁଭୂତ ହେଉଛି। ଏପରିକି ଜି.ଉଦୟଗିରିରେ ତାପମାତ୍ରା ୪.୮ ଡିଗ୍ରୀ ପର୍ଯ୍ୟନ୍ତ ଖସିଯାଇଥିବା ରେକର୍ଡ କରାଯାଇଛି। ଫଳସ୍ୱରୂପ ଜି.ଉଦୟଗିରି ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ଗତ ୨୪ ଘଣ୍ଟା ମଧ୍ୟରେ ଜି.ଉଦୟଗିରି ପରେ ସିମିଲିଗୁଡ଼ା ୫.୬ ଡିଗ୍ରୀ ତାପମାତ୍ରା ସହ ସବୁଠାରୁ ଥଣ୍ଡା ମାମଲାରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହାଛଡ଼ା ଫୁଲବାଣୀରେ ୬.୫ ଡିଗ୍ରୀ, ଦାରିଙ୍ଗିବାଡ଼ିରେ ୮.୫ ଡିଗ୍ରୀ, ରାଉରକେଲାରେ ୮.୮ ଡିଗ୍ରୀ, କେନ୍ଦୁଝରରେ ୯.୪ ଡିଗ୍ରୀ, ଝାରସୁଗୁଡ଼ାରେ ୯.୬ ଡିଗ୍ରୀ, ଅନୁଗୁଳରେ ରାତି ସମୟରେ ତାପମାତ୍ରା ୧୦ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ୧୩.୬ ଡିଗ୍ରୀ ଓ କଟକରେ ୧୨. ୫ ଡିଗ୍ରୀ ତାପମାତ୍ରା ରହିଥିବା ଜଣାପଡ଼ିଛି।

ସ୍ଥାନୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ କୌଣସି ପ୍ରକାର ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ପରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ତେଣୁ ଶୀତର ପ୍ରକୋପ ସାମାନ୍ୟ କମିବ। ଅନ୍ୟପକ୍ଷରେ ଶୀତ କମିବାର ସମ୍ଭାବନା ଥିଲେ ମଧ୍ୟ ଘନ କୁହୁଡ଼ି ସ୍ଥିତି ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି କାରଣରୁ ବିଭିନ୍ନ ଜିଲ୍ଲାକୁ କୁହୁଡ଼ିଜନିତ ସତର୍କତା ଜାରି କରାଯାଇଛି। ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଘନ କୁହୁଡି ନେଇ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଥିବା ବେଳେ ଆଜି ରାତିରୁ ଆସନ୍ତାକାଲି ସକାଳ ମଧ୍ୟରେ ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, କୋରାପୁଟ ଓ ସୁନ୍ଦରଗଡ଼ ଜିଲ୍ଲାରେ ଘନ କୁହୁଡ଼ି ହେବ ବୋଲି କେନ୍ଦ୍ର ପକ୍ଷରୁ ସତର୍କ କରାଇଦିଆଯାଇଛି। ଏହାଛଡ଼ା ଝାରସୁଗୁଡ଼ା, କେନ୍ଦୁଝର, କଳାହାଣ୍ଡି, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ାରେ ମଧ୍ୟମ ଧରଣର କୁହୁଡ଼ି ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ସତର୍କ ସୂଚନା ଜାରି କରାଯାଇଛି। ଘନ କୁହୁଡି ନେଇ ସତର୍କତା ଜାରି କରାଯାଇଥିବାରୁ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ସତର୍କ ରହିବା ପାଇଁ ଏସ୍‌ଆରସି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଘନ କୁହୁଡ଼ି ପରିପ୍ରେକ୍ଷୀରେ ରାଜପଥରେ ଦୁର୍ଘଟଣା ଏଡ଼ାଇବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଲୋକଙ୍କୁ ସଚେତନ କରିବାକୁ ମଧ୍ୟ ଏସ୍‌ଆରସି ନିର୍ଦ୍ଦେଶ ଜାରି କରିଛନ୍ତି।

## ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବ

# ବଣମଲ୍ଲୀଙ୍କୁ ଲୋକଲୋଚନକୁ ଆଣୁଛି ଡ୍ରିମ୍ସ: କେନ୍ଦ୍ର ଶିକ୍ଷାମନ୍ତ୍ରୀ




**ଟାଙ୍ଗୀ,୧୧।୧(ସଂଚାର ବ୍ୟୁରୋ):** ଡ୍ରିମ୍ସ କ୍ରମାଗତଃ ଭାବରେ ବିଶ୍ୱ ସ୍ତରର ଛାତ୍ରଛାତ୍ରୀ ତିଆରି କରୁଛି। ଗ୍ରାମାଞ୍ଚଳର ବଣମଲ୍ଲୀଙ୍କୁ ଲୋକଲୋଚନକୁ ଆଣିବା ଦିଗରେ ଏହି ବିଶ୍ୱବିଦ୍ୟାଳୟ ଯେଉଁ ଉଦ୍ୟମ ଜାରି ରଖିଛି, ତାହା ବେଶ୍ ପ୍ରଶଂସନୀୟ ବୋଲି ଶନିବାର ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଯୋଗଦେବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି।

ଶ୍ରୀ ପ୍ରଧାନ ସମାବର୍ତ୍ତନ ସମାରୋହରେ ସମ୍ମାନସୂଚକ ଉପାଧି ଏବଂ ପିଏଚଡି ଉପାଧି ଗ୍ରହଣ କରିଥିବା ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଓଡ଼ିଶାର ସାରସ୍ୱତ ଭୂମି ତଥା ବୌଦ୍ଧିକ ବିଚାରର ଏକ୍ତୁଡ଼ିଶାଳ ପରିପାର୍ଶ୍ୱରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ଏହାର ଅନତି ଦୂରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମସ୍ଥାନ ଏବଂ ଗଣକବି ବୈଷ୍ଣବ ପାଣିଙ୍କ କର୍ମଭୂମି। ସାରଳା ଦାସଙ୍କ ଦ୍ୱାରା ଓଡ଼ିଆ ମହାଭାରତ ଏହି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରଚନା କରାଯାଇଛି। ସେହିପରି ଏହି ଶିକ୍ଷାନୁଷ୍ଠାନର ଅନତି ଦୂରରେ ଥିବା ଯାଜପୁରର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଦିନେ ଜ୍ଞାନର ପୀଠ ଥିଲା। ଡ୍ରିମ୍ସ କ୍ୟାମ୍ପସରେ ଏକ ବିଚାରଧାରା ଅଛି, ଯାହାର ମୂଳ ମନ୍ତ୍ର ହେଲା ଭାରତକୁ ଭଲ ପାଇବା। ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସରରେ ପ୍ରତିଷ୍ଠିତ ସୁଭାଷ ଚନ୍ଦ୍ର ବୋଷ, ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ ଏବଂ ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତି ରାଷ୍ଟ୍ର ପ୍ରତି ଥିବା ଆନୁଗତ୍ୟକୁ ଦର୍ଶାଉଛି। ଡ୍ରିମ୍ସରୁ ପାଠ ପଢ଼ି ଅନେକ ଛାତ୍ରଛାତ୍ରୀମାନେ କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ପ୍ରତିଷ୍ଠା ଲାଭ କରିପାରିଛନ୍ତି। ଏହି ଶିକ୍ଷା ରୂପକ ମନ୍ଦିରରୁ ପାଠ ପଢ଼ି ଛାତ୍ରଛାତ୍ରୀ ବ୍ରିଟିଶ ପେଟ୍ରୋଲିୟମ ଭଳି କମ୍ପାନୀରେ ଚାକିରି କରି ଆମକୁ ଗୌରବାନ୍ୱିତ କରିଛନ୍ତି। ବୌଦ୍ଧିକ ବିଚାର ଉତ୍ପନ୍ନ ମାଟିରେ ଅବସ୍ଥାପିତ ଡ୍ରିମ୍ସ ଶତାବ୍ଦୀ ଶତାବ୍ଦୀ ଧରି ମାନବ ସମସ୍ୟାର ସମାଧାନ ବାହାର କରିବା ସହ ଏକବିଂଶ ଶତାବ୍ଦୀର ଆବଶ୍ୟକତାକୁ ପୂରଣ କରିବ। ରାଜ୍ୟ ଅର୍ଥନୀତିର ମୂଳ ପେଣ୍ଠସ୍ଥଳୀ ଡ୍ରିମ୍ସର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## କପିଳାସରେ ଧର୍ମେନ୍ଦ୍ର: ସଂରକ୍ଷଣ ନେଇ କଲେ ଆଲୋଚନା

**ଢେଙ୍କାନାଳ,୧୧।୧(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଢେଙ୍କାନାଳର ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିରରେ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଦର୍ଶନ କରିବା ସହ ମନ୍ଦିରର ଉନ୍ନତି ଓ ସଂରକ୍ଷଣ ନେଇ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ କପିଳାସ ମନ୍ଦିରରେ ପ୍ରଭୁ ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ଆଶୀର୍ବାଦ ନେବା ସୌଭାଗ୍ୟର ବିଷୟ। ଏହି ମନ୍ଦିର ଆସ୍ଥା, ଶ୍ରଦ୍ଧା ଓ ସମର୍ପଣର କେନ୍ଦ୍ର। ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ କପିଳାସ ମନ୍ଦିରର ଉନ୍ନତି, ସଂରକ୍ଷଣ ଏବଂ ପର୍ଯ୍ୟଟକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଯୋଜନା ପ୍ରସ୍ତୁତ କରିବା ଉପରେ ଜିଲ୍ଲା ପ୍ରଶାସନ, କପିଳାସ ସୁରକ୍ଷା ପରିଷଦ ଓ ମନ୍ଦିର ପ୍ରଶାସନ ସହ ବ୍ୟାପକ ଆଲୋଚନା କରାଯାଇଛି। ମନ୍ଦିର, ପର୍ବତ ଓ ଜଙ୍ଗଲ ଆମର ପୁଞ୍ଜି। ଏହାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ମତ ଦେବା ସହ କେନ୍ଦ୍ର ମନ୍ତ୍ରୀ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି।



## ଦିନେ ବଢ଼ିଲା ପୁଷ୍ପ ପ୍ରଦର୍ଶନୀ ଅବଧି

**ଭୁବନେଶ୍ୱର,୧୧।୧(ସଂଚାର ବ୍ୟୁରୋ):** ଆଜି ସରିବାର ଥିଲା ବାର୍ଷିକ ପୁଷ୍ପ ପ୍ରଦର୍ଶନୀ। କିନ୍ତୁ ଏହାକୁ ଆଉ ଗୋଟିଏ ଦିନ ବଢ଼ାଇଛନ୍ତି ରାଜ୍ୟ ସରକାର। ହେଲେ ଦର୍ଶକଙ୍କ ଚାହିଦାକୁ ଗୁରୁତ୍ୱ ଦେଇ ସରକାର ଏହି ପ୍ରଦର୍ଶନୀକୁ ଜାନୁଆରୀ ୧୨ (ରବିବାର) ପର୍ଯ୍ୟନ୍ତ ବଢ଼ାଇଛନ୍ତି। ସ୍ଥାନୀୟ ଏକାମ୍ର କାନନସ୍ଥିତ ଆଞ୍ଚଳିକ ଉଦ୍ଭିଦ ସମ୍ପଦ କେନ୍ଦ୍ରରେ ଏହି ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହେଉଛି। ଏହି ପୁଷ୍ପ ପ୍ରଦର୍ଶନୀ ବୁଲି ଦେଖିବା ଅବସରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଗଣମାଧ୍ୟମକୁ ଏହି ଅବଧି ବୃଦ୍ଧି ନେଇ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି ଯେ ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ପୁଷ୍ପ ପ୍ରଦର୍ଶନୀ ଜାରି ରହିବ। ଲୋକଙ୍କ ଉତ୍ସାହକୁ ଦୃଷ୍ଟିରେ ରଖି ଏକ ଦିନ ଅବଧି ବଢ଼ାଯିବାକୁ ନିଷ୍ପତ୍ତି ହୋଇଥିବା ସେ କହିଛନ୍ତି।

## ୯ ହାର୍ଡକୋର୍ ମାଓବାଦୀଙ୍କ ଆତ୍ମସମର୍ପଣ

**ସୁକମା(ଛତିଶଗଡ଼),୧୧।୧:** ଛତିଶଗଡ଼ ସୁକମାରେ ୯ଜଣ ହାର୍ଡକୋର୍ ମାଓବାଦୀ ଶନିବାର ଆତ୍ମସମର୍ପଣ କରିଛନ୍ତି। ୨ ମହିଳା ମାଓବାଦୀଙ୍କ ସମେତ ୯ ଜଣ ଏସ୍‌ପିଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ୯ ଜଣ ମାଓବାଦୀଙ୍କ ନାଁରେ ୪୩ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା ହୋଇଥିଲା। କିଛି ଦିନ ତଳେ ଛତିଶଗଡ଼ର ବିଜାପୁର ଜିଲାରେ ଯବାନମାନେ ଯାଉଥିବା ଏକ ଗାଡ଼ିକୁ ମାଓବାଦୀମାନେ ଶକ୍ତିଶାଳୀ ବିସ୍ଫୋରକ ଉପକରଣ (ଆଇଇଡି) ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ବିସ୍ଫୋରଣରେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆର୍‌ଜି)ର ୮ ଯବାନ ଏବଂ ଗାଡ଼ି ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଗତ ୨ ବର୍ଷ ମଧ୍ୟରେ ମାଓବାଦୀମାନଙ୍କ ଛତିଶଗଡ଼ରେ ଏହା ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଛତିଶଗଡ଼ରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ୮ ଯବାନଙ୍କ ବଳିଦାନ ବ୍ୟର୍ଥ ଯିବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାହିଛନ୍ତି।୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓବାଦୀ ମୁକ୍ତ କରିବା ପ୍ରତିଜ୍ଞାକୁ ସେ ଦୋହରାଇଛନ୍ତି।

## ନିର୍ମାଣାଧୀନ ଘରୁ ବୋମା ଜବତ

**ବ୍ରହ୍ମପୁର,୧୧।୧ (ସଂଚାର ବ୍ୟୁରୋ):** ନିର୍ମାଣାଧୀନ କୋଠାରୁ ମିଳିଲା ବୋମା ଭର୍ତ୍ତି ବ୍ୟାଗ୍ । ବ୍ୟାଗରେ ଭରି ରହିଥିଲା ୩୦ରୁ ଅଧିକ ବୋମା । ଫୁଟିଥିଲେ ଲୋକେ ମୃତାହତ ହେବା ନିଶ୍ଚିତ ଥିଲା। ମାତ୍ର ବଡ଼ ଅଘଟଣ ଘଟିବା ପୂର୍ବରୁ ସମସ୍ତ ବୋମାକୁ ନିଷ୍କ୍ରିୟ କରିଛି ପୁଲିସ୍। ପୁଲିସ୍‌କୁ ଦେଖି କିଛି ଯୁବକ ବ୍ୟାଗ ଛାଡି ଦୌଡ଼ି ପଳାଇଥିବା ବେଳେ ପୁଲିସ୍ ସେମାନଙ୍କ ସନ୍ଧାନ ଆରମ୍ଭ କରିଛି। ଏପରି ଏକ ଘଟଣା ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଖଜୁରିଆରେ ଘଟିଛି। କିଛି ଦିନ ହେଲାଣି ବ୍ରହ୍ମପୁରରେ ଅପରାଧମୂଳକ ଘଟଣା ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ବ୍ଲକିଂ କରି କଡ଼ା ଯାଞ୍ଚ କରାଯାଉଥିବା ବେଳେ ସହର ବାହାରେ ଥିବା ନିର୍ମାଣାଧୀନ ଘର ବି ତଲାସୀ କରାଯାଉଛି। କାରଣ ଅପରାଧିମାନେ ଏପରି ଘରକୁ ଟାର୍ଗେଟ କରୁଛନ୍ତି। ସେଠାରେ ସେମାନେ ନିଜ ଆଡ୍ଡା ଜମାଇବା ସହ ବିଭିନ୍ନ ଅପରାଧ ଘଟାଇବା ପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ଏପରି ସୂଚନା ପାଇ ପୁଲିସ୍ ଦୁଇ ଦିନ ତଳେ ପାଟ୍ରୋଲିଂ କରୁଥିବା ବେଳେ ଖଜୁରିଆରେ ଏକ ନିର୍ମାଣାଧୀନ ଘରେ ଚଢ଼ାଉ କରିଥିଲା । ପୁଲିସ୍‌କୁ ଦେଖି ଉକ୍ତ ଘରେ ଥିବା କିଛି ଯୁବକ ଦୌଡ଼ି ପଳାଇଥିଲେ। ଏହାପରେ ପୁଲିସ୍ ଉକ୍ତ ଘର ଖାନତଲାସୀ କରି ଏକ ବ୍ୟାଗ୍ ଭର୍ତ୍ତି ବୋମା ଜବତ କରିଥିଲା।

## ଡାକଘର କମ୍ପ୍ୟୁଟର ଅଚଳ




**କଟକ,୧୧।୧ (ସଂଚାର ବ୍ୟୁରୋ):** ୪୨ ମୌଜା ବେଣ୍ଟକାର ଉପ ଡାକଘରେ ଖୋଲାଯାଇଥିବା ଝାରକଟା ଶାଖା ଡାକଘର କମ୍ପ୍ୟୁଟର ମେସିନ୍ ଗତ ମାସ ୧୯ ତାରିଖରୁ ଅଚଳ ହୋଇ ପଡ଼ିରହିଛି। ପ୍ରତିଦିନ ବହୁ କଷ୍ଟମର ସେମାନଙ୍କ ସଞ୍ଚୟ ଜମା ବହିରେ ଟଙ୍କା ଜମା କରିବା, ଟଙ୍କା ଉଠାଣ, ଆର.ଡି, ଆର.ପି.ଏଲ୍.ଆଇ ଓ ଫିକ୍ସଡ ଡିପୋଜିଟ ଇତ୍ୟାଦି କାର୍ଯ୍ୟ ନହେବାରୁ ଫେରୁଛନ୍ତି। ଫଳରେ ଝାରକଟା ଶାଖା ଡାକଘର ଡାକସେବା ଗୁରୁତର ବ୍ୟାହତ ହେବା ସହ ହିତାଧିକାରୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂପୃକ୍ତ ଶାଖା ପରିଚାଳକ ବିଭାଗୀୟ ଅଧିକାରୀଙ୍କୁ ଏବିଷୟ ମେଲ୍ ଯୋଗେ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଉକ୍ତ କମ୍ପ୍ୟୁଟର ମେସିନ୍ ମରାମତି ହୋଇନାହିଁ। ବେଣ୍ଟକାର ଉପ ଡାକଘରେ କାର୍ଯ୍ୟଭାର ଅଧିକ ଥିବାରୁ ଉପ ଡାକଘର କର୍ମଚାରୀମାନେ ଝାରକଟା ଶାଖା ଡାକଘର କଷ୍ଟମରମାନଙ୍କ କାର୍ଯ୍ୟ କରିବାକୁ ଅମଙ୍ଗ ହେଉଛନ୍ତି। ଏଣୁ ବିଭାଗୀୟ ଅଧିକାରୀ ଉପରୋକ୍ତ ବିଷୟକୁ ଗୁରୁତର ସହ ବିଚାରକୁ ନେଇ ଝାରକଟା ଶାଖା ଡାକଘର କମ୍ପ୍ୟୁଟର ମେସିନ୍କୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଇବାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

## କୋମାରେ ୟୁନାନୀ ହସ୍ପିଟାଲ

### ଚିକିତ୍ସା ସେବା ବନ୍ଦ

**ସାଲେପୁର,୧୧।୧ (ସଂଚାର ବ୍ୟୁରୋ):** ନାହିଁ ନାହିଁରେ ଚାଲିଛି ୟୁନାନୀ ହସ୍ପିଟାଲ । ଆୟୁର୍ବେଦିକ ଯଥା ଜଡ଼ିବୁଟି, ଚେରମୂଳି ଔଷଧ ପାଇଁ ପ୍ରତିଷ୍ଠା ଲାଭ କରିଥିବା ଏହି ହସ୍ପିଟାଲ ଏବେ ଡ଼ାକ୍ତର ନାହାଁନ୍ତି । ହସ୍ପିଟାଲଟି କେବଳ ଜଣେ ଜଗୁଆଳିଙ୍କ ଭରସାରେ ରହିଛି । ଗରିବ, ଆଦିବାସୀ, ହରିଜନଙ୍କ ସେବାରେ ଲାଗୁଥିବା ଏହି ହସ୍ପିଟାଲ ପ୍ରତି ପ୍ରଶାସନର ବି ଦୃଷ୍ଟି ନାହିଁ । ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏବଂ ପ୍ରଶାସନର ବୈମାତୃକ ମନୋଭାବ ପାଇଁ ବନ୍ଦ ହେବାକୁ ବସିଲାଣି ସାଲେପୁରର ଏକମାତ୍ର ୟୁନାନୀ ମେଡ଼ିକାଲ । ସରକାରୀ ସ୍ତରରେ ଏଠାକୁ ଡାକ୍ତର ନିଯୁକ୍ତି ବନ୍ଦ ହେବା ଯୋଗୁ ଡେପୁଟେସନରେ ଜଣେ ଡ଼ାକ୍ତର ଆସି ଚିକିତ୍ସା କରୁଥିଲେ । ହେଲେ ୨୦୨୩ ଡିସେମ୍ବରରେ ସେ ଅବସର ନେବା ପର ଠାରୁ ଏଠାରେ ରୋଗୀ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। କେବଳ ଜଣେ ରାତ୍ରୀ ଜଗୁଆଳିଙ୍କ ସହାୟତାରେ ପଡ଼ିରହିଛି ଏହି ହସ୍ପିଟାଲ । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ୧୯୯୧ରେ ଏହି ହସ୍ପିଟାଲ ଖୋଲାଯାଇଥିଲା। ସାଲେପୁର ବ୍ଲକର ଏହା ଏକମାତ୍ର ୟୁନାନୀ ଚିକିତ୍ସାଳୟ। ହେଲେ ପ୍ରଶାସନର ବୈମାତୃକ ମନୋଭାବ ପାଇଁ ଏହା ବନ୍ଦ ହେବାକୁ ବସିଲାଣି। ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଏହି ୟୁନାନୀ ଚିକିତ୍ସାଳୟରେ ଆୟୁର୍ବେଦିକ କିମ୍ବା ହୋମିଓପ୍ୟାଥିକ ଡାକ୍ତର ନିଯୁକ୍ତି ଦେବାକୁ ସାଧାରଣରେ ଦାବି କରାଯାଇଛି।

# ଦିଲ୍ଲୀ ଢାଞ୍ଚାରେ ପୁରୀରେ ହେବ ହାଟ



**ପୁରୀ,୧୧।୧ (ସଂଚାର ବ୍ୟୁରୋ):** ଦିଲ୍ଲୀ ହାଟ ଭଳି ପୁରୀର ଉଠା ଦୋକାନୀଙ୍କୁ ମିଳିବ ବଜାର। ଏଥିପାଇଁ ବିଭାଗୀୟ ସ୍ତରରେ ଆଲୋଚନା ସରିଛି । ଶ୍ରୀମନ୍ଦିର ପ୍ରଶାସନ ମଧ୍ୟ ଏଥିନିମନ୍ତେ ସହମତ ହୋଇଛନ୍ତି । ଜିଲ୍ଲା ପ୍ରଶାସନ ଓ ପୂର୍ତ୍ତ ବିଭାଗ ଏହାକୁ କାର୍ଯ୍ୟକାରୀ କରିବେ । ପୁରୀର ଏଭଳି ବିକାଶ ପାଇଁ ହୋଟେଲ ସଂଘ, ବୁଦ୍ଧିଜୀବୀ ଓ ଅନ୍ୟ ଅଂଶୀଦାରଙ୍କ ସହ ଆଲୋଚନା କରି ଭିତ୍ତିଭୂମି ନିର୍ମାଣ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି।

ଗତ ସରକାର ସମୟରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଶ୍ରୀମନ୍ଦିର ଚାରିପାଖ ଓ ବଡ଼ଦାଣ୍ଡରୁ ଉଠା ଦୋକାନୀଙ୍କୁ ଉଠାଇ ଦିଆଯାଇ ଥିଲା । ସେମାନେ ଦୀର୍ଘଦିନ ହେଲା ଅନଶନରେ ବସିଛନ୍ତି । ତେବେ ନୂଆ ସରକାର ଆସିବା ପରେ ସେମାନଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି । ଦିଲ୍ଲୀ ପରି ହାଟ ହେଲେ ଦୂର ହେବ କି ଉଠାଦୋକାନୀଙ୍କ ସମସ୍ୟା ? ତେବେ ଜଗନ୍ନାଥ ବଲ୍ଲଭ ଭିତରେ ଦିଲ୍ଲୀ ଭଳି ହାଟ କରିବାକୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଦିନକୁ ଦିନ ବଢୁଛି ପୁରୀ । ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ୁଛି। ଏସବୁକୁ ଦୃଷ୍ଟିରେ ରଖି ବୃହତ୍ ବ୍ୟବସ୍ଥା କରିବାକୁ ଯାଉଛନ୍ତି ରାଜ୍ୟ ସରକାର। ପ୍ରଶାସନ କେବେ ଦିଲ୍ଲୀ ଭଳି ପୁରୀରେ ହାଟ କାମ ଆରମ୍ଭ କରୁଛି, ତାକୁ ଅପେକ୍ଷା ।

ବାଲେଶ୍ୱରରେ ରେଳବାଇ ଜାଗାରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଅପ୍ରୀତିକର ପରିସ୍ଥିତି ଏଡ଼ାଇବାକୁ ଦୁଇଦିନ ପାଇଁ ସଂପୃକ୍ତ ଅଞ୍ଚଳରେ କର୍ଫ୍ୟୁ ଜାରି କରାଯାଇଥିଲେ ବି ଉତ୍ତେଜନା ଦେଖାଦେଇଥିଲା। ପରିସ୍ଥିତି ସ୍ୱାଭାବିକ ହେବା ପରେ ଉଚ୍ଛେଦ ଜାରି ରହିଛି। ଆଜି ଓ ଆସନ୍ତାକାଲି ଜବରଦଖଲ ଉଚ୍ଛେଦ ଚାଲିବ।

ବାଲେଶ୍ୱରରେ ରେଳବାଇ ଜାଗାରୁ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି । ଅପ୍ରୀତିକର ପରିସ୍ଥିତି ଏଡ଼ାଇବା ପାଇଁ ଅରଡ଼ ବଜାରରୁ ପରିବା ବଜାର, ହରିପୁରରୁ ଦର୍ଜୀ ପୋଖରୀ, କସ୍ବିଳା ପୋଲଠାରୁ ଫୁଲାଡ଼ି ଛକ, ନୂଆ ବଜାର ରେଳବାଇ ଗେଟ୍, ଗଳା ପୋଲ ଓ ନୂଆ ବଜାର ପରିବା ମାର୍କେଟର ଉଭୟ ପାର୍ଶ୍ୱ ରାସ୍ତାରେ ଭୋର୍ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୨ଦିନ ପାଇଁ କର୍ଫ୍ୟୁ ଜାରି କରିଛି ଜିଲ୍ଲା ପ୍ରଶାସନ। ଆଜି ସକାଳ ୧୦ଟାରେ ଉଚ୍ଛେଦ ଆରମ୍ଭ ହୋଇଥିବା ବେଳେ କର୍ଫ୍ୟୁ ସତ୍ତ୍ୱେ ଉତ୍ତେଜନା ଦେଖାଦେଇଥିଲା । ଥଇଥାନ ନ କରି ଉଚ୍ଛେଦ କରାଯାଉଥିବା ଲୋକ ଅଭିଯୋଗ କରିଛନ୍ତି। କିଛି ମହିଳା ଜେସିବି ଉପରକୁ ଟେକା ପଥର ମାଡ଼ କରିଥିବା ଦେଖିବାକୁ ମିଳିଥିଲ । । ଉତ୍ତେଜନାମୂଳକ ପରିସ୍ଥିତକୁ ଏଡ଼ାଇବା ପାଇଁ ଘଟଣାସ୍ଥଳରେ ଉପଜିଲ୍ଲାପାଳ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ଏହାରି ଭିତରେ ଜବରଦଖଲ ଉଚ୍ଛେଦ ଜାରି ରହିଛି । ରେଳବାଇ, ଜିଲ୍ଲା ପ୍ରଶାସନ, ପୁଲିସ ଓ ବିଦ୍ୟୁତ୍ ବିଭାଗ ମିଳିତ ଭାବେ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରିଛନ୍ତି । ଜେସିବି ଲଗାଇ ଜବରଦଖଲ ଉଚ୍ଛେଦ କରାଯାଉଛି ।

## ଲଣ୍ଡନ ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡ୍ସରେ ବିଜ୍ଞାନ ଅଧ୍ୟାପକ



**ବାଲେଶ୍ୱର,୧୧।୧(ସଂଚାର ବ୍ୟୁରୋ):** ନୈତିକତା ଶିକ୍ଷା ପଦ୍ଧତି ତିଆରି କରି ଲଣ୍ଡନ ୱାର୍ଲଡ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ ବାଲେଶ୍ୱରର ପୁଅ ଡ. ପଙ୍କଜ କୁମାର ଜେନା। ବାଲେଶ୍ୱର ଜିଲ୍ଲା ସୋର ବ୍ଲକ ଗୁଜୁଡିହାର ପଙ୍କଜ ଯିଏକି ଏବେ ସୋର ଶ୍ରୀନିବାସ କଲେଜ, ମଙ୍ଗଳପୁରରେ ରସାୟନ ବିଜ୍ଞାନ ଅଧ୍ୟାପକ ଥିବା ବେଳେ ବିଜ୍ଞାନ ପତ୍ରିକା ଅଗ୍ନିଡେଣାର ମଧ୍ୟ ସମ୍ପାଦକ ଅଛନ୍ତି। ବାପା ସ୍ୱର୍ଗତଃ ଗୟାଧର ଜେନା, ମାତା ଗୋଦାବରୀଙ୍କ ପୁଅ ଡ ଜେନା, ସ୍ତ୍ରୀ ସୁଚିତ୍ରା ଜେନା ଜଣେ ଅଧ୍ୟାପିକା। ଆଗାମୀ ପିଢ଼ି କେମିତି ନଷ୍ଟ ନ ହୋଇ ଜଣେ ଜଣେ ଭଲ ମଣିଷ ହେବେ, କେମିତି ଜୀବନ ନ ହାରିବେ, ଆଉ ବାପା ମା'ମାନଙ୍କୁ କେମିତି ବୃଦ୍ଧାଶ୍ରମ ଯିବାକୁ ନ ପଡ଼ିବ, ପିଲାମାନେ ବାପା ଓ ମା'ଙ୍କର କେମିତି ଯତ୍ନ ନେବେ, ପିଲାଟିଏ କେମିତି ତା'ର ସାତ ପୁରୁଷ କଥା ମନେ ରଖିବେ, ସେଥିପାଇଁ ଏକ ଛ' ମାସିଆ ପାଠ୍ୟଖସଡ଼ା ପ୍ରସ୍ତୁତ କରି ଡ. ଜେନା ଚର୍ଚ୍ଚାକୁ ଆସିଥିଲେ। ଏଥିସହ ସେ ସଂସ୍କାର, ସଂସ୍କୃତି ମୁକ୍ତ ବିଦ୍ୟାଳୟ ଖୋଲିଛନ୍ତି, ଯାହା ବିନା ମୂଲ୍ୟରେ ମଣିଷ ହେବ ପାଇଁ ଶିକ୍ଷା ଦିଏ। ଡ. ଜେନାଙ୍କ ମତରେ ଯଦି ଆଗାମୀ ପିଢ଼ି ତା' ପରିବାରକୁ ଭୁଲିଯିବ, ତେବେ ସେ ଦେଶର କେହି ହୋଇପାରିବନାହିଁ। ଆଜିକାଲି ବାପା ମା' ମଲେ ବି ପିଲାମାନେ ଶୁଦ୍ଧିକ୍ରିୟାରେ ଯୋଗଦେଇପାରୁନାହାନ୍ତି। ଡ. ଜେନାଙ୍କ ଦ୍ୱାରା ପ୍ରସ୍ତୁତ ପାଠ୍ୟଖସଡ଼ା ଦ୍ୱାରା ଏହି ସମସ୍ତ ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି। ୱାର୍ଲଡ ବ୍ଲକ ଅଫ ରେକର୍ଡ ଲଣ୍ଡନରେ ସ୍ଥାନ ପାଇଛନ୍ତି। ଗତ ୧୨ ତାରିଖରେ ମଧ୍ୟପ୍ରଦେଶ ଇନ୍ଦୋରଠାରେ ତାଙ୍କୁ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ମଙ୍ଗୁଭାଇ ସି ପଟେଲ, ଲଣ୍ଡନର ଡେପୁଟି ଲେଉଟାଣ୍ଟ ଏବଂ କିଙ୍ଗ ଚାର୍ଲସ ସିମନ ସିମନ ନେ ନୋଏଲ ଅଭେନସ ଡିଏଲ, ଲଣ୍ଡନ ଚର ମହେନ୍ଦ୍ର ସିଂହ ସି.ଜାଡେଡା, ଦୀପକ ସିଂହ ଆଇଏଏସ ପ୍ରମୁଖ ଯୋଗଦେଇଥିଲେ।

### ବିଶ୍ୱାସରେ ବିଷଦେଲା ପ୍ରେମିକ

## ଫଟୋ ଭାଇରାଲରୁ ଜୀବନ ହାରିଲେ ପ୍ରେମିକା

**ସାଲେପୁର,୧୧।୧(ସଂଚାର ବ୍ୟୁରୋ):** ବିଶ୍ୱାସଘାତକ ସାଜିଲା ପ୍ରେମିକ । ପ୍ରେମର ମୂଲ୍ୟ ବୁଝିଲା ନାହିଁ। ସୋସିଆଲ ମିଡିଆରେ ଛାଡ଼ିଦେଲା ନିଜର ଓ ପ୍ରେମିକାର ଅନ୍ତରଙ୍ଗ ଫଟୋ ଓ ଭିଜୁଆଲ । ଯାହାକୁ ଆମେ ସ୍ପଷ୍ଟ ଦେଖାଇ ପାରିବୁ ନାହିଁ । ପ୍ରେମ ଯେତେବେଳେ ପ୍ରତାରଣାର ରୂପ ନିଏ ଏଭଳି କାଣ୍ଡ ଘଟିଥାଏ । ହେଲେ ବୁଝିଲାନି ଅବୁଝା ପ୍ରେମିକ ଯେ ତା'ର ଏପରି ପଦକ୍ଷେପର ପରିଣତି କ'ଣ ହେବ। ଶେଷରେ ଜୀବନ ଚାଲିଗଲା ପ୍ରେମିକାର। ପ୍ରେମରେ ବିଶ୍ୱାସ ଓ ତ୍ୟାଗର ଆବଶ୍ୟକତା ଥିଲେ ହେଁ ପ୍ରେମିକ ଜଣକ ପ୍ରେମିକାକୁ ଠକିଦେଲା। ପ୍ରେମିକର ଠକାମି ସହିପାରିଲାନି ଝିଅଟି। ଲୋକଲଜ୍ଜା ଭୟରେ ନେଲା ଚରମ ନିଷ୍ପତ୍ତି । ପରିବାର ଲୋକଙ୍କ ଆଖିରେ ଲୁହ ଦେଇ ସବୁଦିନ ପାଇଁ ଦୁନିଆ ଛାଡ଼ି ଚାଲିଗଲା ଝିଅ। ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଜୁଆଲ୍ ଭାଇରାଲ୍ ହେବା ପରେ ପ୍ରେମିକା ଜଣକ ଶେଷରେ ଜୀବନ ହାରିଦେଇଛି। ପ୍ରେମିକପ୍ରେମିକା ଦୁହେଁ ଭିନ୍ନ ଜାତିର ଥିବାରୁ ସେମାନଙ୍କ ଭଲ ପାଇବାକୁ ପରିବାର ଲୋକେ ସ୍ୱୀକୃତି ଦେଇନଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ଉଭୟ ପରିବାର ଭିତରେ ବୁଝାମଣା ହୋଇଯାଇଥିଲା। କିନ୍ତୁ ପ୍ରେମିକ ଜଣକ ସୋଶାଲ ମିଡିଆରେ ପ୍ରେମିକାଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିଦେଇଥିଲେ। ସୋଶାଲ ମିଡିଆରେ ଏପରି ଫଟୋ ଓ ଭିଜୁଆଲ୍ ଦେଖି ପ୍ରେମିକାଙ୍କ ମୁଣ୍ଡ ଘୂରାଇଦେଇଥିଲା। କ'ଣ କରିବେ ବୋଲି କିଛି ଭାବିପାରି ନଥିଲେ। ଲଜ୍ଜାରେ ସେ କାହାକୁ ମୁହଁ ଦେଖାଇପାରିବ ନାହିଁ ବୋଲି ଭାବି ଭାବି ଶେଷରେ ଜୀବନ ହାରିଦେଇଛନ୍ତି।

## ବେଦାନ୍ତ କାରଖାନାରେ ଯୁବକଙ୍କ ମୃତ୍ୟୁ: ୫୦ ଲକ୍ଷ କ୍ଷତିପୂରଣ ଦାବି

**ଝାରସୁଗୁଡ଼ା,୧୧।୧(ସଂଚାର ବ୍ୟୁରୋ):** ବେଦାନ୍ତ କମ୍ପାନୀରେ ଏକ ଠିକା ସଂସ୍ଥାରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ମୃତ୍ୟୁ ହୋଇଛି । ସୂଚନାନୁସାରେ, ମୃତ ଯୁବକ ସ୍ଥାନୀୟ ସିରିଆପାଲି ଗାଁର ଲିଜୁ ମାଝୀ(୨୨)। ଗତକାଲି ରାତି ୧୦ଟାରୁ ଆଜି ସକାଳ ୬ଟା ପର୍ଯ୍ୟନ୍ତ ଉକ୍ତ ଠିକା କମ୍ପାନୀରେ ଲିଜୁ ଡ୍ୟୁଟି କରୁଥିଲେ। ତେବେ ଆଲୁମିନିୟମ ପଦାର୍ଥରେ ଭର୍ତ୍ତି ବସ୍ତା ଗାଡ଼ିରେ ଲୋଡ କରୁଥିବା ସମୟରେ ଲିଜୁଙ୍କ ଉପରେ ତାହା ଖସିପଡିଥିଲା । ଏକ କ୍ୟୁଣ୍ଟାଲରୁ ଅଧିକ ଓଜନର ବସ୍ତା ତଳେ ଚାପି ହୋଇ ଲିଜୁ ଗୁରୁତର ଭାବେ ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଉଦ୍ଧାର କରି ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲେହେଁ ସେଠାରେ ଡାକ୍ତର ଲିଜୁଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ତାଙ୍କ ପରିବାର ଲୋକଙ୍କ ସହ ସହକର୍ମୀ ଓ ସିରିଆପାଲି ଗାଁର ବାସିନ୍ଦା ଚିକିତ୍ସାଳୟରେ ପହଞ୍ଚିଥିଲେ। ସମ୍ପୃକ୍ତ ଠିକା ସଂସ୍ଥାର ଅଧିକାରୀ ଲିଜୁଙ୍କ ପରିବାର ସଦସ୍ୟଙ୍କ ସହ କ୍ଷତିପୂରଣ ବାବଦରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ଲିଜୁଙ୍କ ପରିବାର ଲୋକେ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଦାବି କରିବାରୁ ପ୍ରଥମ ପର୍ଯ୍ୟାୟ ଆଲୋଚନା ବିଫଳ ହୋଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ କ୍ଷତିପୂରଣ ନେଇ କୌଣସି ସମାଧାନର ପନ୍ଥା ବାହାରିପାରିନାହିଁ। ଅନ୍ୟପକ୍ଷରେ କ୍ଷତିପୂରଣ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଛଡ଼ାଯିବ ନାହିଁ ବୋଲି ପରିବାର ଲୋକେ ଜିଦ୍ ଧରିଥିବା ଜଣାପଡ଼ିଛି।



# ଜଳ ଶୋଷିଚାଲିଛନ୍ତି ଶିଳ୍ପସଂସ୍ଥା

**ଭୁବନେଶ୍ୱର,୧୧।୧:** ଆଗାମୀ ଗ୍ରୀଷ୍ମ ଋତୁରେ ଜଳଭାବକୁ ନେଇ ଏବେ ଠାରୁ ଚିନ୍ତା ପ୍ରକଟ କରାଯାଉଥିବାବେଳେ ଶିଳ୍ପସଂସ୍ଥାଗୁଡିକ ଯେଉଁ ହାରରେ ହୀରାକୁଦ ଜଳଭଣ୍ଡାର ଓ ମହାନଦୀ ସମେତ ଅନ୍ୟ ନଦୀଗୁଡିକରୁ ଜଳ ଶୋଷୁଛନ୍ତି ତାହା ସ୍ଥିତିକୁ ବହୁଗୁଣିତ କରିଦେବ । ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳବାସୀ ତ ଦୂରରକଥା ନଦୀକୂଳିଆ ଲୋକେ ବି ପାଣିଟୋପେ ପାଇବେ କି ନାହିଁ ଏବେଠାରୁ ସେହି ଚିନ୍ତାରେ ପଡିଲେଣି।



ଗୋଟିଏ ପଟେ ପଡୋଶୀ ଛତିଶଗଡ ମହାନଦୀକୁ ପାଣି ଛାଡିବା ନେଇ ଲୁଚୁକାଳି ଖେଳୁଥିବାବେଳେ ଛୋଟ ବଡ ୪୭ଟି ଶିଳ୍ପସଂସ୍ଥା ହୀରାକୁଦ ସମେତ ମହାନଦୀର ବିଭିନ୍ନ ସ୍ଥାନରୁ ନିଜର ଆବଶ୍ୟକତା ପାଇଁ ଜଳ ଶୋଷିବାରେ ଲାଗିଛନ୍ତି । ହୀରାକୁଦରୁ ଜଳ ଶୋଷିବା ତାଲିକାରେ ସବୁଠାରୁ ଆଗରେ ରହିଛି ଝାରଗୁଡାରେ ଥିବା ସେସା ଷ୍ଟେରଲାଇଟ୍ କମ୍ପାନୀ । ଏହି କମ୍ପାନୀର ହୀରାକୁଦରୁ ୭୨ କ୍ୟୁସେକ ଜଳ ଟାଣୁଥିବାବେଳେ ସମ୍ବଲପୁରର ଲପଙ୍ଗା ଠାରେ ଥିବା ଆଦିତ୍ୟ ଆଲୁମିନିୟମ କମ୍ପାନୀ ହୀରାକୁଦ ଜଳଭଣ୍ଡାରରୁ ସିଧାସଳଖ ୫୨.୭୩ କ୍ୟୁସେକ ଜଳ ଟାଣୁଛି। ଏହା ପଛକୁ ରହିଛି ସେହି ଇଲାକାରେ ଥିବା ଭୂଷଣ ପାୱାର ଓ ଷ୍ଟିଲ । ଏହି କମ୍ପାନୀ ହୀରାକୁଦରୁ ୪୫ କ୍ୟୁସେକ ପାଣି ଟାଣୁଥିବାବେଳେ ଝାରସୁଗୁଡା ଠାରେ ଥିବା ବେଦାନ୍ତ ଆଲୁମିନିୟମ ହୀରାକୁଦରୁ ୪୦ କ୍ୟୁସେକ ପାଣି ଶୋଷୁଥିବା ଜଣାଯାଇଛି ।

୧୩ଟି ପମୁଖ କମ୍ପାନୀ ସିଧାସଳଖ ଭାବେ ହୀରାକୁଦ ଜଳଭଣ୍ଡାରରୁ ପାଣି ଟାଣୁଥିବାବେଳେ ଆଉ ୩୪ଟି କମ୍ପାନୀ ମହାନଦୀ ଓ ତାହାର ଶାଖାନଦୀରୁ ପାଣି ଟାଣୁଛନ୍ତି । ଏମାନଙ୍କ ଯୋଗୁଁ ମହାନଦୀର ବିଭିନ୍ନ ସ୍ଥାନ ଶୁଖିଲା ପଡୁଥିବାବେଳେ ମତ୍ସ୍ୟଜୀବୀଙ୍କ ବେଉଷା ବୁଡିଗଲାଣି । ଚାଷୀମାନେ ଆବଶ୍ୟକ ପାଣି ପାଇବେ କି ନାହିଁ ସେହିଚିନ୍ତାରେ ରହିଛନ୍ତି ।

କେବଳ ମହାନଦୀ ନୁହେଁ, ବୈତରଣୀ ଉପରେ ମଧ୍ୟ ୩୭ଟି କଳ କାରଖାନା ନିର୍ଭରଶୀଳ । ବୈତରଣୀ ଓ ଏହାର ଶାଖାଦୀ କୁଶେଇ ନାଳ, କାକରପାଣି ନାଳ, ନାଇବାଗା ନାଳ, କୁକୁରଙ୍ଗୀ ନାଳ, ଚାବଡା ନାଳ, କାଶୀ ନାଳ, ଠାକୁରାଣୀ ନାଳ, ତେହେରି ନାଳ ଓ କୁନ୍ଦ୍ରା ନାଳରୁ ଜିନ୍ଦଲ, ଟାଟା ଷ୍ଟିଲ, ଓଏମ୍‌ସି, ରୁଙ୍ଗ୍‌ଟା, ଫାକର, ଏସଏଲ୍ ମାଇନିଂ, ଧାମରା ବନ୍ଦର ଭଳି ଶିଳ୍ପସଂସ୍ଥା ପାଣି ଶୋଷୁଛନ୍ତି ।

ସେହିଭଳି ବ୍ରାହ୍ମଣୀ ଉପରେ ଛୋଟବଡ ୬୮ଟି କମ୍ପାନୀ ନିର୍ଭରଶୀଳ ଥିବାବେଳେ ବଂଶଧାରା ଉପରେ ଗୋଟିଏ, ଇନ୍ଦ୍ରାବତୀ ଉପରେ ୩ଟି, କୋଲାବ ଉପରେ ୭ଟି, ନାଗାବଳୀ ଉପରେ ଦୁଇଟି, ଋଷିକୂଲ୍ୟା ଉପରେ ୫ଟି ଓ ସୁବର୍ଣ୍ଣରେଖା ଉପରେ ଗୋଟିଏ ଶିଳ୍ପସଂସ୍ଥା ନିର୍ଭରଶୀଳ । ଏହିସବୁ ଶିଳ୍ପସଂସ୍ଥା ମୁଖ୍ୟ ନଦୀ ସମେତ ଶାଖାନଦୀରୁ ଜଳ ଟାଣିବାରେ ଲାଗିଛନ୍ତି । ଏଥିଯୋଗୁଁ ଗ୍ରୀଷ୍ମଋତୁର ବହୁ ପୂର୍ବରୁ ନଦୀର ବିଭିନ୍ନ ସ୍ଥାନରେ ଜଳଭାବ ପରିଲକ୍ଷିତ ହେଉଛି ।

ଜଳାଭାବର ପ୍ରଭାବ ମତ୍ସ୍ୟଜୀବୀଙ୍କ ବେଉସା ବୁଡାଇଥିବାବେଳେ ବହୁ ସ୍ଥାନରେ ଚାଷବାସ ଉପରେ ମଧ୍ୟ ଏହାର ପ୍ରଭାବ ପଡୁଛି । ଏପରିକି ସ୍ୱଳ୍ପ ଜଳରେ କିଭଳି ଚାଷ କରାଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି । ନଦୀକୂଳରେ ଥିବା ରାଜଧାନୀ ଭଳି ସହରରେ ବି ଖରାଦିନେ ପାନୀୟଜଳ ସମସ୍ୟା ପରିଲକ୍ଷିତ ହେବାରେ ଲାଗିଛି। ତେଣୁ ଆଗାମୀ ଦିନରେ ଜଳର ସ୍ଥିତିକୁ ଦେଖି ଶିଳ୍ପପାଇଁ ଅନୁମତି ପ୍ରଦାନ କରିବାକୁ ପରିବେଶବିତ୍‌ମାନେ ମତ ଦେଉଛନ୍ତି । (ତଥ୍ୟ)

## ପ୍ରତ୍ୟୁଷ ପୁହାଣଙ୍କ ସଫଳତା

**ଭୁବନେଶ୍ୱର,୧୧।୧(ସଂଚାର ବ୍ୟୁରୋ):** ବାରିକ ସାହି ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଛାତ୍ର ପ୍ରତ୍ୟୁଷପୁହାଣ ୩ୟ ଶ୍ରେଣୀର ଛାତ୍ର ଅଟନ୍ତି । ସେ ଜଗତ୍‌ସିଂହପୁର ଖଟି କୋଳଦା ଗ୍ରାମର ସମାଜସେବୀ ବଂଶୀ ଧର ପୁହାଣ ଓ ଶ୍ରୀମତୀ ଅନ୍ନପୂର୍ଣ୍ଣ ପୁହାଣଙ୍କ ନାତି ଅଟନ୍ତି । ସେ ସରକାରୀ ବୃତ୍ତିରେ କଟକ ସିଏମ୍‌ସିରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିନିମନ୍ତେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଓ ଗୁରୁଜୀ ଗୁରୁମାଙ୍କୁ ଶ୍ରେୟ ଦେଇଛନ୍ତି। ପ୍ରତ୍ୟୁଷ ଏହିସଫଳତା ମାତା ରୀତା ରାଣୀ ଭଞ୍ଜଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କ ପିତା ପ୍ରଦୀପ୍ତ ପୁହାଣ ସ୍ଥାନୀୟ ଶିଶୁ ମନ୍ଦିରର ଆଚାର୍ଯ ଅଟନ୍ତି ତାଙ୍କୁ ମଧ୍ୟ ଶ୍ରେୟ ଦେଇଛନ୍ତି।



ଯଦା ଧର୍ମଗ୍ଳାନିର୍ଭବତି ଜଗତାଂ
କ୍ଷୋଭକରଣୀ ତଦା ଲୋକସ୍ୱାମୀ
ପ୍ରକଟିତବପୁଃ ସେତୁଧୃଗଜଃ।
ସତାଂ ଧାତା ସ୍ୱଚ୍ଛୋ ନିଗମଗଣଗୀତୋ
ବ୍ରଜପତିଃ ଶରଣ୍ୟୋ ଲୋକେଶୋ ମମ
ଭବତୁ କୃଷ୍ଣୋ କ୍ଷିବିଷୟଃ।

SANCHAR
ସଂଚାର




# ଲକ୍ଷ୍ୟ ନିର୍ଦ୍ଧାରଣରେ ତ୍ରୁଟି

ରାଜସ୍ଥାନର କୋଟା ସହର ଦେଶର କୋଚିଂ ସେଣ୍ଟର ଭାବେ ପରିଚିତ। ବିଭିନ୍ନ ରାଜ୍ୟରୁ ଛାତ୍ରଛାତ୍ରୀମାନେ ଆସି ଏଠାରେ ସର୍ବଭାରତୀୟ ସ୍ତର ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନିଅନ୍ତି। ଏଠାରେ ବହୁ ଦକ୍ଷ ଅଧ୍ୟାପକ/ଶିକ୍ଷକ ଛାତ୍ରମାନଙ୍କୁ ସଫଳତା ପାଇଁ ଠିକଣା ବାଟ ବତାନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସଫଳତା ମଧ୍ୟ ପାଆନ୍ତିଥାନ୍ତି। କିନ୍ତୁ ସମସ୍ତେ ସଫଳ ହୁଅନ୍ତି ନାହିଁ। ବିଫଳ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେକ ଏଥିପାଇଁ ନୈରାଶ୍ୟରେ ଆତ୍ମହତ୍ୟା କରନ୍ତି। ଗତ ସପ୍ତାହକ ମଧ୍ୟରେ କୋଟାରେ ଏଭଳି ଦୁଇଜଣ ଆତ୍ମହତ୍ୟା କଲେଣି ଯେଉଁମାନେ ସର୍ବଭାରତୀୟ ସ୍ତରରେ ପ୍ରବେଶିକା ପରୀକ୍ଷା ନିମନ୍ତେ କୋଚିଂ ନେଉଥିଲେ। ଆତ୍ମହତ୍ୟା କରିଥିବା ଜଣେ ଛାତ୍ରୀ ତାଙ୍କ ସୁଇସାଇଡ୍ ନୋଟରେ ନିଜ ବାପା-ମା'ଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି ଯେ, ସେମାନେ ତାଙ୍କଠାରୁ ଯାହା ଆଶା କରୁଛନ୍ତି, ସେ ସେଥିପାଇଁ ସମର୍ଥ ବା ଯୋଗ୍ୟ ନୁହଁନ୍ତି। ଏଥିପାଇଁ ସେ ଦୁଃଖିତ। ସେ ନିଜ ପିତାମାତାଙ୍କ ଆକାଂକ୍ଷା ପୂରଣରେ ବିଫଳ ହୋଇଥିବାରୁ ସେ ଆତ୍ମହତ୍ୟା କରୁଥିବା ଲେଖିଛନ୍ତି। ଏଥିରୁ ପରିସ୍ଥିତି କେତେ ସ୍ପର୍ଶକାତର ତାହା ସହଜରେ ଅନୁମେୟ। ଏହା ହିଁ କୋଟାରେ ଆତ୍ମହତ୍ୟା ବୃଦ୍ଧିର କାରଣ। ନିକଟରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଚଳିତ ବର୍ଷ କେବଳ କୋଟାରେ ୩୪ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ବାସ୍ତବରେ ଏହା ଏକ ଉଦବେଗର ବିଷୟ। ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀମାନେ ମଧ୍ୟ ମେଧାବୀ ଏବଂ ଅଧ୍ୟବସାୟୀ। କିନ୍ତୁ ପ୍ରସ୍ତୁତିରେ ସାମାନ୍ୟ ତ୍ରୁଟିରୁ ସେମାନେ ବିଫଳ ହୋଇଛନ୍ତି। ହୁଏତ ସେମାନେ ଭିନ୍ନ ପରୀକ୍ଷାରେ କୃତିତ୍ୱ ହାସଲ କରିଥାନ୍ତେ। କିନ୍ତୁ ସେମାନଙ୍କୁ ପ୍ରବୋଧନା ଦେବାକୁ ଏବଂ ସଠିକ ମାର୍ଗ ଦର୍ଶନ କରିବାକୁ କେହି ନାହାଁନ୍ତି। କେବଳ ଶିକ୍ଷାଦାନ ନୁହେଁ, ପିଲାଙ୍କୁ ଜୀବନରେ ଲକ୍ଷଢ଼ କରିବାର ପ୍ରୋତ୍ସାହନ ନିହାତି ଆବଶ୍ୟକ। ବିଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆସିଛି। ପରୀକ୍ଷା ବ୍ୟବସ୍ଥାରେ ଅନେକ ସଂସ୍କାର ହୋଇଛି। ଅନେକ ନୂଆ ନୂଆ ବୈଷୟିକ କଲେଜ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ତେବେ ଶିକ୍ଷା ବାବଦରେ ବ୍ୟୟ ଭାର ବଢ଼ିଛି। ଯେଉଁମାନେ ଘରୋଇ ସ୍କୁଲ-କଲେଜରେ ପାଠ ପଢ଼ୁଛନ୍ତି ସେମାନଙ୍କୁ ଏ ବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ଏପରିକି ସ୍ଥଳ ବିଶେଷରେ ମେଡିକାଲ ବା ଏମବିଏ ଭଳି ପାଠ୍ୟକ୍ରମ ଲାଗି କୋଟିଏ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଯଦିଓ ଆଇଆଇଟି, ଏନଆଇଟି, ଏମସ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ଏବଂ ସିଟ ସଂଖ୍ୟା ବୃଦ୍ଧି ପାଉଛି, କିନ୍ତୁ ସେହି ଅନୁପାତରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତେଣୁ ଏସବୁ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ମଧ୍ୟ ବୃଦ୍ଧି ପାଇଛି। ପ୍ରତିଯୋଗିତାର ମାନ ଏତେ ବଢ଼ିଯାଇଛି ଯେ, ଏଥିରେ ସଫଳ ହେବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଯାଇଛି। ଏଥିପାଇଁ ସେମାନଙ୍କ ଉପରେ ବାପା-ମା' ବା ପରିବାର ପକ୍ଷରୁ ଚାପ ପକାଯାଉଛି। ଯେମିତି ହେଲେ ସେମାନଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ହେବାକୁ ପଡ଼ିବ। ବାପା-ମା' ମାନେ ସେମାନଙ୍କ ଲାଗି ଏଥିପାଇଁ ବିପୁଳ ଅର୍ଥ ମଧ୍ୟ ବ୍ୟୟ କରୁଛନ୍ତି। ଅନେକ ଛାତ୍ରଛାତ୍ରୀ ଏଥିପାଇଁ ଘରୋଇ କୋଚିଂ ସେଣ୍ଟରରେ କୋଚିଂ ନେଉଛନ୍ତି। ରାଜସ୍ଥାନର କୋଟା ଦେଶର ଏକ ପ୍ରମୁଖ କୋଚିଂ ସେଣ୍ଟର ଭାବେ ପରିଚିତ। ଦେଶର ବିଭିନ୍ନ ଅଞ୍ଚଳରୁ ସେଠାକୁ ଛାତ୍ରଛାତ୍ରୀମାନେ ଯାଇ କୋଚିଂ ନିଅନ୍ତି। ଏ ବାବଦରେ ବିପୁଳ ଅର୍ଥ ବ୍ୟୟ ମଧ୍ୟ କରିବାକୁ ପଡ଼ିଥାଏ। କୋଟା ସହର ବ୍ୟତିତ ଅନ୍ୟାନ୍ୟ ସହରରେ ମଧ୍ୟ ଏଭଳି ଅନେକ କୋଚିଂ ସେଣ୍ଟର ରହିଛି। ଏସବୁ ବ୍ୟବସାୟିକ ସଂସ୍ଥା। ଶିକ୍ଷାଦାନ ନାମରେ ସେମାନେ ପିଲାଙ୍କୁ ଆର୍ôଥକ ଦୃଷ୍ଟିରୁ ଶୋଷଣ କରୁଥିବାର ଅଭିଯୋଗ ମଧ୍ୟ ହେଉଛି। ଏହିସବୁ କୋଚିଂ ସେଣ୍ଟର ଗୁଡ଼ିକରେ ଶିକ୍ଷା ଏବଂ ତାଲିମ ପାଉଥିବା ଅନେକ ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳ ମଧ୍ୟ ହେଉଛନ୍ତି। କିନ୍ତୁ ସମସ୍ତେ ସଫଳ ହେବେ ବୋଲି ଆଶା କରାଯାଇନପାରେ। ଅନେକ ବିପୁଳ ଅର୍ଥ ବ୍ୟୟ କରି କୋଚିଂ ନେବା ସତ୍ତ୍ୱେ ବିଫଳ ମଧ୍ୟ ହେଉଛନ୍ତି। ଏଥିରେ ବାପା-ମା' ମାନେ ଅସନ୍ତୁଷ୍ଟ ହେଉଛନ୍ତି। ଫଳରେ ପିଲାମାନେ ମାନସିକ ଚାପର ସମ୍ମୁଖୀନ ହେଉଛନ୍ତି। ବାପା-ମା'ଙ୍କୁ ସନ୍ତୁଷ୍ଟ କରିନପାରିବାର ଦୁଃଖ ଏବଂ ଭୟ ସେମାନଙ୍କୁ ଘାରୁଛି। ସମସ୍ତଙ୍କର ମାନସିକ ଚାପ ସହ୍ୟ କରିବାର ଶକ୍ତି ସମାନ ନଥାଏ। କେତେକ ମାନସିକ ଚାପ ସହିନପାରି ଆତ୍ମହତ୍ୟା କରିବାକୁ ପଛାଉ ନାହାଁନ୍ତି। ଯେଉଁମାନେ ଦେଶର ଭବିଷ୍ୟତ ସେମାନେ ଯଦି ନୈରାଶ୍ୟରେ ବୁଡିଯିବେ ଏବଂ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବେ ତେବେ ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯିବ। ଏକ ନିର୍ଦ୍ଦିଷ୍ଟ ପରୀକ୍ଷାରେ ସଫଳ ହେବା ଜୀବନର ଅନ୍ତିମ ବା ଚରମ ଲକ୍ଷ୍ୟ ନୁହେଁ। ସେମାନେ ଭଲ ଛାତ୍ର। କୌଣସି କାରଣରୁ ସେମାନେ ପରୀକ୍ଷାରେ ସଫଳ ହୋଇପାରିନାହାଁନ୍ତି। ହୁଏତ ସେମାନଙ୍କ ପାଇଁ ଅନ୍ୟ ରାସ୍ତା ଉନ୍ମୁକ୍ତ ଥିବ। ଗୋଟିଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେଲେ ବୋଲି ଜୀବନ ଲକ୍ଷ୍ୟଚ୍ୟୁତ ହୋଇଗଲା ବୋଲି ଭାବିବା ଅନୁଚିତ। ସେମାନେ ଏଥିଲାଗି ଭାଙ୍ଗି ନପଡ଼ି ସାହସର ସହିତ ପୁଣି ଲଢ଼େଇ ପାଇଁ ପ୍ରସ୍ତୁତ ହେବା ଉଚିତ। ଏଥିରେ ଶିକ୍ଷକ, ଅଭିଭାବକ ଓ ଅନ୍ୟ ଆତ୍ମୀୟଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଛି। ଛାତ୍ରଛାତ୍ରୀଙ୍କୁ ସେମାନେ ମାନସିକ ଚାପରୁ ମୁକ୍ତ ହୋଇ ପରବର୍ତ୍ତୀ ଲଢ଼େଇ ପାଇଁ ପ୍ରସ୍ତୁତ ହେବାକୁ ଉତ୍ସାହିତ କରିବା ଉଚିତ। ଛାତ୍ରଛାତ୍ରୀମାନଙ୍କୁ ସେଥିପାଇଁ ଉତ୍ତମ କାଉନସେଲିଂର ଆବଶ୍ୟକତା ରହିଛି। ସ୍କୁଲ ସ୍ତରରୁ ଏହି କାଉନସେଲିଂ ଆବଶ୍ୟକ। ଏହା ଏକ ଛୋଟ ସମସ୍ୟା ବା ପ୍ରସଙ୍ଗ ନୁହେଁ। ଏହା ଏକ ଜାତୀୟ ସମସ୍ୟା। ଏଥିଲାଗି ପୁରା ସମାଜ ଚିନ୍ତା କରିବା ଉଚିତ। ଜୀବନର ଲକ୍ଷ୍ୟ ନିର୍ଦ୍ଧାରଣ ଲାଗି ଛାତ୍ରଛାତ୍ରୀଙ୍କୁ ସ୍ୱାଧୀନତା ଦିଆଯିବା ଉଚିତ। ବାପା-ମା' ସେମାନଙ୍କୁ ନିଜ ଇଚ୍ଛାରେ ନିର୍ଦ୍ଦିଷ୍ଟ ରାସ୍ତାରେ ଯିବାକୁ ବାଧ୍ୟ କରିବା ଅନୁଚିତ। ଏବେ ସାରା ଦେଶରେ ପରୀକ୍ଷା ଋତୁ ଚାଲିଛି। ପିଲାମାନେ ଚାପରେ ଅଛନ୍ତି। ବର୍ଷ ତମାମ କଠିନ ପରିଶ୍ରମ କରି ସେମାନେ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଛନ୍ତି। ସେମାନଙ୍କୁ ଯେପରି ନିଜ ପରିଶ୍ରମ ଏବଂ ଅଧ୍ୟବସାୟର ଫଳ ମିଳିପାରିବ ସେଥିଲାଗି ସେମାନେ ଚିନ୍ତିତ। ସେମାନଙ୍କୁ ଚିନ୍ତାମୁକ୍ତ, ଚାପମୁକ୍ତ କରାଯିବା ଜରୁରୀ। ନୈରାଶ୍ୟରୁ ମୁକ୍ତ ହୋଇ ସେମାନଙ୍କ ଜୀବନରେ ଯେପରି ଆଶାର କିରଣ ସୃଷ୍ଟି ହେବ ସେଥିଲାଗି ସମାଜ ଉଦ୍ୟମ କରିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ଆୟକର ସ୍ଲାବରେ ପରିବର୍ତ୍ତନ ହେଉ

ମହାଶୟ,

ଆସନ୍ତା ଫେବୃଆରୀ ପହିଲାରେ ସଂସଦରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ଆର୍ôଥକ ବର୍ଷ ନିମନ୍ତେ କେନ୍ଦ୍ରୀୟ ବଜେଟ ଉପସ୍ଥାପନ କରିବେ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଅର୍ଥମନ୍ତ୍ରୀ ସବୁ ବର୍ଗ, ସବୁ ଗୋଷ୍ଠୀ ଏବଂ ଅଥନୀତିଜ୍ଞମାନଙ୍କ ସହ ବଜେଟ୍ ସମ୍ପର୍କରେ ପରାମର୍ଶ କରୁଛନ୍ତି। ଅଧିକାଂଶ ଅର୍ଥନୀତିଜ୍ଞ, ଶିଳ୍ପ ଓ ବ୍ୟବସାୟିକ ସଙ୍ଗଠନର ପ୍ରତିନିଧିମାନେ ବଜେଟରେ ଆୟକର ସ୍ଲାବରେ ପରିବର୍ତ୍ତନ ଏବଂ ଏହାକୁ ଅଧିକ ସରଳ କରିବା ପାଇଁ ପରାମର୍ଶ ଦେଇଛନ୍ତି। କାରଣ ଦେଶରେ ଦରଦାମ ଯେପରି ଭାବେ ବୃଦ୍ଧି ପାଉଛି ଏବଂ ଟଙ୍କା ମୂଲ୍ୟ ହ୍ରାସ ପାଉଛି ସେଥିରେ ବାର୍ଷିକ ୧୦ ଲକ୍ଷ ଟଙ୍କା ଆୟ କିଛି ନୁହେଁ। ଏହାକୁ ଆୟକର ପରିସରମୁକ୍ତ କରାଯିବା ଉଚିତ। ସ୍ୱାସ୍ଥ୍ୟ ଏବଂ ଶିକ୍ଷା ଲାଗି ବିପୁଳ ଅର୍ଥ ବ୍ୟୟ କରିବାକୁ ପଡୁଛି। ସବୁ ସାମଗ୍ରୀ ଏବଂ ସେବାରେ ଜିଏସଟି ପଡୁଛି। ତେଣୁ ମଧ୍ୟବିତ୍ତ ବର୍ଗର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏଥର ବଜେଟରେ ଅର୍ଥମନ୍ତ୍ରୀ ଜିଏସଟି ସ୍ଲାବରେ ପରିବର୍ତ୍ତନ କରିବେ ବୋଲି ଆଶା। ବାର୍ଷିକ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକୁ ଟିକସ ମୁକ୍ତ କରାଯାଉ।

ମିନତୀ ମଙ୍ଗରାଜ, ଦଧିମାଛଗାଡ଼ିଆ, ଖୋର୍ଦ୍ଧା

# 'ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ'

ଯଜାତି କେଶରୀ ନାୟକ



ମଣିଷର ଜୀବନ ଅନେକ ଅନେକ ଅସରନ୍ତି ସ୍ମୃତି, ଅଭୁଲା କୃତି ଓ ବିସ୍ମୃତିରେ ଭରା। ଜୀବନର ଚଲାବାଟରେ ପଦପାତ କରୁଥିଲାବେଳେ ସେ ଭେଟେ ଅଜସ୍ର ବ୍ୟକ୍ତିତ୍ୱ ମାନଙ୍କୁ, ଅସଂଖ୍ୟ ଚିହ୍ନା - ଅଚିହ୍ନା ମୁହଁ ମାନଙ୍କୁ। ପଦଚାରଣା କଲାବେଳେ ଜୀବନର ଯାତ୍ରାପଥରେ କେଉଁ ଜଣଶ-ଅଜଣା ମୁହଁମାନେ ତାକୁ ଭଲ ଲାଗନ୍ତି, କେହି ହସରେ, କୁସିରେ ଚାହିଁ ଦେଇଯାଏ, କିଏ ଆନନ୍ଦରେ ଆଗ୍ରହରେ ପଦେ ଦି'ପଦ କଥା ହୁଏ ତ କିଏ ପୁଣି ମୁହଁ ଫେରେଇ ନିଏ ଏ ବସ୍ତୁବାଦୀ ଦୁନିଆଁରେ। ସମୟର ଅସରନ୍ତି ଛନ୍ଦପତନର ଏହା ହିଁ ବୋଧହୁଏ ଅଲିଖିତ ନିୟମ। ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପର ପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ମୋ ବାପା ସ୍ୱର୍ଗତଃ ଗଣିନାଥ ନାୟକ। ଶ୍ରୀମଦ୍ ଭାଗବତରେ ଉଲ୍ଲେଖ ଅଛି 'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାବିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧକ ଥିଲେ ସେ। ଜୀବନକୁ ସେ କେବଳ ବଞ୍ଚି ନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ୍। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ହିଁ ନିର୍ଭର କରିଥାଏ। ମଣିଷଟିଏ ଜନ୍ମ ବେଳେ କିଛି ଆଣି ନଥାଏ। ଗଲାବେଳେ କିଛି ନିଏ ନାହିଁ। କାରଣ ଆସିବା ଆଉ ଯିବା ତା' ହାତର କଥା ନୁହେଁ। ନିଜର ଇଚ୍ଛାର ବ୍ୟାପାର ବି ନୁହେଁ। କିନ୍ତୁ ଆସିବା ଆଉ ଯିବାର ମଝିରେ ଯାହା ଥାଏ ତା'ର ନାମ ଜୀବନ। ଏଥିରେ ରହିଛି ଐଶ୍ୱରୀୟ ଇଛା ଓ ନିଜର ସାଧନା। ତେଣୁ ସଂସାରକୁ କୁହାଯାଏ କର୍ମର କ୍ଷେତ୍ର। ଏଇଟି ହେଉଛି କର୍ମ କରିବାର ପ୍ରକୃଷ୍ଟ କ୍ଷେତ୍ର। ଜଣେ ପ୍ରତିଷ୍ଠିତ ହୁଏ ନିଜର କର୍ମରେ ଆଉ ବଞ୍ଚିରହେ ସେହି କର୍ମରେ। ତେଣୁ କୁହାଯାଏ କର୍ମ ହିଁ ଭଗବାନ। ସୁକର୍ମ କରି ଅନେକ ବ୍ୟକ୍ତି ସଫଳତାର ପାହାଚକୁ ଛୁଇଁଛନ୍ତି। ଏ କଥା ନୂଆ ନୁହେଁ। ନୂଆ ହେଉଛି ବ୍ୟକ୍ତିଟିଏ କିପରି ସଫଳ ହୁଅନ୍ତି, ସେହି ଘଟଣା ହିଁ ନୂଆ। ତାହା ଉଦାହରଣ ହୋଇଯାଏ ସାରା ସମାଜ ପାଇଁ। ସେହିପରି ଉଦାହରଣ ସ୍ତରରେ ପହଞ୍ଚିଥିବା ବ୍ୟକ୍ତି ସେଥିଲେ। ସେ ଥିଲେ ଏଇ ଓଡ଼ିଶା ମାଟିର ପୁଅ, ବିଞ୍ଝାରପୁର ମାଟିର ପୁଅ। ରକ୍ତମାଂସର ଅବୟବ ମାତ୍ର ଉଦ୍ୟମ ତାଙ୍କର ଲୌହ ଭଳି କଠିନ। ପ୍ରଚେଷ୍ଟା ବଜ୍ର ଭଳି କଠୋର। ଶପଥ ଓ ଆକାଂକ୍ଷା ହିମାଳୟ ପରି ସୁଉଚ୍ଚ। ୧୯୫୦ ମଇ ୨୧ ତାରିଖରେ ଜନ୍ମ ହୋଇ ବାହୁଡ଼ି ଗଲେ ୨୦୨୫ ଜାନୁଆରୀ ୨ରେ। ରାଜନୀତି ଥିଲା ତାଙ୍କର ସେବାର ମାଧ୍ୟମ। ପ୍ରଥମେ ଜନତା ଦଳରେ ଯୁବନେତା ଭାବେ କାର୍ଯ୍ୟ କରିବା ସମୟରେ ପ୍ରମିଳା ମଲ୍ଲିକଙ୍କ ସଂସ୍ପର୍ଶରେ ଆସି ସ୍ଥାନୀୟ ଅଞ୍ଚଳରେ ବିଜେଡ଼ିକୁ ସଶକ୍ତ କରିବା ସହ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ସହଯୋଗରେ ସ୍ଥାନୀୟ ଅଞ୍ଚଳର ବିଶେଷକରି ବିଞ୍ଝାରପୁରର ଅନେକ ଗ୍ରାମୀଣ ରାସ୍ତା ତିଆରିରେ ସେ ନିଜକୁ ଏପରି ବ୍ରତୀ ରଖିଥିଲେ ଯେ ଆଜି ଯୋଗାଯୋଗ ଓ ସଡ଼କ ପଥର ବିକାଶର ଶ୍ରେୟ ତାଙ୍କୁ ହିଁ ଦିଆଯାଏ। ଅନେକ ଗରିବ ଆଉ ପଛୁଆବର୍ଗର ଲୋକଙ୍କ ପାଇଁ ବିପିଏଲ କାର୍ଡ଼ ଠାରୁ ସ୍ୱାସ୍ଥ୍ୟ ବୀମା ସବୁକିଛି ସେ କରାଇବାରେ ସହଯୋଗ ରଖିଥିଲେ। ରୋଡ଼ସ ଆଣ୍ଡ ବିଲଡିଂ ବିଭାଗ ଅଧୀନରେ ଅନେକ ନିର୍ମାଣଧୀନ ପୋଲ ତିଆରି କରାଇ ଲୋକଙ୍କ ଯୋଗାଯୋଗ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିଥିଲେ। ନିଜ ରାଜନୀତି କ୍ୟାରିୟର ଜୀବନ ଭିତରେ ସବୁବେଳେ ଘର ପରିବାରକୁ ସେ ପଛକରି ଲୋକଙ୍କ ସେବାରେ ନିଜକୁ ନିୟୋଜିତ ରଖୁଥିଲେ। ଜଣେ ଧର୍ମ ପରାୟଣ ଓ ଭାଇଚାରା ପ୍ରତିଷ୍ଠାର ଅଗ୍ରଦୂତ ସେ ଥିଲେ। ଆମ ପଡ଼ୋଶୀ କିଛି ମୁସଲମାନ ବନ୍ଧୁଙ୍କ ସହ ସେ ଅତ୍ୟନ୍ତ ସୁସମ୍ପର୍କ ରଖି ମନ୍ଦିର ହେଉ କି ମସଜିଦ ସବୁର ଉନ୍ନୟନ କାମର ମୂଳଦୁଆକୁ ସେ ଅଗ୍ରଣୀ କରିପାରିଥିଲେ। ତାଙ୍କ ମୂଳକରେ ଭୂମିହୀନ କେହି ରହିବେ ନାହିଁ। ଦରିଦ୍ରଟି ବୋଲି ସମାଜରେ କେହି ଉପହସିତ ହେବନାହିଁ ସେ ସେମାନଙ୍କୁ ମର୍ଯ୍ୟାଦାର ସହ ଓ ସମ୍ମାନର ସହ ବଞ୍ଚିବା ପାଇଁ ଅତୁଳନୀୟ ଅବଦାନ ରଖିଥିଲେ। ଗରିବ ପରିବାରର ଝିଅ ବିବାହ ହେଉ ବା ଚାଷ ଜମି ପାଇଁ ଆର୍ଥିକ ସହାୟତା। ପିଲାଟି ପାଠପଢ଼ା ପାଇଁ ଆବଶ୍ୟକ ଅର୍ଥ ହେଉ ବା କାହାର ଦୁର୍ଘଟଣା ଜନିତ କଷ୍ଟ। ସମସ୍ତଙ୍କ ପାଇଁ ସେ ଥିଲେ ଉତ୍ସର୍ଗୀକୃତ ପରୋପକାରୀ ମଣିଷ। ୧୯୯୯ର ଭୟାନକ ମହାବାତ୍ୟା ଆମ ବିଞ୍ଝାରପୁର ଅଞ୍ଚଳରେ ନାହିଁ ନଥିବା କ୍ଷତି ସୃଷ୍ଟି କରିଥିଲା। ମହାବାତ୍ୟାର ମଧ୍ୟ ରାତ୍ରିରୁ ହିଁ ସେ ଆରମ୍ଭ କରିଦେଇଥିଲେ ସେବା କାର୍ଯ୍ୟ। ତାଙ୍କ ଦୃଷ୍ଟିରେ ସମସ୍ତେ ଥିଲେ ସମାନ। ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳରେ ବୃହତ୍ ଯୌଥ ନାୟକ ପରିବାରର ସେ ଥିଲେ ମୁରବୀ। ତାଙ୍କ ଅବର୍ତ୍ତମାନରେ ପରିବାର ଉପରେ ଯେପରି କଳା ବାଦଲ ପଡ଼ିଗଲା। ତାଙ୍କରି ପୃଷ୍ଠପୋଷକତାରେ ଅନେକ ଦେବାଳୟ, ଅନେକ ଅନୁଷ୍ଠାନ ଗଢ଼ି ଉଠିଛି। କେବଳ ସେତିକି ନୁହେଁ ଜଣେ ଗାନ୍ଧୀ ଚିନ୍ତନର ପ୍ରଚାର ପ୍ରସାର ଅନୁରାଗୀ ଓ ତତ୍କାଳୀନ ସମୟରେ ନାରୀ ଶିକ୍ଷାକୁ ପ୍ରେରଣା ଯୋଗାଇବା ସହ ପ୍ରତ୍ୟେୟ ଅସହାୟ ଦୁଃଖିରଙ୍କୁ ସେବା କରିବା ଓ ତାଙ୍କ ଓଠରେ ଟିକେ ହସ ଦେବା ସହ ଗଣ୍ଡାଏ ଖାଦ୍ୟ ମୁଠାଏ ଉପଲବ୍ଧ କରି ନୈତିକ ଶିକ୍ଷା ଦେବା ଥିଲା ତାଙ୍କ ଜୀବନର ଧର୍ମ। ପିଲାଟି ଦିନରୁ ଆଧ୍ୟାତ୍ମିକ ଚେତନାକୁ ନିଜ ବ୍ୟକ୍ତିଚେତନାରେ ରୂପାନ୍ତରିତ କରିଥିଲେ। ତାଙ୍କ ଜୀବନଟି ଥିଲା ଏକ ଖୋଲା ବହି ସଦୃଶ। ପିଲାଟି ଦିନରୁ ସମସ୍ତଙ୍କ ଭିତରେ ଆଧ୍ୟାତ୍ମିକ ଚେତନା ଭରିବା ସହ ସମାଜ ସେବା ଓ ସମାଜ ନୀତିକୁ ସେ ଜୀବନର କେବଳ ବ୍ରତ କରିନଥିଲେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ। ଯିଏ ଧର୍ମକୁ ଆଶ୍ରୟ କରେ ସିଏ ସତ୍ୟନିଷ୍ଠ ହୁଏ। ଧର୍ମ ମନୁଷ୍ୟକୁ ଶୁଦ୍ଧ ମନୁଷ୍ୟରେ ପରିଣତ କରେ। ତା'ଭିତରେ ଥିବା କ୍ଷୁଦ୍ରତା ଓ ସଂକୀର୍ଣ୍ଣତାକୁ ଦୂରେଇ ଦିଏ। ଯିଏ ସମାଜ ସେବାରେ ନିଜକୁ ନିୟୋଜିତ କରିଥାଏ ସେମାନେ ହେଉଛନ୍ତି ସ୍ଫଟିକତୁଲ୍ୟ, ଦୀପ୍ତ, ସ୍ୱଚ୍ଛ ଓ ଶୁଭ୍ର।



ରକ୍ତମାଂସର ଶରୀର ଚିରସ୍ଥାୟୀ ନୁହଁ, ମାତ୍ର ଜୀବଦଶାରେ ଯିଏ ଯାହା କରିଯାଇଥାଏ ତାହା ଅମ୍ଳାନ ହୋଇ ରହିଥାଏ ଯୁଗ ଯୁଗକୁ। ଏହି ସଂଘର୍ଷପୂର୍ଣ୍ଣ ଜୀବନରେ ଅନ୍ୟ ମାନଙ୍କ ପାଇଁ ଆପଣାର ମଣିଷଟିଏ ହୋଇ ଅନ୍ୟ ମାନଙ୍କୁ ତିଆରି କରିବା ଓ ଅନ୍ୟ ମାନଙ୍କ ଓଠରେ ହସ ଫୁଟାଇବା ଥିଲା ତାଙ୍କ ଜୀବନଧର୍ମ। ଏ ଅନୀତ୍ୟ ସଂସାରରେ ଦିନେ ଯିବାକୁ ହିଁ ପଡ଼େ। ଯିବାଟା ହିଁ ବାସ୍ତବ ସତ୍ୟ। ତେବେ ଯେଉଁମାନେ ଭଗବତ କୃପାଭିକ୍ଷୁ ଓ ସମାଜ ସେବାରେ ନାରୀ ଚେତନାରେ ଜାଗରଣ ରଖିଥାନ୍ତି ସେମାନେ ଆପଣାର ସ୍ମୃତିର ପଦଚିହ୍ନକୁ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ଆମ ଗହଣରେ ମୋ ବାପା ସ୍ୱର୍ଗତଃ ଗଣିନାଥ ନାୟକ ଆଉ ନାହାଁନ୍ତି ଏକଥା ନିଷ୍ଠୁର ସତ୍ୟ ହେଲେ ବି ବିଶ୍ୱାସ କରିହେଉନି କିନ୍ତୁ ମନୁଷ୍ୟ ତାର କର୍ମ ବଳରେ ସର୍ବଗ୍ରାସୀ କାଳକୁ ମଧ୍ୟ ଜୟ କରିପାରେ। ସେହିପରି ଦେଖିଲେ ଆଧ୍ୟାତ୍ମିକ ସାଧକ, ସମାଜ ସେବୀ ଓ ମାଟି ମୂଳକଙ୍କୁ ଭଲ ପାଉଥିବା ବ୍ୟକ୍ତିତ୍ୱ କାଳଜୟୀ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଥିଲେ ନିଷ୍କଳଙ୍କ ଓ ଶୁଦ୍ଧ ପବିତ୍ର ସଂକଳ୍ପର ପ୍ରତୀକ। ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି - 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।' ଏହି ଦିବ୍ୟ ବାଣୀର ମହାବ୍ରତକୁ ଜୀବନରେ ପାଳନ କରୁଥିଲେ ସ୍ୱର୍ଗତଃ ଗଣିନାଥ ନାୟକ। ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ଗଣିନାଥ ନାୟକଙ୍କ ପରି ଦିବ୍ୟ ଜୀବନ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି - 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'

ବିଞ୍ଝାରପୁର, ଯାଜପୁର, ଦୂରଭାଷ : ୮୩୩୧୯୬୪୦୯୪

# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

ଯଶସ୍ୱିନୀ ପଟ୍ଟନାୟକ



ପିଲାମାନେ ଆଜି ହେଉଛି ସମଗ୍ର ବିଶ୍ୱରେ ଆଧ୍ୟାତ୍ମିକତାର ମହକ ଖେଳାଇ ଦେଇଥିବା ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ। ଏହି ଦିନ ସରକାରୀ ଭାବେ ଯୁବ ଦିବସର କାର୍ଯ୍ୟକ୍ରମ ସ୍ଥିରିକୃତ ହୋଇ ଯୁବ ଦିବସ ଭାବେ ପାଳିତ ହେଉଛି। ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ ଓ ଚେତନା ଆମ ସମସ୍ତଙ୍କ ପାଇଁ ପ୍ରାତଃ ସ୍ମରଣୀୟ ଓ ଶିକ୍ଷଣୀୟ। ସେଥିଲେ ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ। ତାଙ୍କ ପ୍ରଥମ ନାମ ଥିଲା ନରେନ୍ଦ୍ର ନାଥ ପରେ ସେ ସ୍ୱାମୀ ବିବେକାନନ୍ଦ ଭାବେ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିଲେ। ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ। ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା। ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା। ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ। ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି। ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ। ସେ ପାଶ୍ଚାତ୍ୟ ଚେତନାର ଥିଲେ। ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ। ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ। ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ। ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚକ୍ଷଣ ଥିଲେ। ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା। ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ। ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ। ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ



ଦେଖିଥିଲେ। ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ। ବର୍ତ୍ତମାନର ଯୁବପିଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ। ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା। ମାତୃଭୂମିକୁ ସେ ଅତି ଭଲ ପାଉଥିଲେ। ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ। ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ। ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ। ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ। କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ। ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ। ପିଲାମାନେ ତୁମ୍ଭେମାନେ ବିବେକାନନ୍ଦଙ୍କ ରାଷ୍ଟ୍ରଭକ୍ତି, ସାମାଜିକ ଦାୟିତ୍ୱ, ସ୍ପଷ୍ଟବାଦୀତା, ପିତୃମାତୃ ସେବା, ଗୁରୁ ସମର୍ପଣ ଓ ରାଷ୍ଟ୍ରପତି ସର୍ବୋଚ୍ଚ ସମର୍ପଣ ଭିତ୍ତିକ ସାମାଜିକ ସେବାର ଗୁଣ ଗୁଡ଼ିକ ଆହରଣ କଲେ ଏହା ତାଙ୍କ ଜନ୍ମଦିନ ପାଇଁ ଶ୍ରେଷ୍ଠ ଭକ୍ତି ସୁମନ ହୋଇପାରିବ।

**ଜାନୁଆରୀ ୧୨ ଜୟନ୍ତୀ ଅବସରରେ**

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ, ଇ-ମେଲ : ହବଗ୍ବବଗ୍ବଙ୍ଗସଭସକ୍ଟବଗ୍ବଗ୍ବବଭବସଳ୭୮ ଅଶଙ୍କବସକ୍ଷ.ମକ୍ଟଙ୍କସହିତ ମନୁଷ୍ୟର ସଂହତି ଓ ଦକ୍ଷତା ମଧ୍ୟ ବଢ଼ିଯାଏ। ସଦ୍‌ଗୁରୁ ନିର୍ଦ୍ଦେଶିତ ଦୀକ୍ଷା ହେଉଛି ଯତ୍ର କାଳ ବିଚାରଣା।

କଥା ପ୍ରସଙ୍ଗରେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ ପ୍ରାଣ ଶକ୍ତିର ଏକ ଅଖଣ୍ଡତା ରହିଛି ଯଦିଓ ତାହା ଶରୀରର ବିଭିନ୍ନ ଅଂଶ ଓ ଅଙ୍ଗ ପ୍ରତ୍ୟଙ୍ଗ ଭିତର ଦେଇ ନାନା ଭାବରେ କ୍ରିୟାକର, ପାଣଶକ୍ତିର ଏହି ଅଖଣ୍ଡତା ବାଦ ଦେଇ ଜୀବନ ଯେପରି ଜୀବନ୍ତ ନଥାଏ, ସେହିପରି ଏକକେନ୍ଦ୍ରିକତା ବାଦ ଦେଇ ସଙ୍ଗତିପୂର୍ଣ୍ଣ ଜୀବନ୍ତ ଜୀବନଦର୍ଶନ ଗଢ଼ି ଉଠିପାରେନାହିଁ। ପୁଣି ଯାହାଙ୍କୁ କେନ୍ଦ୍ର ଚାଲିବେ ସେ ସମାଧାନ ପ୍ରାପ୍ତ ଓ ସଂହତ ମନୁଷ୍ୟ ହେବା ଆବଶ୍ୟକ। ତାକୁ ହିଁ ଆମ୍ଭେମାନେ କହୁଁ ଗୁରୁ ବା ଇଷ୍ଟ ବା ଆଚାର୍ଯ୍ୟ। ତେଣୁ ଗୁରୁଗ୍ରହଣ ବା ଇଷ୍ଟ ଗ୍ରହଣ ଆମ୍ଭମାନଙ୍କ ଜୀବନରେ ଅପରିହାର୍ଯ୍ୟ।

ଦେହୁଣ୍ଡା, ସୁଲତାନପୁର, ଭୋଗରାଇ, ବାଲେଶ୍ୱର
ମୋବାଇଲ୍: ୯୪୩୮୩୬୯୫୯୯

# ମକର ସଂକ୍ରାନ୍ତିର ପୌରାଣିକ ମହତ୍ୱ

ଡ଼ଃ. ତପନ କୁମାର ପାଳ



ମକର ସଂକ୍ରାନ୍ତି ସୂର୍ଯ୍ୟ ଉପାସନାର ପର୍ବ। ସୂର୍ଯ୍ୟ ନାରାୟଣଙ୍କ ସ୍ତୁତି କରି ଅନ୍ଧକାରରୁ ଆଲୋକ ଆଡ଼କୁ ଯିବା ଲାଗି ଏହି ପର୍ବ ପ୍ରେରଣା ପ୍ରଦାନ କରିଥାଏ। ଏହି ପର୍ବ ଜୀବନରେ ଶୁଷ୍କତାକୁ ସମାପ୍ତ କରି ନୂତନ ଶକ୍ତି ଭରିଥାଏ। ସୂର୍ଯ୍ୟ ମକର ରାଶିରେ ପ୍ରବେଶ କରିବାକୁ ମକର ସଂକ୍ରାନ୍ତି କୁହାଯାଏ। ଭାରତ ଭୂଖଣ୍ଡ ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଅବସ୍ଥିତ। ମକର ସଂକ୍ରାନ୍ତି ପୂର୍ବରୁ ସୂର୍ଯ୍ୟ ଦକ୍ଷିଣ ଗୋଲାର୍ଦ୍ଧରେ ଥାଆନ୍ତି। ମକର ସଂକ୍ରାନ୍ତି ପର ଠାରୁ ସେ ଉତ୍ତର ଗୋଲାର୍ଦ୍ଧକୁ ପ୍ରବେଶ କରିଥାନ୍ତି। ଏହାର ଅର୍ଥ ପରବର୍ତ୍ତୀ ୬ ମାସ ପର୍ଯ୍ୟନ୍ତ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ଥାଆନ୍ତି। ସୂର୍ଯ୍ୟ ନିକଟକୁ ଆସୁଥିବାର ମକର ସଂକ୍ରାନ୍ତିରେ ତାଙ୍କର ପୂଜା କରାଯାଇଥାଏ। ମକର ସଂକ୍ରାନ୍ତିର ଅନେକ ପୌରାଣିକ ମହତ୍ୱ ରହିଛି। ସୂର୍ଯ୍ୟଙ୍କ ଉତ୍ତରାୟଣ ଠାରୁ ସମସ୍ତ ଧାର୍ମିକ କାର୍ଯ୍ୟ ଆରମ୍ଭ ହୋଇଥାଏ। ମହାଭାରତ ଯୁଦ୍ଧ ସମୟରେ ଶର ଶଯ୍ୟାରେ ଶୋଇଥିବା ପିତାମହ ଭୀଷ୍ମ



ସୂର୍ଯ୍ୟଙ୍କ ଉତ୍ତରାୟଣ ହେବାକୁ ଅପେକ୍ଷା କରିଥିଲେ। ସୂର୍ଯ୍ୟ ଉତ୍ତରାୟଣ ହେବା ମାତ୍ରେ ସେ ପ୍ରାଣ ତ୍ୟାଗ କରିଥିଲେ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ଭଗବାନ ସୂର୍ଯ୍ୟ ନିଜ ପୁତ୍ର ଶନିକୁ ଦେଖା କରିବା ଲାଗି ତାଙ୍କ ଘରକୁ ଯାଇଥିଲେ। ଶନିଦେବ ମକର ରାଶିର ସ୍ୱାମୀ ହୋଇଥିବାରୁ ଏହି ଦିବସର ନାମ ମକର ସଂକ୍ରାନ୍ତି ହୋଇଥିଲା। ମକର ସଂକ୍ରାନ୍ତି ଦିନ ଦେବୀ ଗଙ୍ଗା ଭଗୀରଥଙ୍କ ପଛେ ପଛେ ଆସି କପିଳ ମୁନିଙ୍କ ଆଶ୍ରମରେ ପହଞ୍ଚିଥିଲେ। ଏହାପରେ ଭଗୀରଥଙ୍କ ବଂଶର ଉଦ୍ଧାର ହୋଇଥିଲା। ଶେଷରେ ଦେବୀ ଗଙ୍ଗା ସାଗରରେ ମିଶିଥିଲେ। ସେଥିପାଇଁ ମକର ସଂକ୍ରାନ୍ତି ଦିନ ଗଙ୍ଗାସାଗର ସ୍ନାନର ବିଶେଷ ମହତ୍ୱ ରହିଛି। ଭାରତର ଅଧିକାଂଶ ଅଞ୍ଚଳରେ ମକର ସଂକ୍ରାନ୍ତି ପାଳିତ ହୁଏ। ଏକଦା ପ୍ରାଚୀନ ରୋମାନ୍ ଓ ଇହୁଦିମାନେ ମଧ୍ୟ ଏହି ପର୍ବ ପାଳନ କରୁଥିବା ଜଣାଯାଏ। ଏହି ଦିନରୁ ମାଘ ମାସ ଆରମ୍ଭ ହୁଏ। ଦକ୍ଷିଣ ଭାରତରେ ଏହା ନବ ବର୍ଷର ପ୍ରଥମ ଦିନ। ଦକ୍ଷିଣ ଭାରତୀୟମାନେ ଏହାକୁ କହନ୍ତି ପୋଙ୍ଗଲ। ପୋଙ୍ଗଲରେ ଅଗ୍ନି ଉତ୍ସବ ପାଳନ ସହ ନବ ବସ୍ତ୍ର ପିନ୍ଧାଯାଏ ଏବଂ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଏ। ମକରରେ ଓଡ଼ିଆ ଘରମାନଙ୍କରେ ହୋମ ହୁଏ। ନୂଆ ଅରୁଆ ଚାଉଳ, ନୂଆ ଗୁଡ଼, ଛେନା, ନଡ଼ିଆ, କଦଳୀ, ଘିଅ, ଖିରି ଆଦି ମିଶାଇ ମକର ଚାଉଳ ପ୍ରସ୍ତୁତ କରାଯାଏ। ଏହି ଭୋଗ ଦେବତାଙ୍କୁ ଅର୍ପଣ କଲା ପରେ ସାହି ପଡ଼ିଶାରେ ବଣ୍ଟାଯାଏ। ଏହି ଦିନରେ ଗଙ୍ଗାସାଗର ମେଳା ଅନୁଷ୍ଠିତ ହୁଏ। ମକର ସଂକ୍ରାନ୍ତିରୁ ସୂର୍ଯ୍ୟଙ୍କ ଗତି ଉତ୍ତରାୟଣ ଓ ତେଜ ପ୍ରଖର ହୁଏ। ସୂର୍ଯ୍ୟ, ମକର ରାଶିରୁ ବିଷୁବ ରେଖା ଆଡ଼କୁ ଗମନ କରନ୍ତି। ଏହି ସମୟରେ ମୃତ୍ୟୁ ହେଲେ, ଦେବଲୋକ ପ୍ରାପ୍ତ ହେଉଥିବା ଏକ ହିନ୍ଦୁ ବିଶ୍ୱାସ। ପିତାମହ ଭୀଷ୍ମ ଇଛାମୃତ୍ୟୁ ବର ପାଇଥିଲେ। ସେ ଶରଶଯ୍ୟାରେ, ସୂର୍ଯ୍ୟଙ୍କ ଉତ୍ତରାୟଣକୁ ଅପେକ୍ଷା କରିଥିଲେ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ



ଅଯୋଧ୍ୟାରେ ରାମଲାଲାଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବର୍ଷପୂର୍ତ୍ତି ଅବସରରେ ଶୁକ୍ରବାର ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ପୂଜାର୍ଚ୍ଚନା କରୁଛନ୍ତି

## ଷ୍ଟେସନରେ ଭୁଶୁଡ଼ିଲା ନିର୍ମାଣାଧୀନ କୋଠା



**କନୌ,୧୧।୧:** ଉତ୍ତରପ୍ରଦେଶରେ ବଡ଼ ଅଘଟଣ। କନୌଜ ରେଳ ଷ୍ଟେସନରେ ଏକ ନିର୍ମାଣାଧୀନ କୋଠାର ଛାତ ଭୁଶୁଡ଼ି ପଡ଼ିବାରୁ ଏହା ତଳେ ପ୍ରାୟ ୩୫ ଶ୍ରମିକ ଚାପି ହୋଇଯାଇଥିବା କୁହାଯାଉଛି। ବର୍ତ୍ତମାନ ସୁଦ୍ଧା ୧୨ ଜଣଙ୍କୁ ଉଦ୍ଧାର କରାଯାଇଥିବା ପୁଲିସ ସୂଚନା ଦେଇଛି। ଘଟଣାସ୍ଥଳରେ ସ୍ଥାନୀୟ ପୁଲିସ ସମେତ ଏନଡିଆରଏଫ୍, ଏସଡିଆରଏଫ୍ ଓ ଦମକଳ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଉଦ୍ଧାର ପରେ ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଉଛି। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ଅଧିକାରୀଙ୍କୁ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଉଦ୍ଧାର ଆହତଙ୍କୁ ଡାକ୍ତରଖାନାରେ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଅଧିକାରୀଙ୍କ ସୂଚନା ଅନୁସାରେ କନୌଜ ରେଲୱେ ଷ୍ଟେସନର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଏହି କାର୍ଯ୍ୟ ଅଧୀନରେ ଷ୍ଟେସନରେ ଏକ ଦୁଇ ମହଲା ବିଶିଷ୍ଟ କୋଠା ନିର୍ମାଣ କାର୍ଯ୍ୟ ଚାଲିଥିଲା। ଶନିବାର ପ୍ରାୟ ୩୫ ଜଣ ଶ୍ରମିକ ଏହି ନିର୍ମାଣ କାର୍ଯ୍ୟରେ ଲାଗିଥିବାବେଳେ କୋଠାଟି ଭୁଶୁଡ଼ି ଯାଇଥିଲା।

## ଘାତକ ହେଲା ଲିଭ୍‌ଇନ୍ ଲଭ୍: ପ୍ରେମିକ ଗିରଫ

# ଫ୍ରିଜରେ ୧୧ ମାସ ତଳର ମୃତଦେହ

**ଭୋପାଳ,୧୧।୧:** ପୁଣି ରକ୍ତାକ୍ତ ହେଲା ପ୍ରେମ କାହାଣୀ। ଘାତକ ସାବ୍ୟସ୍ତ ହେଲା ଲିଭ୍‌ଇନ୍ ଲଭ୍। ପ୍ରେମରୁ ଲିଭଇନରେ ଥିବା ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ବିବାହକୁ ନେଇ ତିକ୍ତତା ଆସିବାରୁ ଶେଷରେ ପ୍ରେମିକାଙ୍କୁ ଜୀବନ ହରାଇବାକୁ ପଡ଼ିଛି। ତେବେ ପାଖାପାଖି ୧୧ ମାସ ତଳେ ପ୍ରେମିକାଙ୍କୁ ହତ୍ୟା କରି ପ୍ରେମିକ ଜଣକ ଫ୍ରିଜରେ ତା'ର ଶବକୁ ସାଇତି ରଖିଥିବା ଭଳି ଏକ ହୃଦୟ ବିଦାରକ ଖବର ସାମ୍ନାକୁ ଆସିଛି। ମଧ୍ୟପ୍ରଦେଶର ଦେବାସ ସହର ବୃନ୍ଦାବନ କଲୋନୀରେ ଏପରି ଅଘଟଣ ଘଟିଥିବା ବେଳେ ଅଭିଯୁକ୍ତ ପ୍ରେମିକକୁ ପୁଲିସ୍ ଗିରଫ କରିଛି। ଏହି ଘଟଣା ସମଗ୍ର ସହରରେ ଚାଞ୍ଚଲ୍ୟ ଖେଳାଇଦେଇଛି। ଦେବାସ ସହର ବୃନ୍ଦାବନ କଲୋନୀରେ ଏପରି ଚାଞ୍ଚଲ୍ୟକର ଘଟଣା ଘଟିଛି । ଏକ ବନ୍ଦ ଘରୁ ଫ୍ରିଜ ଭିତରରୁ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୂର୍ବରୁ ଘର ଭିତରୁ ଦୁର୍ଗନ୍ଧ ଆସୁଥିଲା। ଏନେଇ ସ୍ଥାନୀୟ ଲୋକେ ବିଏନପି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଯାହା ଦେଖିବାକୁ ପାଇଥିଲା, ସେଥିରେ ସମସ୍ତଙ୍କ ହୋସ ଉଡ଼ିଯାଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ପ୍ରେମିକକୁ ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ମୃତ ପ୍ରେମିକା ଜଣକ ହେଲେ ପ୍ରତିଭା ପ୍ରଜାପତି ଓରଫ ପିଙ୍କି ପ୍ରଜାପତି । ଗତ ମାର୍ଚ୍ଚ ମାସରେ ତାଙ୍କ ପ୍ରେମିକ ତାଙ୍କୁ ହତ୍ୟା କରି ଫ୍ରିଜ ଭିତରେ ରଖି ଫେରାର ହୋଇଯାଇଥିଲା। ଆଖପାଖ ଲୋକେ ଘର ଭିତରୁ ଦୁର୍ଗନ୍ଧ ଆସୁଥିବା ଜାଣିବାକୁ ପାଇବା ପରେ ତୁରନ୍ତ ପୁଲିସକୁ ଜଣାଇଥିଲେ। ଯାଞ୍ଚ ପରେ ଫ୍ରିଜ ଭିତରୁ ପିଙ୍କିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ଦେବାସ ଏସପି ପୁନିତ ଗେହଲୋଟ କହିଛନ୍ତି ଯେ ମୃତ ପିଙ୍କି ଓ ଅଭିଯୁକ୍ତ ସଞ୍ଜୟ ପାଟିଦାରଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ଉଭୟେ ଲିଭଇନରେ ୫ ବର୍ଷ ଧରି ରହିଆସୁଥିଲେ। ତେବେ ପ୍ରେମକୁ ବିବାହର ରୂପ ଦେବା ସକାଶେ ପିଙ୍କି ସଞ୍ଜୟଙ୍କ ଉପରେ ବାରମ୍ବାର ଚାପ ପକାଇ ଆସୁଥିଲେ। ଫଳରେ ସଞ୍ଜୟ ଭୀଷଣ ଚାପରେ ରହୁଥିଲା। ଶେଷରେ ପିଙ୍କିକୁ ହତ୍ୟା କରିବାକୁ ଯୋଜନାମୁତାବକ ନିଷ୍ପତ୍ତି ନେଇଥିଲା ସଞ୍ଜୟ। ଏଥିରେ ତାକୁ ସାଙ୍ଗ ବିନୋଦ ଦବେ ସହଯୋଗ କରିଥିଲା। ପ୍ରଥମେ ସଞ୍ଜୟ ପିଙ୍କିକୁ ହତ୍ୟା କରିଥିଲା। ତେବେ ବାହାରେ ପିଙ୍କିର ମୃତଦେହକୁ ଫିଙ୍ଗିବା ପରିବର୍ତ୍ତେ ସଞ୍ଜୟ ଘରେ ଥିବା ଫ୍ରିଜରେ ରଖିବାକୁ ଉଚିତ ମଣିଥିଲା। ଏହାପରେ ଫ୍ରିଜକୁ କପଡାରେ ଭଲଭାବେ ସିଲ୍ କରି ଫେରାର ହୋଇଯାଇଥିଲା। ସଞ୍ଜୟ ବିବାହିତ ହୋଇଥିବାରୁ ପିଙ୍କିକୁ ବିବାହ କରିବା ସକାଶେ ସଞ୍ଜୟ ଅସମର୍ଥ ଥିବାରୁ ଏପରି ନାରକୀୟ କାଣ୍ଡ ଘଟାଇଛି। ଅଭିଯୁକ୍ତ ସଞ୍ଜୟର ଘର ମଧ୍ୟପ୍ରଦେଶର ଉଜ୍ଜୟିନୀରେ ହୋଇଥିବା ବେଳେ ଉଭୟ ଘର ଭଡ଼ା ନେଇ ରହୁଥିଲେ। ତେବେ ସଞ୍ଜୟ ଫେରାର୍ ହୋଇଯିବା ପରେ ଫ୍ରିଜରେ ଥିବା ମୃତଦେହ ପଚିବା ଆରମ୍ଭ କରିଥିଲା। ଫଳରେ ବନ୍ଦ ଘରୁ ପ୍ରବଳ ଦୁର୍ଗନ୍ଧ ଆସିଥିଲା। ପଡ଼ିଶା ଲୋକେ ସନ୍ଦେହ କରି ଏ ସମ୍ପର୍କରେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚିଥିଲା। ସେତେବେଳେ ଘରେ ତାଲା ପଡ଼ିଥିବାରୁ ତାଲା ଭାଙ୍ଗି ପୁଲିସ୍ ଛାନଭିନ କରିଥିଲା। ତଲାସି ବେଳେ ଘରେ ଥିବା ଏକ ଫ୍ରିଜ ଖୋଲିବା ପରେ ସେଥିରୁ ପିଙ୍କିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେହିପରି ବିଏନପି ଥାନା ପ୍ରଭାରୀ ଅମିତ ସୋଲାଙ୍କି କହିଛନ୍ତି ଯେ ସ୍ଥାନୀୟ ଲୋକେ ଘର ଭିତରୁ ଦୁର୍ଗନ୍ଧ ଆସୁଥିବା ଖବର ଦେଇଥିଲେ। ଏହି ଘରଟି ଧିରେନ୍ଦ୍ର ଶ୍ରୀବାସ୍ତବଙ୍କର ବୋଲି ଜଣାପଡ଼ିଛି।



## ୨୦୨୬ କୋଟି କ୍ଷତି ସହିଛି

# ଦିଲ୍ଲୀ: ବିଜେପି ଟାର୍ଗେଟରେ ଆପ୍



**ନୂଆଦିଲ୍ଲୀ,୧୧।୧:** ଦିଲ୍ଲୀ ବିଧାନସଭା ନିର୍ବାଚନ ପୂର୍ବରୁ କ୍ଷମତାସୀନ ଆପ୍ ବିରୋଧରେ ନିଜର ଆକ୍ରମଣକୁ ଆହୁରି ଜୋରଦାର କରିଛି ବିଜେପି। ଦିଲ୍ଲୀରେ ଆପ୍ କରିଥିବା ଅବକାରୀ ଦୁର୍ନୀତି ଯୋଗୁ ରାଜ୍ୟ ବିପୁଳ ପରିମାଣର ରାଜସ୍ୱ ହରାଇଥିବା ଦଳ ଅଭିଯୋଗ କରିଛି। ଲିକ୍ ହୋଇଥିବା ସିଏଜି ରିପୋର୍ଟକୁ ଆଧାର କରି ବିଜେପି କହିଛି ଯେ ଦିଲ୍ଲୀର କ୍ଷମତାସୀନ ଆପ୍ ଅବକାରୀ ନୀତି ଲାଗୁ କରିଛି। ଏଥିଯୋଗୁ ରାଜ୍ୟବାସୀ ୨୦୨୬ କୋଟି ଟଙ୍କାର କ୍ଷତି ସହିଛନ୍ତି। ବିଜେପି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି, "୨୦୨୫ ଆର୍ଥିକ ବର୍ଷରେ ଅବକାରୀ ନୀତି ଦୁର୍ନୀତି ହୋଇଛି। ଏଥିଯୋଗୁ ୨୦୨୬ କୋଟିର ରାଜସ୍ୱହାନୀ ଘଟିଛି। ସମସ୍ତେ ମନେ ପକାନ୍ତୁ, ଆମ ଆଦମୀ ପାର୍ଟି ସ୍କୁଲ ତିଆରି କରିବ ବୋଲି କହିଥିଲା। କିନ୍ତୁ ମଦ ଦୋକାନ ସବୁ ଖୋଲା ଯାଇଛି। ସେମାନେ ସଫେଇ କଥା କହୁଥିଲେ, କିନ୍ତୁ ମଦରେ ଶେଷ କଲେ। ସେମାନେ ଉତ୍ତମ ନୀତି କଥା କହୁଥିଲେ, କିନ୍ତୁ ନିଶାର ପରିବେଶ ସୃଷ୍ଟି କଲେ। ଏହି ୧୦ ବର୍ଷର ଯାତ୍ରା କେବଳ ଦୁର୍ନୀତି ଓ ପାପରେ ଭର୍ତ୍ତି ହୋଇଛି। ସ୍ୱାଧୀନ ଭାରତରେ ଗୋଟିଏ ସରକାରର ୮ ଜଣ ମନ୍ତ୍ରୀ, ୧୫ ବିଧାୟକ ଓ ଜଣେ ସାଂସଦଙ୍କ ସମେତ ଉପ ମୁଖ୍ୟମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଜେଲ ଯିବା ଅଭୂତ ଘଟଣା। ସେମାନଙ୍କର ବିଦାୟ ବେଶ ଗୁରୁତ୍ୱପୂର୍ଣ୍ଣ।" ଶ୍ରୀ ଠାକୁର ଆହୁରି କହିଛନ୍ତି, "କରୋନା ସମୟରେ ଦିଲ୍ଲୀରେ ସଙ୍କଟମୟ ସ୍ଥିତି ଦେଖାଯାଇଥିଲା। ଅମ୍ଳଜାନର ଅଭାବ ରହିଥିଲା। ସାଧାରଣ ଲୋକ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଆମ ଆଦମୀ ପାର୍ଟି ଅବକାରୀ ଦୁର୍ନୀତିରେ ମାତି ଥିଲା। ସ୍କୁଲ ନିକଟରୁ ହଟିଥିବା ମଦ ଦୋକାନ ଖୋଲିବାରେ ଜଣେ ମନ୍ତ୍ରୀ ସାମିଲ ଥିଲେ।" ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆପ୍‌ର ଜାତୀୟ ଆବାହକ ଅରବିନ୍ଦ କେଜ୍ରିୱାଲଙ୍କୁ ପୂର୍ବର ଦୁର୍ନୀତିର କିଙ୍ଗପିନ ବୋଲି ଅନୁରାଗ ଠାକୁର କହିଛନ୍ତି। ଅବକାରୀ ନୀତିକୁ ଜାଣିଶୁଣି ବିଧାନସଭାରେ ଉପସ୍ଥାପନ କରାଯାଇ ନଥିଲା ବୋଲି ସେ କହିଛନ୍ତି।

## ସ୍ୱାମୀର ମୃତ୍ୟୁ ଖବର ଶୁଣି ସ୍ତ୍ରୀଙ୍କ ଆତ୍ମହତ୍ୟା



**ନୂଆଦିଲ୍ଲୀ,୧୧।୧:** ତିହାର ଜେଲରେ ବନ୍ଦୀ ଜୀବନ କାଟୁଥିବା ଅଣ୍ଡରୱାର୍ଲ୍ଡ ଡନ୍ ଛୋଟା ରାଜନ ଶୁକ୍ରବାର ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଛି। ରାଜନର ସାଇନସ ସମସ୍ୟା ରହିଛି। ଏହାର ଅପରେସନର ଆବଶ୍ୟକତା ଥିବା ଡାକ୍ତରୀ ଟିମ କହିଛନ୍ତି। ତେଣୁ ତାକୁ ଏମ୍ସରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଏକଦା ଦାଉଦ ଇବ୍ରାହିମର ସହଯୋଗୀ ଭାବେ କାମ କରୁଥିବା ରାଜନକୁ ୨୦୨୪ରେ ହୋଟେଲ ମାଲିକ ଜୟା ସେଟ୍ଟୀଙ୍କ ହତ୍ୟା ଘଟଣାରେ ଆଜୀବନ ଜେଲଦଣ୍ଡ ମିଳିଥିଲା। ୨୦୦୧ରେ ଜୟା ସେଟ୍ଟୀଙ୍କୁ ହତ୍ୟା କରାଯାଇଥିଲା। ତେବେ ୨୦୨୪ ଅକ୍ଟୋବରରେ ସମାନ ମାମଲାରେ ରାଜନକୁ ଜାମିନ ମିଳିଥିଲା। କାରଣ ବମ୍ବେ ହାଇକୋର୍ଟ ତା'କୁ ମିଳିଥିବା ଆଜୀବନ ଜେଲଦଣ୍ଡକୁ ଖାରଜ କରିଥିଲେ। ତେବେ ରାଜନ ଜେଲରୁ ବାହାରି ପାରି ନଥିଲା। ସାମ୍ବାଦିକ ଜେ ଦେ'ଙ୍କ ହତ୍ୟା ଘଟଣାରେ ସ୍ୱତନ୍ତ୍ର କୋର୍ଟ ତା'କୁ ଆଜୀବନ ଜେଲଦଣ୍ଡ ମିଳିଥିଲା। ତେଣୁ ଜାମିନ ସତ୍ତ୍ୱେ ଜେଲରେ ରହିଥିଲା। ଗତ ସପ୍ତାହରେ ଛୋଟା ରାଜନ ଗ୍ୟାଙ୍ଗର ଜଣେ ସଦସ୍ୟକୁ ପୁଲିସ୍ ୩୨ ବର୍ଷ ପରେ ଗିରଫ କରିଥିଲା। ଗତ ୧୯୯୨ରେ ମୁମ୍ବାଇର ଦାଦର ପୁଲିସ ଷ୍ଟେସନରେ ହୋଇଥିବା ଫାୟାରିଂ ଓ ଆଉ ଏକ ହତ୍ୟା ମାମଲାରେ ଗ୍ୟାଙ୍ଗଷ୍ଟର ବିଳାସ ପାୱାରକୁ ଗିରଫ କରାଯାଇଥିଲା। ପାୱାର ଏକଦା ଛୋଟା ରାଜନର ଅତ୍ୟନ୍ତ ଘନିଷ୍ଠ ଭାବେ କାର୍ଯ୍ୟ କରୁଥିଲା।

## ଅନ୍‌ଲାଇନ୍ ଠକେଇରେ ସମ୍ପୃକ୍ତ ଗ୍ୟାଙ୍ଗ ଗିରଫ

**ନାୱଡା,୧୧।୧:** ଛୁଆ ପିଲା ନଥିବା ମହିଳାଙ୍କୁ ଗର୍ଭବତୀ କଲେ ମିଳିବ ୫ ଲକ୍ଷ ମଙ୍କା। ଏମିତି ଅଫର ଦେଇ ଅଭିନବ ଉପାୟରେ ସାଧାରଣ ଲୋକଙ୍କୁ ଠକୁଥିବା ଏକ ଠକ ଗ୍ୟାଙ୍ଗକୁ ଧରିଛି ବିହାର ପୁଲିସ। କେବଳ ବିହାର ନୁହେଁ, ଦେଶର ଏକାଧିକ ରାଜ୍ୟରେ ଚାଲୁଥିଲା ଏହି ରାକେଟ୍। ଏହାର ପର୍ଦ୍ଦାଫାସ କରି ଏଥିରେ ସଂପୃକ୍ତ ତିନିଜଣ ଠକଙ୍କୁ ଗିରଫ କରିଛି ବିହାର ପୁଲିସ। ଏହି ଗ୍ୟାଙ୍ଗ୍ ସରଳ ଲୋକଙ୍କୁ ଫସାଇବା ପାଇଁ ଏକାଧିକ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସେମାନେ 'ଅଲ୍ ଇଣ୍ଡିଆ ପ୍ରେଗନାଣ୍ଟ ଜବ୍ (ବେବି ବର୍ଥ ସର୍ଭିସ୍)' ଓ 'ପ୍ଲେ ବୟ ସର୍ଭିସ୍' ଭଳି ଅନଲାଇନ୍ ପ୍ଲାଟଫର୍ମ ଆରମ୍ଭ କରି ଏହାରି ଜରିଆରେ ବିଭିନ୍ନ ରାଜ୍ୟରୁ ଲୋକଙ୍କୁ ଫସାଉଥିଲେ। ବର୍ତ୍ତମାନ ସୁଦ୍ଧା ଗିରଫ ହୋଇଥିବା ତିନିଜଣ ଅଭିଯୁକ୍ତ ହେଉଛନ୍ତି ବିହାର ନାୱଡା ଜିଲ୍ଲାର ପ୍ରିନ୍ସ ରାଜ, ଭୋଳା କୁମାର ଓ ରାହୁଲ କୁମାର। ବିଭିନ୍ନ ରାଜ୍ୟରେ ଏମାନଙ୍କ ଠକେଇର ଶିକାର ହୋଇଥିବା ପୀଡ଼ିତମାନଙ୍କ ସହ ଆଉ କେଉଁମାନେ ଏଥିରେ ସଂପୃକ୍ତ ଅଛନ୍ତି, ସେମାନଙ୍କୁ ଖୋଜୁଛି ପୁଲିସ।



## ଡ୍ୟାମ୍‌ରେ ବୁଡ଼ି ୨ ଭାଇଙ୍କ ସହ ୫ ଯୁବକଙ୍କ ସଲୀଳ ସମାଧି

**ନୂଆଦିଲ୍ଲୀ,୧୧।୧:** ବର୍ତ୍ତମାନ ସମୟରେ ସେଲ୍ଫି ସମସ୍ତଙ୍କୁ କିମିଆ କରିଛି। ସବୁ ବର୍ଗର ଲୋକେ ସେଲ୍ଫି ଫଟୋ ଉଠାଇବାରେ ମତୁଆଲା। ଅନେକ ସମୟରେ ଏହି ସେଲ୍ଫି ବି ହୋଇଯାଏ କାଳ । ଅସାବଧାନତା ଯୋଗୁଁ ଚାଲିଯାଏ ଜୀବନ। ଏମିତି ହିଁ ଏକ ଘଟଣା ତେଲେଙ୍ଗାନାର ସିଦ୍ଦିପେଟ ଜିଲ୍ଲାରୁ ସାମ୍ନାକୁ ଆସିଛି। ଏଠାରେ ଏକ ଡ୍ୟାମ୍‌ରେ ବୁଡ଼ି ଯିବାରୁ ୫ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ଏଥିରେ ଦୁଇଭାଇ ଥିଲେ। ସୂଚନା ମୁତାବିକ, ୭ ଜଣ ଯୁବକ ବୁଲିବା ପାଇଁ ହାଇଦ୍ରାବାଦରୁ ମରକୁର ମଣ୍ଡଳର କୋଣ୍ଡାପୋଚମ୍ମା ସାଗର ଡ୍ୟାମ୍‌କୁ ଯାଇଥିଲେ। ପୁଲିସ ମୁତାବିକ, ସେ ଡ୍ୟାମ୍‌ର ପାଣିରେ ଓହ୍ଲାଇ ସେଲ୍ଫି ନେଉ ଥିଲେ। ସେତିକି ବେଳେ ଏହି ଅଘଟଣ ଘଟିଥିଲା। ଦୁଇଜଣଙ୍କୁ ଉଦ୍ଧାର କରାଯାଇ ଥିବା ବେଳେ ୫ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି। ବୁଡ଼ିଯାଇ ଥିବା ଯୁବକମାନେ ହେଲେ ଧନୁଷ ( ୨୦ ବର୍ଷ) , ଲୋହିତ (୧୭ ବର୍ଷ) , ଦିନେଶ୍ୱର (୧୭ ବର୍ଷ), ଜତିନ (୧୭) ଓ ଶ୍ରୀନିବାସ (୧୭)। ଧନୁଷ ଓ ଲୋହିତ ଉଭୟ ଦୁଇ ଭାଇ ଥିଲେ। ସୂଚନା ମୁତାବିକ, ଶବ ଗୁଡ଼ିକର ପୋଷ୍ଟମର୍ଟମ ପାଇଁ ପଠାଇ ଦିଆଯାଇଛି।

## ନିଜ ବନ୍ଧୁକରେ ଜୀବନନେଲେ ବିଧାୟକ



**ନୂଆଦିଲ୍ଲୀ,୧୧।୧:** ଦେଶର ରାଜଧାନୀ ଦିଲ୍ଲୀର ଦକ୍ଷିଣ ପ୍ରାନ୍ତରେ ଚାଲିଥିବା ବେଆଇନ ମଦ ଚାଲାଣର ପର୍ଦ୍ଦାଫାସ ହୋଇଛି। ବାଇକରେ ଟ୍ୟାକ୍ସି ସେବା ଯୋଗାଉଥିବା ରାପିଡୋର ଜଣେ ପୂର୍ବତନ କର୍ମଚାରୀଙ୍କୁ ପୁଲିସ୍ ଏହି ଘଟଣାରେ ଗିରଫ କରିଛି। ରାପିଡୋର ପୂର୍ବତନ ଡ୍ରାଇଭରଙ୍କୁ ଆଜି ସକାଳ ୯.୨୦ରେ ଦିଲ୍ଲୀର ସଙ୍ଗମ ବିହାର ଅଞ୍ଚଳରୁ ଗିରଫ କରାଯାଇଛି। ଆଗକୁ ସାଧାରଣତନ୍ତ୍ର ଦିବସ ଓ ଦିଲ୍ଲୀ ବିଧାନସଭା ନିର୍ବାଚନ ଥିବାରୁ ଦକ୍ଷିଣ ଦିଲ୍ଲୀର ପୁଲିସ୍ କଡ଼ାକଡ଼ି ଯାଞ୍ଚ କରୁଛି। ସଂଗଠିତ ଓ ରାସ୍ତାରେ ଘଟୁଥିବା ଅପରାଧକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ରୋକୋ-ଟୋକୋ ଅଭିଯାନ ଆରମ୍ଭ କରାଯାଇଛି। ଏହି ଅଭିଯାନ ଦ୍ୱାରା ସନ୍ଦିଗ୍ଧଙ୍କୁ ଜେରା କରାଯାଉଛି। ଏହିକ୍ରମରେ ଦକ୍ଷିଣ ଦିଲ୍ଲୀର ନାର୍କୋଟିକ୍ସ ସ୍କ୍ୱାଡ ଅନ୍ତଃରାଜ୍ୟ ମଦ ଚାଲାଣକାରୀ ରବି ସିଂହକୁ ଗିରଫ କରିଛି। ଦକ୍ଷିଣ ଦିଲ୍ଲୀ ଡିସିପି ଅଙ୍କିତ ଚୌହାନଙ୍କ କହିବା କଥା ସଙ୍ଗମ ବିହାରରେ ବେଆଇନ ମଦ କାରବାର ଚାଲିଥିବା ଖବର ପ୍ରଥମେ ତାଙ୍କ ଟିମକୁ ମିଳିଥିଲା। ଏହାପରେ ଟିମ ସଙ୍ଗମ ବିହାରରେ ଯୋଜନାବଦ୍ଧ ଭାବେ ଅପେକ୍ଷା କରି ରହିଥିଲା। ଆଜି ସକାଳ ପ୍ରାୟ ୯.୨୦ରେ ନମ୍ବର ପ୍ଲେଟ ନଥିବା ଗୋଟିଏ ସ୍କୁଟିରୁ ୩ ଜଣ କିଛି ପେଟି କାଢୁଥିବା ପୁଲିସ୍ ନଜରକୁ ଆସିଥିଲା। ପୁଲିସ୍ ସେଠାରେ ପହଞ୍ଚିବାରୁ ୨ ଜଣ ଖସି ପଳାଇଥିଲେ। କିନ୍ତୁ ରବି ସିଂହକୁ ପୁଲିସ୍ ଧରିବାକୁ ସକ୍ଷମ ହୋଇଛି।

## ଅମାନବୀୟ: ୫ ବର୍ଷ ଧରି ନାବାଳିକାକୁ ଯୌନ ନିର୍ଯାତନା, ଅଭିଯୁକ୍ତଙ୍କ ସଂଖ୍ୟା ୬୪

**କେରଳ,୧୧।୧:** ସ୍କୁଲର ସହପାଠୀ, କୋଚ୍, ପଡୋଶୀ, ଏପରିକି ସମ୍ପର୍କୀୟ। ୧୩ ବର୍ଷୀୟ ନାବାଳିକା ଯାହାକୁ ବିଶ୍ୱାସ କଲା ସିଏ ହିଁ ବିଶ୍ୱାସରେ ବିଷ ଦେଲା। ସେମାନେ ହିଁ ତା'ଉପରେ ଲୋଲୁପ ଦୃଷ୍ଟି ପକାଇଲେ। ତା'ର ଯୌନ ଶୋଷଣ କଲେ। ଏହି କୁର ଖେଳ ୫ ବର୍ଷ ଯାଏ ଚାଲିଲା। ୫ ବର୍ଷ ଭିତରେ ପ୍ରାୟ ୬୪ ଜଣ ତା'ର ଯୌନ ଶୋଷଣ କରିଚାଲିଲେ। ଏବେ ଝିଅଟିକୁ ୧୮ ବର୍ଷ ହେବା ପରେ ସ୍କୁଲ କାଉନସେଲିଂରେ ସାହାସ କରି ସେ ନିଜର ଯନ୍ତ୍ରଣାଦାୟକ କାହାଣୀ ବଖାଣିଛି। ଯାହାକୁ ଶୁଣି ଲୋକଙ୍କ ଲୋମ ଟାଙ୍କୁରି ଉଠିଛି। ଏଭଳି କିଛି ଘଟଣା ଘଟିଛି କେରଳର ପଠନମଥିଟ୍ଟା ଜିଲ୍ଲାରେ। କେରଳର ଜଣେ ଦଳିତ ଝିଅ ଦାବି କରିଛନ୍ତି ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ତାଙ୍କୁ ୬୪ ଜଣ ଲୋକ ଦୁଷ୍କର୍ମ କରିଛନ୍ତି। ନାବାଳିକାଙ୍କ ମୁହଁରୁ ଏକଥା ଶୁଣିବା ପରେ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)ର ଅଭିଯୋଗ ପରେ ପଠନମଥିଟ୍ଟା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ସେତେବେଳେ ଲୋକଲୋଚନକୁ ଆସିଲା ଯେତେବେଳେ 'ମହିଳା ସମାକ୍ଷା' ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନର ଜଣେ ସଦସ୍ୟ ନାବାଳିକାଙ୍କ ଘରକୁ ଗଲେ। ସଦସ୍ୟ ଜଣକ ପୀଡ଼ିତାଙ୍କ ଘରେ ପହଞ୍ଚିବା ପରେ ସେ ପାଞ୍ଚ ବର୍ଷ ଧରି ଅନୁଭବ କରିଥିବା ଭୟଙ୍କର କଥା ବର୍ଣ୍ଣନା କରିଥିଲା। ତା'ପରେ ଏନଜିଓ ପଠନମଥିଟ୍ଟା ଜିଲ୍ଲାର ଶିଶୁ କଲ୍ୟାଣ କମିଟିକୁ ଏନେଇ ଏକ ରିପୋର୍ଟ କରିଥିଲା। ପୀଡିତାଙ୍କ ବୟସ ବର୍ତ୍ତମାନ ୧୮ ବର୍ଷ। ସିଡବ୍ଲୁସିର ହସ୍ତକ୍ଷେପ ପରେ ପୀଡ଼ିତା ଅଭିଯୋଗ ଆଣିଛନ୍ତି ଯେ, ଯେତେବେଳେ ତାଙ୍କୁ ୧୩ ବର୍ଷ ହୋଇଥିଲା ସେତେବେଳେ ତାଙ୍କର ଶୋଷଣ ଆରମ୍ଭ ହୋଇଥିଲା। ପ୍ରଥମେ ଜଣେ ପଡୋଶୀ ତାଙ୍କୁ ଦୁଷ୍କର୍ମ କରିଥିଲେ। ସେ ଝିଅଟିର ଅଶ୍ଳୀଳ ଭିଡିଓ କରି ସେୟାର କରିଥିଲା। ଏହାପରେ ତାଙ୍କର ଭିଡିଓ ଭାଇରାଲ ହୋଇଥିଲା। ଯେଉଁମାନେ ଏହି ଭିଡିଓକୁ ପାଇଲେ ସେମାନେ ମଧ୍ୟର ଏହାର ଫାଇଦା ଉଠାଇଲେ। ଏହାପରେ ସ୍କୁଲର ସହପାଠୀ ଥିବା ଜଣେ ପୁଅ ତାଙ୍କର ଯୌନ ଶୋଷଣ କରିଥିଲେ। ସ୍କୁଲରେ କ୍ରୀଡାରେ ସକ୍ରିୟ ଥିବାରୁ ତାଲିମ ସେସନ୍ ସମୟରେ ମଧ୍ୟ ସେ ଯୌନ ନିର୍ଯାତନାର ଶିକାର ହୋଇଥିଲେ।



## 'ଇଣ୍ଡିଆ'ରେ ଫାଟ



**ନୂଆଦିଲ୍ଲୀ,୧୧।୧:** ଇଣ୍ଡିମେଣ୍ଟରେ ଧିରେଧିରେ ଫାଟ ବଢ଼ିବାରେ ଲାଗିଛି। ପ୍ରଥମେ ଦିଲ୍ଲୀରେ ଆପ୍ ଏକାକି ଦିଲ୍ଲୀ ବିଧାନସଭା ନିର୍ବାଚନ ଲଢ଼ିବା ନେଇ ଘୋଷଣା କରିଥିଲା। ଆଉ ଏବେ ମହାରାଷ୍ଟ୍ର ପୌର ନିର୍ବାଚନରେ ଏକା ଲଢ଼ିବ ବୋଲି ଶନିବାର ଘୋଷଣା କରିଛି ଉଦ୍ଧବ ଠାକରେଙ୍କ ଶିବ ସେନା ଦଳ। ମୁମ୍ବାଇ, ଥାନେ, ନାଗପୁର ସମେତ ଅନ୍ୟ ପୌରପାଳିକା, ଜିଲ୍ଲା ପରିଷଦ ଓ ପଞ୍ଚାୟତ ନିର୍ବାଚନରେ ଦଳ ଏକାକି ଲଢ଼ିବ ବୋଲି ଘୋଷଣା କରିଛି। ଶିବସେନା ଏହା ଘୋଷଣା କରିବା ପରେ ଇଣ୍ଡି ମେଣ୍ଟକୁ ମହାରାଷ୍ଟ୍ରରେ ବଡ଼ ଝଟକା ଲାଗିଛି। "ମେଣ୍ଟରେ ସ୍ୱତନ୍ତ୍ର ଦଳକୁ ସୁଯୋଗ ମିଳୁନାହିଁ, ଯାହା ସଂଗଠନର ଅଭିବୃଦ୍ଧିକୁ ରୋକୁଛି। ତେଣୁ ଆମେ ଆମ ନିଜ ଦକ୍ଷତାରେ ଲଢ଼ିବୁ" ବୋଲି ଏକୁଟିଆ ଲଢ଼ିବା ନେଇ ଘୋଷଣା କରିବା ପରେ ଶିବ ସେନା(ୟୁବିଟି)ର ରାଜ୍ୟ ସଭା ସାଂସଦ ସଞ୍ଜୟ ରାଉତ ଘୋଷଣା କରିଛନ୍ତି। ଶିବ ସେନା(ୟୁବିଟି)ରୁ ଉଦ୍ଧବ ଠାକରେ, ଏନସିପି(ଏସପି)ରୁ ଶରଦ ପୱାର ଓ କଂଗ୍ରେସରୁ ସୋନିଆ ଗାନ୍ଧୀ ମିଳିତ ଭାବେ ୨୦୧୯ ମସିହାରେ ମହା ବିକାଶ ଅଘାଡ଼ି(ଏମଭିଏ) ଦଳର ସ୍ଥାପନା କରିଥିଲେ। ଏନଡିଏ ମେଣ୍ଟରୁ ଉଦ୍ଧବ ବାହାରି ଆସିବା ପରେ ଏହି ମେଣ୍ଟକୁ ସ୍ଥାପନା କରାଯାଇଥିଲା। ତୃଣ ମୂଳ କଂଗ୍ରେସ ଓ ଡିଏମକେ ଭଳି ଆଞ୍ଚଳିକ ଦଳ ମାନଙ୍କ ସହ ଏମଭିଏ ଦଳ ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଇଣ୍ଡି ମେଣ୍ଟ ସହ ଯୋଡି ହୋଇଥିଲା। ଶୁକ୍ରବାର ଶରଦ ପୱାର ମୁମ୍ବାଇରେ ଆୟୋଜିତ ଏକ ଦଳୀୟ ବୈଠକରେ ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ଗତ ବିଧାନ ସଭା ନିର୍ବାଚନରେ ମହାରାଷ୍ଟ୍ର ମଧ୍ୟରେ ବିଜେପି ଜିତିବା ପଛରେ ଆରଏସଏସର ହାତ ରହିଛି ବୋଲି ସେ କହିଥିଲେ। ଆରଏସଏସର ରଣନୀତି ବିଜେପିକୁ ମହାରାଷ୍ଟ୍ରରେ ଜିତେଇଲା ବୋଲି କହି ପୱାର ଆରଏସଏସକୁ ପ୍ରଶଂସା କରିବା ସହ ଏମଭିଏ ମେଣ୍ଟ ଉପରେ ନିଜ ଅସନ୍ତୋଷ ଝାଡିଥିଲେ। ଏହାର ଗୋଟିଏ ଦିନ ପରେ ଅର୍ଥାତ ଶନିବାର ୟୁବିଟି ଦଳ କିଛି ଏପରି ଘୋଷଣା କରିଛି।

## ପୁଣି ସାମ୍ବାଦିକଙ୍କୁ ଟାର୍ଗେଟ୍, ପରିବାରକୁ କୁରାଢ଼ିରେ ହାଣିଦେଲେ



**ରାଇପୁର,୧୧।୧:** ସାମ୍ବାଦିକ ମୁକେଶ ଚନ୍ଦ୍ରକାର ହତ୍ୟା ମାମଲା ଏଯାଏ ଶାନ୍ତ ପଡିନାହିଁ। ଏବେ ଆଉ ଜଣେ ସାମ୍ବାଦିକଙ୍କୁ ଟାର୍ଗେଟ କରାଯାଇଛି। ତାଙ୍କ ସମ୍ପୂର୍ଣ୍ଣ ପରିବାରକୁ ଅତି ନିର୍ମମ ଭାବେ କରାଯାଇଛି ହତ୍ୟା। ସମସ୍ତଙ୍କୁ ହାଣି ଦିଆଯାଇଛି। ଛତିଶଗଡ଼ର ସୁରଜପୁର ଜିଲ୍ଲାରୁ ଆସିଛି ଏଭଳି କିଛି ଘଟଣା। ଶୁକ୍ରବାର ସୁରଜପୁର ଜିଲ୍ଲାରେ ସମ୍ପତ୍ତି ବିବାଦ ଯୋଗୁଁ ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟର ସନ୍ତୋଷ କୁମାର ଟୋପୋଙ୍କ ସମ୍ପୂର୍ଣ୍ଣ ପରିବାରକୁ ନିର୍ମମ ଭାବରେ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣା ପରେ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତକଙ୍କ ମଧ୍ୟରେ ସାମ୍ବାଦିକ ସନ୍ତୋଷଙ୍କ ବାପା-ମା' ଓ ଭାଇ ଅଛନ୍ତି। ସନ୍ତୋଷଙ୍କ ବାପା-ମା' ଚାଷ ଜମିରେ କାମ କରୁଥିବା ବେଳେ ଶକୁବ୍ରାର ଅପରାହ୍ନ ୧ଟାରେ ଜଗନ୍ନାଥପୁରର ଖାରଗୱା ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ପୁଲିସର ସୂଚନା ଅନୁଯାୟୀ, ସନ୍ତୋଷଙ୍କ ପରିବାର ଏବଂ ତାଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ସମ୍ପତ୍ତିକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗି ରହିଥିଲା। ଶନିବାର ଦିନ, ଚାଷ ଜମିରେ କୌଣସି କଥାକୁ ନେଇ ବିବାଦ ପରେ, ଝଗଡ଼ା ରକ୍ତାକ୍ତ ସଂଘର୍ଷରେ ପରିଣତ ହୋଇଥିଲା। ପରେ ସନ୍ତୋଷଙ୍କ ଦାଦା ତାଙ୍କ ବାପା-ମା'ଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସନ୍ତୋଷଙ୍କ ବାପା-ମା' ଏବଂ ଭାଇଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ସେପଟେ ସାମ୍ବାଦିକ ସନ୍ତୋଷ କୁମାର ଟୋପୋଙ୍କ ଭାଇ ଗୁରୁତର ହୋଇଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପୁଲିସ କହିବା ମୁତାବକ, ଅଭିଯୁକ୍ତ ଏହି ସମସ୍ତଙ୍କୁ କୁରାଢ଼ିରେ ଅତି ନିର୍ମମ ଭାବରେ ହାଣି ହତ୍ୟା କରିଛନ୍ତି। ଘଟଣାସ୍ଥଳରୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା କୁହାଯାଇଛି। ସୂଚନା ପାଇବା ମାତ୍ରେ ଖାରଗୱା ପୁଲିସ ଷ୍ଟେସନର ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୁଲିସ କହିଛି ଯେ ସନ୍ତୋଷଙ୍କ ଦାଦା ଏବଂ ଅନ୍ୟ ସନ୍ଦିଗ୍ଧ ସମ୍ପର୍କୀୟଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ହତ୍ୟାକାରୀମାନଙ୍କୁ ଗିରଫ କରିବା ପାଇଁ ପୁଲିସ ଚଢାଉ ଜାରି ରଖିଛି।

## ସହିପାରିଲେନି ମହିଳାଙ୍କ ମାନସିକ ନିର୍ଯାତନା

### ନିଜ ସର୍ଭିସ ବନ୍ଧୁକରୁ ନିଜକୁ ଗୁଳି କଲେ ଯବାନ



**ନୂଆଦିଲ୍ଲୀ,୧୧।୧:** ଜଣେ ମହିଳାଙ୍କ ଅତ୍ୟାଚାର ଓ ବ୍ଲାକମେଲର ଶିକାର ହୋଇ ଜଣେ ୨୭ ବର୍ଷିୟ ଯବାନ ନିଜେ ନିଜକୁ ଗୁଳି କରିଦେଇଛନ୍ତି। ଜମ୍ମୁ କାଶ୍ମୀରରେ ନିୟୋଜିତ ହୋଇଥିବା ଏହି ଯବାନ ନିଜ ସର୍ଭିସ ବନ୍ଧୁକରୁ ନିଜକୁ ଗୁଳି କରିଦେଇଛନ୍ତି। ଜାନୁୟାରୀ ୪ ତାରିଖରେ କାଶ୍ମୀରର ପୁଞ୍ଚ ଅଞ୍ଚଳରେ ଏହି ଘଟଣା ଘଟିଛି। ଆତ୍ମହତ୍ୟା କରିଥିବା ଯବାନଙ୍କ ନାମ କ୍ରିଷ୍ଣା କୁମାର ଯାଦବ ହୋଇଥିବା ବେଳେ ତାଙ୍କ ଘର ଜୟପୁର ଅନ୍ତର୍ଗତ ଅମରସର ଗ୍ରାମରେ ହୋଇଥିବା ଜଣାପଡିଛି। ଆତ୍ମହତ୍ୟା ପୂର୍ବରୁ କ୍ରିଷ୍ଣା ଏକ ସୁଇସାଇଡ ନୋଟ ଲେଖିଯାଇଥିଲେ। ଏହି ସୁଇସାଇଡ ନୋଟରେ ମହିଳାଜଣଙ୍କ ତାଙ୍କୁ ଦୀର୍ଘ ଦୁଇବର୍ଷ ହେବ ମାନସିକ ନିର୍ଯାତନା ଦେଇ ଆସୁଥିଲେ ବୋଲି ସେ ଉଲ୍ଲେଖ କରିଛନ୍ତି। କ୍ରିଷ୍ଣା ନିଜ ସାଙ୍ଗ ମାନଙ୍କ ସହ ରାଜସ୍ଥାନର ଶୀକର ଜିଲ୍ଲାରେ ଥିବା ଜୀନମାତା ମନ୍ଦିରକୁ ବୁଲିଯାଇଥିବା ବେଳେ ଉକ୍ତ ମହିଳା ଜଣଙ୍କ ତାଙ୍କୁ ନିଶା ଦେଇଥିଲେ। ସେ ନିଶାଗ୍ରସ୍ତ ଅବସ୍ଥାରେ ଥିବା ବେଳେ ମହିଳା ଜଣଙ୍କ ତାଙ୍କ ସହ ଅନୈତିକ କାମ କରି ତାର ଫଟୋ ରଖି ତାଙ୍କୁ ବ୍ଲାକମେଲ କରୁଥିଲେ। ତେବେ ସେ ତାଙ୍କୁ ୧୫ ଲକ୍ଷ ଟଙ୍କା ନଦେଲେ ସବୁ ଫଟୋ ଭିଡିଓ ଭାଇରାଲ କରିଦେବେ ବୋଲି କହି ମାନସିକ ନିର୍ଯାତନା ଦେଉଥିଲେ ବୋଲି ସେ ନିଜ ସୁଇସାଇଡ ନୋଟରେ ଲେଖିଛନ୍ତି। କ୍ରିଷ୍ଣାଙ୍କ ପରିବାର ଗତ ମଙ୍ଗଳବାର ତାଙ୍କ ମର ଶରୀରକୁ ରାସ୍ତା ଉପରେ ରଖି ଦୋଷୀକୁ ଗିରଫ କରିବା ପାଇଁ ଆନ୍ଦୋଳନ କରିଥିଲେ। ଏହି ଘଟଣା ଜଣା ପଡିବା ପରେ ଘଟଣାସ୍ଥଳରେ ବରିଷ୍ଠ ପୋଲିସ ଅଧିକାରି ମୁକେଶ ଚୌଧୁରି ପହଞ୍ଚି ତାଙ୍କ ଘର ଲୋକଙ୍କୁ ବୁଝାସୁଝା କରିବା ସହ ସେ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଘୋଷଣା କରିଥିଲେ। ତେବେ ଏହି ଘଟଣାରେ ଅମରସାର ପୋଲିସ ଥାନାରେ ଅଭିଯୁକ୍ତ ମହିଳାଙ୍କ ନାମରେ କ୍ରିଷ୍ଣାଙ୍କ ପରିବାର ଲୋକ ଅଭିଯୋଗ ଦାୟର କରିଛନ୍ତି। ପୋଲିସ ଅଭିଯୋଗ ଗ୍ରହଣ କରିବା ସହ ଏ ଦିଗରେ ତଦନ୍ତ ଜାରି ରଖିଛି। ତେବେ ଖବର ଲେଖାହେବାଯାଏ ଏହି ଘଟଣାରେ କେହି ଗିରଫ ହୋଇ ନଥିବା ଜଣା ପଡିଛି।



## ଭୟଙ୍କର ହେଉଛି କାଲିଫର୍ଣ୍ଣିଆ ଜଙ୍ଗଲ ଅଗ୍ନିକାଣ୍ଡ

### ୪୦ହଜାର କୋଟି ଏକର ଜମିରୁ ୨୯ହଜାର ଏକର ଜଳିପୋଡ଼ି ପାଉଁଶ

**କାଲିଫର୍ଣ୍ଣିଆ,୧୧।୧:** ଥମୁନି ନିଆଁର ତାଣ୍ଡବ। ଦିନକୁ ଦିନ ଏହା ଆହୁରି ବିକରାଳ ରୂପ ଧାରଣ କରି ଆଗକୁ ଆଗକୁ ମାଡ଼ି ଚାଲିଛି। ଘର ଦ୍ୱାର, ଗାଡି ମଟର ଯାହା ପାଉଛି ତାକୁ ଗ୍ରାସ କରୁଛି। ଏହି ନିଆଁକୁ କରାୟତ କରାଯାଉନାରୁ ନାହିଁ। ଆମେରିକା ଲସ୍ ଏଞ୍ଜେଲସ ନିକଟସ୍ଥ ଜଙ୍ଗଲରେ ଲାଗିଥିବା ଏହି ନିଆଁକୁ ଦେଖିଲେ ଲାଗିଛି, ସେତ ଯେପରି କେହି ପରମାଣୁ ବୋମା ପାକଇ ଦେଇଛି। ଏହି ନିଆଁ ବର୍ତ୍ତମାନ ସୁଦ୍ଧା ୧୧ ଜଣଙ୍କ ଜୀବନ ନେଇସାରିଲାଣି। ନିଆଁ ଆଁରେ ପଶିଗଲାଣି ହଲିଉଡ। ହଲିଉଡ ଫିଲ୍ମ ଏବଂ ଟେଲିଭିଜନ ସିଟି ଭାବେ ପରିଚିତ ଲସ୍ ଆଞ୍ଜେଲସ ଏବେ ନିଆଁର ଆଁରେ। ଏପର୍ଯ୍ୟନ୍ତ ସମୁଦାୟ ୧୦ ହଜାରରୁ ଅଧିକ ଘର ପୋଡି ପାଉଁଶ ହୋଇଯାଇଥିବା ବେଳେ ୩୫ ହଜାର ଏକରରୁ ଅଧିକ ଜଙ୍ଗଲ ଜଳିଗଲାଣି। କାଲିଫର୍ଣ୍ଣିଆର ଉପକୂଳ ଅଞ୍ଚଳ ମାଲିବୁ ଏବଂ ସାଣ୍ଟା ମୋନିକା ସହରର ପ୍ରାୟ ୨ ହଜାର ୯୨୧ ଏକର ଜଙ୍ଗଲରେ ନିଆଁ ଲାଗି ଛାରଖାର ହୋଇଯାଇଛି। ନିଆଁ ଯୋଗୁ ପ୍ରାୟ ୧୧ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଗକୁ ଏହି ସଂଖ୍ୟା ଆହୁରି ବଢ଼ିବା ଆଶଙ୍କା ରହିଛି। ସୁରକ୍ଷା ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ୩୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇସାରିଲାଣି। ଜଙ୍ଗଲ ଆଖପାଖ ଘରଗୁଡିକ ପୋଡି ପାଉଁଶ ହୋଇଯାଇଛି। ଏହି ଅଞ୍ଚଳରେ ଜରୁରୀ ପରିସ୍ଥିତି ଲାଗୁ କରାଯାଇଛି। ଲୋକମାନେ ଘରଦ୍ୱାର ଛାଡି ସୁରକ୍ଷିତ ସ୍ଥାନକୁ ଚାଲିଯାଉଥିବାରୁ ଲୁଟତରାଜ ବଢ଼ିଛି। ଜଙ୍ଗଲକୁ ଲାଗି ହଲିଉଡ ହିଲ୍ସ ରହିଥିବାରୁ ସେଠାରେ ଭୟର ବାତାବରଣ ଲାଗି ରହିଛି। ନିଆଁ ଆଁରେ ଅନେକ ହଲିଉଡ ସେଲିବ୍ରିଟିଙ୍କ ବଙ୍ଗଳା ପୋଡି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି। ବିଲ୍ କ୍ରିଷ୍ଟଲ, ମେଣ୍ଡି ମୁର, ପ୍ୟାରିସ ହିଲଟନ, ମେଲ୍ ଗିବ୍‌ସନ୍‌ଙ୍କ ଭଳି ସେଲିବ୍ରିଟିଙ୍କ ଘର ନିଆଁ ମୁହଁରେ ରହିଛି। ହଲିଉଡ ହିଲ୍ସ ନିକଟରେ ବଡ଼ ବଡ଼ ଷ୍ଟୁଡିଓ ମଧ୍ୟ ରହିଛି।

# ଇଂଲଣ୍ଡ ବିପକ୍ଷରେ ଖେଳିବେନି ବୁମ୍ରା



ନୂଆଦିଲ୍ଲୀ,୧୧।୧: ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟି-୨୦ ସିରିଜରେ ନଜର ଆସିବେ ନାହିଁ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଯୁବ ତାରକା ମୟଙ୍କ ଯାଦବ। ଜାନୁଆରୀ ୨୨ରୁ ଇଂଲଣ୍ଡ ବିପକ୍ଷ ସିରିଜ ଆରମ୍ଭ ହେଉଥିବା ବେଳେ ଆଜି କିମ୍ବା ଆସନ୍ତାକାଲି ବିସିସିଆଇ ସ୍କ୍ୱାଡ ଘୋଷଣା କରିବେ। ବର୍ଡର-ଗାଭାସ୍କର ଟ୍ରଫିର ପରାଜୟ ପରେ ଭାରତ କୌଣସି ସିରିଜ ଖେଳିବାକୁ ମୈଦାନକୁ ଓହ୍ଲାଇବ। ପ୍ରଥମ ଦୁଇ ଦେଶ ପରସ୍ପର ମଧ୍ୟରେ ୫ଟି ଟି-୨୦ ମ୍ୟାଚ୍ ଖେଳିବେ। ଏହାପରେ ୩ଟିକିଆ ଦିନିକିଆ ସିରିଜ ଅନୁଷ୍ଠିତ ହେବ। ଚାମ୍ପିୟନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଭାରତ ପାଇଁ ଉପଯୁକ୍ତ ଅଭ୍ୟାସ ମ୍ୟାଚ୍ ସଦୃଶ ହେବ। ଇଂଲଣ୍ଡ ସିରିଜ ପରେ ଫେବୃଆରୀ ୧୯ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବ। ବିସିସିଆଇ ପ୍ରଥମେ କେବଳ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ପାଇଁ ସ୍କ୍ୱାଡ ଘୋଷଣା କରିବ। ଚାମ୍ପିୟନ୍ସ ଟ୍ରଫି ଓ ଫେବୃଆରୀ ୬ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ ପାଇଁ ପରବର୍ତ୍ତୀ ସମୟରେ ଖେଳାଳିଙ୍କ ନାଁ ଘୋଷଣା ହେବ ବୋଲି ଜଣାପଡ଼ିଛି। ଏସବୁ ଭିତରେ ପ୍ରକାଶ ପାଇଥିବା ରିପୋର୍ଟରେ ବଡ଼ ଦାବି କରାଯାଇଛି। ଟି-୨୦ ପାଇଁ ଘୋଷଣା ହେବାକୁ ଥିବା ସ୍କ୍ୱାଡରେ କୌଣସି ଅପ୍ରତ୍ୟାଶିତ ପରିବର୍ତ୍ତନ ହେବ ନାହିଁ। ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ସାମିଲ ଥିବା ଅଧିକାଂଶ ଖେଳାଳି ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ। ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କ ଭଳି ଖେଳାଳି ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ ନାହିଁ। ଏମାନେ ଅଷ୍ଟ୍ରେଲିଆରେ ଲମ୍ବା ସିରିଜ ଖେଳିଥିବାରୁ ଉଭୟଙ୍କୁ ବିଶ୍ରାମ ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ବାଂଲାଦେଶ ବିପକ୍ଷରେ ଭାରତ ପାଇଁ ଟି-୨୦ରେ ଡେବ୍ୟୁ କରିଥିବା ମୟଙ୍କ ଯାଦବ ମଧ୍ୟ ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ ନାହିଁ। କ୍ରମାଗତ ୧୫୦ରୁ ଅଧିକ ସ୍ପିଡରେ ବୋଲିଂ କରି ସମସ୍ତଙ୍କୁ ଚକିତ କରିଥିବା ମୟଙ୍କ ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ଆହତ ଯୋଗୁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ମଧ୍ୟ ଖେଳି ପାରି ନଥିଲେ। ଏବେ ସେ ଇଂଲଣ୍ଡ ବିପକ୍ଷ ସିରିଜରୁ ମଧ୍ୟ ବାଦ ପଡ଼ିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି।

# ନୀରଜ ବିଶ୍ୱର ଶ୍ରେଷ୍ଠ ଜାଭେଲିନ୍ ଥ୍ରୋୟର



ନୂଆଦିଲ୍ଲୀ,୧୧।୧: ନୀରଜ ଚୋପ୍ରା ବିଶ୍ୱର ଶ୍ରେଷ୍ଠ ଜାଭଲିନ ଫିଙ୍ଗାଳି ହୋଇଛନ୍ତି । ଦୁଇଟି ଅଲମ୍ପିକ ପଦକ ବିଜେତା ନୀରଜ ଚୋପ୍ରା ଚଳିତ ବର୍ଷର ବିଶ୍ୱର ଶ୍ରେଷ୍ଠ ପୁରୁଷ ଜାଲଭିଲ ଫିଙ୍ଗାଳି ହେବାର ଗୌରବ ଅର୍ଜନ କରିଛନ୍ତି । ଆମେରିକାର 'ଟ୍ରାକ ଆଣ୍ଡ ଫିଲ୍ଡ ନ୍ୟୁଜ ' ପତ୍ରିକା ପକ୍ଷରୁ ଅଲମ୍ପିକ୍ସ ରୌପ୍ୟ ପଦକ ବିଜେତା ନୀରଜ ଚୋପ୍ରାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ୨୭ ବର୍ଷୀୟ ନୀରଜ ଚୋପ୍ରା ପାକିସ୍ତାନର ଅର୍ଶଦ ନଦୀମ ଓ ଦୁଇଥର ବିଶ୍ୱ ବିଜେତା ଗ୍ରେନାଡାର ଆଣ୍ଡରସନ ପିଟର୍ସଙ୍କୁ ପଛରେ ପକାଇ କାଲିଫର୍ଣ୍ଣିଆସ୍ଥିତ ପତ୍ରିକା ଦ୍ୱାରା ହୋଇଥିବା ୨୦୨୪ ମାନ୍ୟତାର ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ନଦୀମଙ୍କୁ ପଞ୍ଚମ ମାନ୍ୟତା ମିଳିଛି । ସେ ଅଲମ୍ପିକ୍ସ ବାଦ ୨୦୨୪ରେ କେବଳ ଗୋଟିଏ ପ୍ରତିଯୋଗିତା ପ୍ୟାରିସ ଡାଇମଣ୍ଡ ଲିଗରେ ଭାଗ ନେଇ ଚତୁର୍ଥ ସ୍ଥାନରେ ରହିଥିଲେ।୧୯୪୮ରୁ ପ୍ରକାଶିତ ଟ୍ରାକ ଆଣ୍ଡ ଫିଲ୍ଡ ନ୍ୟୁଜ ପତ୍ରିକା ପ୍ରତିବର୍ଷ ବିଶ୍ୱ ଓ ଆମେରିକୀୟ ମାନ୍ୟତା ପ୍ରକାଶ କରିଥାଏ। ୨୦୨୩ରେ ମଧ୍ୟ ଏହି ମାନ୍ୟତାରେ ପ୍ରଥମ ସ୍ଥାନରେ ରହିଥିଲେ ନୀରଜ । ଗତବର୍ଷ ଫିନଲାଣ୍ଡରେ ହୋଇଥିବା ପାଭୋ ନୁର୍ମି କ୍ରୀଡାରେ ବିଜେତା ହୋଇଥିଲେ । ଏହି ମାନ୍ୟତା ଲାଗି ନୀରଜ ଓ ୨୦୨୨ ବିଜେତା ପିଟର୍ସଙ୍କ ମଧ୍ୟରେ କଡା ମୁକାବିଲା ହୋଇଥିଲା । ଡାଇମଣ୍ଡ ଲିଗ୍ ଜିତି ନଥିଲେ ମଧ୍ୟ ନୀରଜ ୩-୨ରେ ପିର୍ଟସଙ୍କୁ ପଛରେ ପକାଇଥିଲେ। ୨୦୨୪ରେ ନୀରଜ ପ୍ୟାରିସ ଅଲମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ । ମୋଟ ୬ଟି ଇଭେଣ୍ଟରେ ଅଂଶଗ୍ରହଣ କରି ୨ ଥର ଚମ୍ପିଆନ ଓ ୪ର୍ଥ ରନର୍ସଅପ ହୋଇଥିଲେ । ନୀରଜ ଏହି ସଫଳତା ଆଣି ଦେଶ ପାଇଁ ଗର୍ବ ଆଣିଛନ୍ତି ।



# ଭକ୍ତିମାର୍ଗରେ ବିରାଟ-ଅନୁଷ୍କା !

ନୂଆଦିଲ୍ଲୀ,୧୧।୧: ଗତ କିଛି ଦିନ ଧରି ନିଜ ଖରାପ ପ୍ରଦର୍ଶନକୁ ନେଇ ଚିନ୍ତାରେ ଥିବା ଭାରତୀୟ ବ୍ୟାଟ୍ସମ୍ୟାନ୍ ବିରାଟ୍ କୋହଲୀ ଅଷ୍ଟ୍ରେଲିଆରୁ ଫେରିବା ପରେ ବୃନ୍ଦାବନ ଗସ୍ତରେ ଆସିଛନ୍ତି । ଧର୍ମପତ୍ନୀ ଅନୁଷ୍କା ଶର୍ମା ଏବଂ ନିଜ ୨ ସନ୍ତାନଙ୍କ ସହ ପ୍ରେମାନନ୍ଦ ଗୋବିନ୍ଦ ଶରଣ ଜୀ ମହାରାଜଙ୍କ ଆଶ୍ରମରେ ପହଂଚି ଆଶିର୍ବାଦ ନେଇଛନ୍ତି ବିରାଟ୍ । କୋହଲୀ ଏବଂ ଅନୁଷ୍କା ପ୍ରେମାନନ୍ଦ ମହାରାଜଙ୍କ ଆଶ୍ରମ ପହଂଚିବା ଭିଡ଼ିଓ ଏବେ ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି । ମାତ୍ର ଘଣ୍ଟାଏରେ ଏହି ଭିଡ଼ିଓକୁ ଲକ୍ଷାଧିକ ଲୋକ ଲାଇକ୍ କରିସାରିଛନ୍ତି । ଭିଡିଓଟିକୁ ପ୍ରେମାନନ୍ଦ ମହାରାଜଙ୍କ ଅଫିସିଆଲ୍ ଇନ୍ଷ୍ଟା ହ୍ୟାଣ୍ଡଲରେ ପୋଷ୍ଟ୍ କରାଯାଇଛି । ଯେଉଁଥିରେ ବିରାଟ୍ , ଅନୁଷ୍କା ନିଜ ପୁଅ ଅକାୟ ଏବଂ ଝିଅ ଭାମିକାଙ୍କୁ ନେଇ ପହଂଚିଥିବାର ଦେଖାଯାଉଛି । ଏହାପୂର୍ବରୁ ମଧ୍ୟ ବିରୁଷ୍କା ଝିଅ ଭାମିକାଙ୍କୁ ନେଇ ପ୍ରେମାନନ୍ଦ ମହାରାଜଙ୍କ ଦର୍ଶନ କରିବାକୁ ଯାଇଥିଲେ । କୋହଲୀ ଯେତେବେଳେ ପ୍ରେମାନନ୍ଦ ମହାରାଜଙ୍କୁ ମୁଣ୍ଡିଆ ମାରିଲେ , ପ୍ରଶ୍ନ ଆସିଲା ମନ ପ୍ରସନ୍ନ ଅଛି ତ ? ଏହି ପ୍ରଶ୍ନରେ କୋହଲୀ ମୁଣ୍ଡ ହଲାଇ ହଁ କରୁଥିବାର ଭିଡ଼ିଓରେ ନଜର ଆସୁଛନ୍ତି । ଭିଡ଼ିଓରେ ଅନୁଷ୍କା ମହାରାଜଙ୍କୁ କହୁଛନ୍ତି , ଆପଣ ମତେ ପ୍ରେମ , ଭକ୍ତିଭାବ ଦେଇଦିଅନ୍ତୁ । ଯେଉଁଥିରେ ପ୍ରେମାନନ୍ଦ ମହାରାଜ କହୁଛନ୍ତି , ଆପଣ ବହୁତ ସାହସୀ କାରଣ ସଂସାରରେ ସମ୍ମାନର ସ୍ୱାଦ ଚାଖିବା ପରେ ଭକ୍ତିମାର୍ଗ ଆଡ଼କୁ ଦିଗ ବଦଳାଇବା କଷ୍ଟକର ବ୍ୟାପାର । ଭଗବାନଙ୍କ ଉପରେ ବିଶ୍ୱାସ ରଖ , ନାମଜପ କର ଏବଂ ପ୍ରେମଆନନ୍ଦର ସହ ରୁହ ।

# ହୋଇପାରୁନି ଭାରତୀୟ ଟିମ୍ର ଚୟନ

## ଆଇସିସିକୁ ସମୟ ମାଗିଲା ବିସିସିଆଇ



ନୂଆଦିଲ୍ଲୀ,୧୧।୧: ଆସନ୍ତା ମାସ ୧୯ରୁ ଆରମ୍ଭ ହେବାକୁ ଯାଉଛି କ୍ରିକେଟ୍ ମହାକୁମ୍ଭ ଚାମ୍ପିୟନ୍ସ ଟ୍ରଫି ୨୦୨୫ ସଂସ୍କରଣ । କିନ୍ତୁ ଏଯାଏଁ ଭାରତୀୟ ଟିମର ଚୟନ ହୋଇପାରୁନାହିଁ । କ୍ରିକବଜ ରିପୋର୍ଟ ଅନୁଯାୟୀ, ଭାରତୀୟ ଟିମ ଚୟନରେ ବିଳମ୍ବ କରୁଛି ବିସିସିଆଇ । ଅଜିତ ଅଗରକରଙ୍କ ନେତୃତ୍ୱରେ ଚୟନ କମିଟି ଏବେ ଅଧିକ ସମୟ ମାଗିଛନ୍ତି । ଏନେଇ ଆଇସିସିଙ୍କୁ ସମୟ ମଗାଯାଇଥିବା ଜଣାପଡ଼ିଛି । ତେବେ ବିସିସିଆଇ ୧୨ ଜାନୁୟାରୀ ସୁଦ୍ଧା ଏକ ଅସ୍ଥାୟୀ ଖେଳାଳି ତାଲିକା ଦେବା ପାଇଁ ପୂର୍ବରୁ ସମୟ ନେଇଥିଲା । ହେଲେ ଏବେ ଏଥିରେ ଆହୁରି ଏକ ସପ୍ତାହ ବିଳମ୍ବ ହେବ ଏବଂ ଖେଳାଳି ତାଲିକା ଆସନ୍ତା ୧୮ କିମ୍ବା ୧୯ ତାରିଖରେ ଘୋଷଣା ହୋଇପାରେ । ଆଇସିସି ନିୟମ ଅନୁସାରେ ଟୁର୍ଣ୍ଣାମେଣ୍ଟ ଆରମ୍ଭର ଏକ ମାସ ପୂର୍ବରୁ ସବୁ ଦଳ ଏହାରି କ୍ରିକେଟରଙ୍କ ତାଲିକା ପ୍ରଦାନ କରିବା ଜରୁରୀ । ଯାହାର ଡେଡଲାଇନ୍ ଆସନ୍ତାକାଲି ଅର୍ଥାତ ୧୨ ଜାନୁୟାରୀ ରହିଛି । ତେବେ ଏଯାବତ୍ ବିସିସିଆଇ ଖେଳାଳି ତାଲିକା ପ୍ରସ୍ତୁତ କରିପାରିନାହିଁ।

# ଜବାର ଓ ପ୍ରତ୍ୟାଶା ପାଇବେ 'ଓସ୍‌ଜା' ପୁରସ୍କାର



ଭୁବନେଶ୍ୱର,୧୧।୧(ସଂଚାର ବ୍ୟୁରୋ): ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟ୍‌ବଲ୍ ପ୍ରଶିକ୍ଷକ ମହମ୍ମଦ ସାହିଦ ଜବାର ଏବଂ ଓଡ଼ିଶା ସନ୍ତରଣର ସଫଳତମ ଖେଳାଳି ପ୍ରତ୍ୟାଶା ରାୟ ଚଳିତ ବର୍ଷର ଓଡ଼ିଶା କ୍ରୀଡା ସାମ୍ବାଦିକ ସଂଘ (ଓସ୍‌ଜା)ର ବାର୍ଷିକ ପୁରସ୍କାର ବିଜେତା ହୋଇଛନ୍ତି। ଗତବର୍ଷ ଅନେକ ସଫଳତା ଅର୍ଜନ କରିଥିବା ପ୍ରତ୍ୟାଶା ରାୟଙ୍କୁ ଗତବର୍ଷର ଶ୍ରେଷ୍ଠ କ୍ରୀଡାବିତ୍ ଏବଂ ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ସଫଳତାରେ ବିଶେଷ ଯୋଗଦାନ ଦେଇଥିବା ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା ସମ୍ମାନ ପ୍ରଦାନ କରାଯିବ। ଉଭୟ ସାହିଦ ଜବାର ଓ ପ୍ରତ୍ୟାଶା ରାୟଙ୍କୁ ଓସ୍‌ଜା ବାର୍ଷିକ ପୁରସ୍କାର ଆକାରରେ ନଗଦ ୨୫ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯିବ। ପିତା ବିଶିଷ୍ଟ ଫୁଟ୍‌ବଲର୍ ଅବ୍‌ଦୁଲ ଜବାରଙ୍କ ପ୍ରେରଣାରେ ଅନୁପ୍ରାଣିତ ସାହିଦ ଜବାର ଓଡ଼ିଶା ଫୁଟ୍‌ବଲ୍ ଦଳ ପକ୍ଷରୁ ଅନେକ ବର୍ଷ ପ୍ରତିନିଧିତ୍ୱ କରିଥିଲେ। ସେ ଜାତୀୟ କନିଷ୍ଠ ଓ ବରିଷ୍ଠ ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଅନେକ ବର୍ଷ ଖେଳିବା ସହ ଦୀର୍ଘ ୧୫ବର୍ଷ ଓଡ଼ିଶା ପୁଲିସ ଦଳର ସଦସ୍ୟ ଭାବରେ ସର୍ବଭାରତୀୟ ପୁଲିସ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫୁଟ୍‌ବଲ୍‌ରୁ ଖେଳାଳି ଭାବେ ଅବସର ନେବା ପରେ ପ୍ରଶିକ୍ଷଣ ପ୍ରତି ଧ୍ୟାନ ଦେଇଥିବା ସହିଦ ଜବାର ଭାରତୀୟ ମହିଳା ଫୁଟ୍‌ବଲ୍ ଦଳର ବହୁବର୍ଷ ରହିଥିଲେ ମୁଖ୍ୟ ପ୍ରଶିକ୍ଷକ। ତାଙ୍କ ଅଧୀନରେ ସାଫ୍ ଚାମ୍ପିଅନ୍‌ସିପ୍ ଏବଂ ଅନେକ ବଡ଼ ବଡ଼ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ସହ ବିଜେତା ହୋଇଥିଲା ଭାରତୀୟ ମହିଳା ଦଳ। ଏଥିସହ ସେ ଓଡ଼ିଶାର ବିଭିନ୍ନ ବୟସ ବର୍ଗର ଉଭୟ ପୁରୁଷ ଓ ମହିଳା ଦଳର ପ୍ରଶିକ୍ଷକ ଭାବେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିଛନ୍ତି। ଏସୀୟ ଫୁଟ୍‌ବଲ୍ ସଂଘର ପ୍ରଶିକ୍ଷକ ତାଲିମ ମଧ୍ୟ ପୂର୍ଣ୍ଣ କରିଥିବା ସହିଦ ଜବାର ଏବେ ବି ପ୍ରଶିକ୍ଷକ ଏବଂ ଫୁଟ୍‌ବଲ୍ ପ୍ରଶାସକ ଭାବେ ଅଛନ୍ତି ସକ୍ରିୟ।

ଓଡ଼ିଶା ସନ୍ତରଣର ମାର୍ଗଦର୍ଶକ ଭାବେ ପରିଚିତ ପ୍ରତ୍ୟାଶା ରାୟ ୨୦୨୪ରେ ଏକାଧିକ ବିଶେଷ ସଫଳତା ହାସଲ କରିଛନ୍ତି। ସେ ଗତବର୍ଷ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ ଜିତି ବିରଳ ସଫଳତା ପାଇଥିଲେ। ଏଥିସହ ୨୦୨୪ରେ ସେ ଆନ୍ତର୍ଜାତିକସ୍ତରରେ ମଧ୍ୟ ଜିତିଥିଲେ ପଦକ। ୨୦୨୪ରେ ଦକ୍ଷିଣର ଆଫ୍ରିକାର ପ୍ରିଟୋରିଆରେ ଅନୁଷ୍ଠିତ ପ୍ରିମିୟର ପ୍ରାଦେଶିକ ସନ୍ତରଣ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ପାଇଥିଲେ। ଏଥିସହ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ପ୍ରତିନିଧିତ୍ୱ କରି ଖେଲୋ ଇଣ୍ଡିଆ ଗେମ୍ସରେ ସେ ୪ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ କାଂସ୍ୟ ପଦକ ଜିତିଥିଲେ। ୨୦୨୪ର ଏକଲବ୍ୟ ପୁରସ୍କାର ମଧ୍ୟ ମିଳିଥିଲା ପ୍ରତ୍ୟାଶା ରାୟଙ୍କୁ।

ସର୍ବଭାରତୀୟ କ୍ରୀଡ଼ା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ 'ଓସ୍‌ଜା' ଗତ ୨୦୧୮ରୁ ବାର୍ଷିକ ପୁରସ୍କାର ପ୍ରଦାନ କରିଆସୁଛି। ପ୍ରଥମ ବର୍ଷର ବିଜେତା ଥିଲେ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଓ ଫୁଟ୍‌ବଲର୍ ଦେବ ସିଂହ। ୨୦୧୯ରେ ହକି ତାରକା ଅମିତ ରୋହିଦାସ ଓ ଦ୍ରୋଣାଚାର୍ଯ୍ୟ ବିଜେତା ମୁଷ୍ଟିଯୁଦ୍ଧ ପ୍ରଶିକ୍ଷକ ବ୍ରଜଭୂଷଣ ମହାନ୍ତି। ୨୦୨୦ରେ ପାରା-ଆଥଲେଟ୍ ପ୍ରମୋଦ ଭଗତ ଓ ବିଶିଷ୍ଟ ଆଥଲେଟିକ୍ସ ପ୍ରଶିକ୍ଷକ ପଞ୍ଚାନନ ଗଡ୍ଡାୟତ, ୨୦୨୧ରେ ଚେସ୍ ଗ୍ରାଣ୍ଡମାଷ୍ଟର ସ୍ୱୟଂସ୍ ମିଶ୍ର ଓ ଆଥଲେଟିକ୍ସ ପ୍ରଶିକ୍ଷକ ଅରୁଣ ଦାସ, ୨୦୨୨ରେ ବିଶିଷ୍ଟ ବାସ୍କେଟ୍‌ବଲ୍ ଖେଳାଳି ଅରୂପାନନ୍ଦ ରାଉତରାୟ ଓ ହକି ଅଲିମ୍ପିଆନ୍ ବୀରେନ୍ଦ୍ର ଲାକ୍ରା, ୨୦୨୩ରେ ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ ଓ ଓଡ଼ିଶାର ପ୍ରଥମ ଆନ୍ତର୍ଜାତିକ ପୁରୁଷ ହକି ଖେଳାଳି ପିଟର ତିର୍କି ଏବଂ ୨୦୨୪ରେ ଜାଭେଲିନ୍ ଷ୍ଟାର କିଶୋର କୁମାର ଜେନା ଏବଂ ଅର୍ଜୁନ ପୁରସ୍କାର ବିଜେତା ଭାରୋତ୍ତୋଳକ ବିଜୟ ଶତପଥୀଙ୍କୁ ପ୍ରଦାନ କରାଯାଇଥିଲା 'ଓସ୍‌ଜା' ବାର୍ଷିକ ପୁରସ୍କାର। ଆସନ୍ତା ୧୯ରେ ଭୁବନେଶ୍ୱରରେ ଅନୁଷ୍ଠିତ ଥିବା 'ଓସ୍‌ଜା' ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି 'ଓସ୍‌ଜା'ର ସଭାପତି ସନ୍ଦୀପ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସମୃଦ୍ଧ...

ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଏହି ଅଭିଲେଖାଗାର ଆମ ଆଇନଗତ ବ୍ୟବସ୍ଥାର ଏକ ସମୃଦ୍ଧ ଐତିହ୍ୟର ଭଣ୍ଡାର ଭାବେ କାର୍ଯ୍ୟ କରିବ। ଏହା ଆଇନଗତ ଇତିହାସ, ଐତିହାସିକ ମାମଲା ଓ ଅମୂଲ୍ୟ ଉଦାହରଣର ଭଣ୍ଡାର ହେବ। ଏହା ଓଡ଼ିଶା ଓ ଆମ ଦେଶର ଆଇନଗତ ଦୃଶ୍ୟପଟ୍ଟକୁ ଚିରସ୍ଥାୟୀ କରିପାରିବ। ଏହି ପରିକଳ୍ପନାକୁ ବାସ୍ତବ ରୂପ ଦେବାରେ ମୁଖ୍ୟ ବିଚାରପତି ଏବଂ ଓଡ଼ିଶା ହାଇକୋର୍ଟର ବିଚାରପତିମାନେ ଅକ୍ଳାନ୍ତ ପ୍ରୟାସ କରିଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ରାଜ୍ୟ ସରକାର ନ୍ୟାୟପାଳିକାର ସଂସ୍କାର ଓ ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ। ନ୍ୟାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଆଇନ ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳ କାର୍ଯ୍ୟକାରୀ କରିବା ଓ ସମସ୍ତଙ୍କ ନିକଟରେ ନ୍ୟାୟ ପହଞ୍ଚାଇବା ଦିଗରେ ସରକାର କାର୍ଯ୍ୟ ଜାରି ରଖିବେ। ଓଡିଶାରେ ଦଣ୍ଡହାର ବୃଦ୍ଧି କରିବା ପାଇଁ ସରକାର ପଦେକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ହିଂସା ବିରୁଦ୍ଧରେ ଦଣ୍ଡ ବିଧାନ କରିବା ପାଇଁ ୪ଟି ଜିଲ୍ଲାରେ ମହିଳା କୋର୍ଟ ପ୍ରତିଷ୍ଠା ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ଏପରି ଅଧିକ ସ୍ୱତନ୍ତ୍ର ବିଚାରଳୟ ଉଚ୍ଚ ନ୍ୟାୟାଳୟଙ୍କ ଦିଗ୍‌ଦର୍ଶନରେ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେଣ୍ଟର ଫର ଜୁଡିସିଆଲ ଆର୍କାଇଭ୍ସ ସମଗ୍ର ଦେଶରେ ଜ୍ଞାନର ଆଲୋକ ଏବଂ ନ୍ୟାୟିକ ଶିକ୍ଷା ପାଇଁ ଏକ ପ୍ରେରଣାଦାୟୀ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓଡ଼ିଶାର ବିଭିନ୍ନ କୋର୍ଟରେ ଥିବା ନଥିପତ୍ରଗୁଡିକୁ ସଂରକ୍ଷଣ କରି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ରାଜ୍ୟ ସରକାର ତ୍ୱରିତ ନ୍ୟାୟ ଓ ସମସ୍ତଙ୍କ ନିକଟରେ ନ୍ୟାୟ ବ୍ୟବସ୍ଥା ପହଞ୍ଚାଇବା ଦିଗରେ କାର୍ଯ୍ୟ କରୁଛନ୍ତି। ନ୍ୟାୟ ବ୍ୟବସ୍ଥାରେ ବୈଷୟିକ ସଂସ୍କାର ଆଣିବା ସହ ଏହାକୁ ଅତ୍ୟାଧୁନିକ କରି ସରକାର ନ୍ୟାୟିକ ବ୍ୟବସ୍ଥାକୁ ଦକ୍ଷ, ସ୍ୱଚ୍ଛ ଏବଂ ସମସ୍ତଙ୍କ ନିକଟରେ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରୁଛନ୍ତି। ନ୍ୟାୟିକ ଅଭିଲେଖାଗାର ଏ ଦିଗରେ ଆଉ ଏକ ପଦକ୍ଷେପ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି। କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତିଗଣ, ଆଡଭୋକେଟ ଜେନେରାଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ପାହାଡ଼...

ହାତବାରିସୀ ସାଜିଲା। ଶବରମାନଙ୍କ ଘର ନିକଟରେ ଆଖିବୁଜା ପ୍ରଦୂଷଣ କରୁଥିବା କ୍ରସର ସ୍ଥାପନ ପାଇଁ ଅନୁମତି ପ୍ରଦାନ କରାଗଲା।

ଏହାପରେ ଘଞ୍ଚ ଜଙ୍ଗଲରେ ଥିବା ଗଛବୃକ୍ଷକୁ କାଟି ଜଙ୍ଗଲର କଙ୍କାଳ ସଦୃଶ କଳାପଥରକୁ କୋରିଦେଲେ ପଥର ମାଫିଆ ସାଜିଥିବା କ୍ରସର ମାଲିକ। ଶେଷକୁ ପାହାଡ ଉପରେ ଥିବା ଶବର ମାନଙ୍କ କଳାପଥର ଠାକୁରଣୀଙ୍କୁ ବି ଛାଡିଲେ ନାହିଁ। ଏହି ଠାକୁରାଣୀଙ୍କ ନିକଟକୁ ଶବର ମାନେ ଆଉ ପୂଜା କରିବାକୁ ଯାଇ ପାରିଲେ ନାହିଁ। ଏଠାରେ ପ୍ରତିବର୍ଷ ହେଉଥିବା ଯଜ୍ଞ ଏବଂ ଯାତ୍ରାକୁ ବନ୍ଦ କରି ଦିଆଗଲା। ଶବରମାନଙ୍କ ଡାକରାରେ ରାଜ୍ୟରେ ପାହାଡ଼ ସୁରକ୍ଷା ପାଇଁ ଲଢେଇ କରୁଥିବା ପାହାଡ ପର୍ବତ ସୁରକ୍ଷା ମଞ୍ଚର ସଭାପତି ସତୀଶ ବିଶ୍ୱାଳଙ୍କ ନେତୃତ୍ୱରେ ଗୋଟିଏ ପ୍ରତିନିଧି ଦଳ ଏହି ଠାକୁରାଣୀଙ୍କ ପର୍ଯ୍ୟନ୍ତ ଯାଇଥିଲା। ପ୍ରତିନିଧି ଦଳ ସହ ଶତାଧିକ ସଂଖ୍ୟାରେ ଶବରମାନେ ସାମିଲ ହୋଇଥିଲେ। ଶବର ମାନେ କାନ୍ଦି କାନ୍ଦି ସେମାନଙ୍କ ଠାକୁରାଣୀଙ୍କ ଦୂରାବସ୍ଥା ବର୍ଣ୍ଣନା କରିଥିଲେ। କିଛିଦିନ ପରେ ପଥର ବ୍ଲାଷ୍ଟିଂ ପାଇଁ ଠାକୁରଣୀ ଭୁଶୁଡି ପଡ଼ି ମାଟିରେ ମିଶିବେ ବୋଲି ସେଠାକାର ଶବରମାନେ ଅଭିଯୋଗ କରିବା ସହ ଠାକୁରାଣୀଙ୍କ ବିଜେସ୍ଥଳୀ ସମ୍ପୂର୍ଣ୍ଣ ପରିତ୍ୟକ୍ତ ଅବସ୍ଥାରେ ରହିଥିବା କହିଥିଲେ। ପୂର୍ବର ବିଜେଡି ସରକାର ସେମାନଙ୍କ ଅଭିଯୋଗ ପ୍ରତି କର୍ଣ୍ଣପାତ କରିନଥିଲେ ହେଁ ଏବକାର ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିବାରୁ ସେମାନଙ୍କ ଦୂର ହେବ ବୋଲି ଆଶା ପ୍ରକାଶ କରିଥିଲେ। ଏନେଇ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ ଏଠାରେ ଦୀର୍ଘଦିନ ଧରି ପାହାଡ ଖାଦାନରେ ୧୪୪ ଧାରା ଜାରି ହୋଇଥିଲେ ମଧ୍ୟ ପାହାଡ ଲୁଟ ବେଧଡକ ଚାଲିଛି। କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଆସିଥିବା ନିର୍ଦ୍ଦେଶକୁ ସ୍ଥାନୀୟ ଖଣି ଅଧିକାରୀ ଏବଂ ପୁଲିସ ଖାତିର କରୁନଥିବା ଅଭିଯୋଗ କରିଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କ ସ୍ୱାର୍ଥରକ୍ଷାକୁ ଗୁରୁତ୍ୱ ଦେଉଥିବାରୁ ଏଥିନେଇ ସରକାର କଠୋର ପଦକ୍ଷେପ ଗ୍ରହଣ କରିବା ସକାଶେ ସତୀଶ ଦାବି କରିଛନ୍ତି।

### ଲିଜଧାରୀ...

ଚିକେନ ବାବୁ ଉଦ୍ୟମ କରିଆସୁଥିଲା । ମାତ୍ର ଗଲା ବର୍ଷ ଭବାନୀ ସରକାରୀ ବିଧିବ୍ୟବସ୍ଥାରେ ଉକ୍ତ ଘାଟକୁ ଲିଜସୂତ୍ରରେ ନେଇଥିଲେ । ଏହାପରଠୁ ଚିକେନ ବାବୁ ପ୍ରତିକ୍ରିୟାଶୀଳ ହୋଇପଡିଥିଲା । ଏନେଇ ପ୍ରଭାସଙ୍କ ଅଭିଯୋଗ ଅନୁସାରେ, ବିଭିନ୍ନ ସମୟରେ ଚିକେନ ବାବୁ ଅସାମାଜିକଙ୍କୁ ଲଗାଇ ଉକ୍ତ ବାଲିଘାଟ କର୍ମଚାରୀଙ୍କୁ ମାରପିଟ କରିବା, କର୍ମଚାରୀଙ୍କୁ ସେଠାକୁ ପୁର୍ନବାର ନଆସିବା ପାଇଁ ଧମକ, ଭାରୀଯାନ ଗୁଡିକୁ ଘାଟକୁ ନଛାଡିବା ଏବଂ ବାଲି ବୋଝେଇ ଗାଡି ଗୁଡିକୁ ଅଟକାଇ ବଟି ମାଗୁଥିଲା । କୌଣସି ପ୍ରକାରେ ସେଠାରୁ ବାଲି ପରିବହନ ରୋକି ଆର୍ଥିକ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଚିକେନା ବାବୁ ଏଭଳି ହରକତ କରୁଥିଲା । ସବୁ ଉଦ୍ୟମରେ ବିଫଳ ହେବା ପରେ ବାଲିଘାଟ ଅକ୍ତିଆର ପାଇଁ ସିଧାସଳଖ ହତ୍ୟା ଧମକ ଦେଇଛି । ଗତ ୮ ତାରିଖ ଅପରାହ୍ନରେ ଚିକେନ ବାବୁ ସିଧାସଳଖ ପ୍ରଭାସଙ୍କୁ ଫୋନ କରି ଗାଳିଗୁଲଜ କରିଥିଲା । ଆଉ ଘାଟ ତୁରନ୍ତ ନଛାଡିଲେ ଦୁଇ ଭାଇଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଲା । ଏପରିକି ଭବାନୀକୁ ଯେଭଳି ମିଛ ମାମଲାରେ ଫଶାଇଛି ; ସେହିପରି ପ୍ରଭାସଙ୍କୁ ବି ଭୟ ଦେଖାଇଲା । ଏହି ଘଟଣାର କିଛି ସମୟ ପରେ ପ୍ରଭାସ କୁଆଖିଆ ବ୍ରିଜ ତେନ୍ତୁଳିନାଳୀ ରାସ୍ତା ଉପରେ କାରରେ ଯାଉଥିଲା ବେଳେ ହଠାତ ଦୁଇ ଜଣ ବ୍ୟକ୍ତି ବାଇକରେ ଆସି ତାଙ୍କୁ ଅଟକାଇଥିଲେ। କିଛି କହିବା ଆଗରୁ ବ୍ୟକ୍ତି ଦ୍ୱୟ ତାଙ୍କୁ ଗାଡିରୁ ଘୋଷାଡି ଆଣି ମାରଧର କରିଲେ । ତନ୍ମଧ୍ୟରୁ ଜଣେ ଦୁର୍ବୃତ୍ତ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଚିକେନ ବାବୁ ଭାଇଙ୍କ କଥା ମାନି ତୁରନ୍ତ ବାଲିଘାଟ ଛାଡିଦେବାକୁ ଧମକ ଦେଲା । ନଚେତ ଦୁଇ ଭାଇଙ୍କୁ ହତ୍ୟା କରାଯିବ ବୋଲି ଦୁର୍ବୃତ୍ତ ଦ୍ୱୟ ଚେତାବନୀ ଦେଇ ସେଠାରୁ ପଳାଇଲେ । ଏହାର କିଛି ସମୟ ପରେ ବାଲିଘାଟର ଜଣେ କର୍ମଚାରୀଙ୍କ ଧମକ ଦେଇ ଲକ୍ଷାଧିକ ଟଙ୍କା ବଟି ଦେବାକୁ କୁହାଗଲା । ଦିନକରେ ଏହି ତିନିଟି ଘଟଣା ଘଟିବାରୁ ପ୍ରଭାସ ପୂରା ଭୟଭୀତ ହୋଇପଡିଥିଲେ । ଏନେଇ ସେ ତୁରନ୍ତ ସଦର ଥାନାରେ ଏତଲା ଦେଇଥିଲେ। ଇତିମଧ୍ୟରେ ଘଟଣାକୁ ତିନି ଦିନ ବିତିଥିଲା ବେଳେ ପୋଲିସ ତଦନ୍ତକୁ ତ୍ୱରାନିତ କରିନାହିଁ । ଯାହାଫଳରେ ପ୍ରଭାସ ଓ ତାଙ୍କ ପରିବାର ସଦସ୍ୟ ଭୟ ଓ ଆତଙ୍କିତ ଅବସ୍ଥାରେ ରହିଛନ୍ତି । ଏନେଇ ପ୍ରଭାସ ଓ ତାଙ୍କ ବାପା ପ୍ରେମାନନ୍ଦ ମହାନ୍ତି ଶନିବାର ଡିସିପିଙ୍କୁ ଭେଟିବାକୁ ଆସିଥିଲେ । ମାତ୍ର ଡିସିପିଙ୍କ ଅନୁପସ୍ଥିତିରେ ଉଭୟ ଏଡିସିପି ଅମରେନ୍ଦ୍ର ପଣ୍ଡାଙ୍କୁ ଭେଟି ଘଟଣା ସମ୍ବନ୍ଧରେ ଜଣାଇଥିଲେ । ଥୋରିଆ ସାହିରେ ରହୁଥିବା ବିରିଡି ଅଞ୍ଚଳର ମଦ ଓ ବାଲି ମାଫିଆ ଚିକେନ ବାବୁ ଓରଫ ରାଜବିହାରୀ ଦଶ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବାକୁ ଉଭୟ ଅନୁରୋଧ କରିଛନ୍ତି । ସବୁ ଘଟଣା ଶୁଣିବା ପରେ ଘଟଣାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଡିସିପି ଶ୍ରୀ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି ।

### ଢେଙ୍କାନାଳର...

ଏହି ମାରାଥନ, କପିଳାସକୁ ବିଶ୍ୱ ପର୍ଯ୍ୟଟନ ତଥା ମାରାଥନ ଦୌଡ଼ର ଏକ ପ୍ରମୁଖ ସ୍ଥଳ ଭାବରେ ପ୍ରତିଷ୍ଠିତ କରାଇବାରେ ସହାୟକ ହେବ। ଆମର ପ୍ରାଚୀନ ପରମ୍ପରା, ସଂସ୍କୃତି ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଐରାବତ ବା ହାତୀର ସ୍ଥାନ ସ୍ୱତନ୍ତ୍ର । ହାତୀ ହେଉଛି ଆମର ଐତିହ୍ୟ ପ୍ରାଣୀ । ଗଜରାଜଙ୍କ ସୁରକ୍ଷା ତଥା ମନୁଷ୍ୟ ଓ ହାତୀ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଢେଙ୍କାନାଳରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି ମାରାଥନ ପ୍ରଶଂସନୀୟ । କପିଳାସ ଏକ ପର୍ଯ୍ୟଟନଭିତ୍ତିକ ସ୍ଥାନ। ଏଠାରେ କିପରି ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ସହ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ସୁବିଧାସୁଯୋଗ ଅଧିକ ତ୍ୱରାନ୍ୱିତ ହେବ, ସେ ଦିଗରେ ସମସ୍ତେ ପ୍ରଯତ୍ନ ହେବାକୁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

### ନବୀନ...

ଛାଡି ବିଜେପିକୁ ଯିବା ଓ ପ୍ରତିଦିନ ବିଭିନ୍ନ ଜିଲ୍ଲାରୁ କର୍ମୀମାନେ ବିଜେପିରେ ମିଶିବା ଏବେ ବିଜେଡି ମାମଲତକାରଙ୍କୁ ଚିନ୍ତାରେ ପକାଇ ଦେଇଛି। ତେବେ ବାଇ ଲ' ଅନୁଯାୟୀ ଦଳର ସଭାପତି ନିର୍ବାଚନ ନିଶ୍ଚିତ ହେବ ଏବଂ ଏ ସଂକ୍ରାନ୍ତୀୟ ସୂଚନା ଭାରତୀୟ ନିର୍ବାଚନ କମିଶନଙ୍କୁ ଦିଆଯିବାର ଥିଲେ ବି କାହିଁକି ଦଳର ମାମଲତକାରମାନେ ଏ ନେଇ ଆଗକୁ ବଢ଼ିପାରୁ ନାହାନ୍ତି ତାହା ଏବେ ଦଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଅନ୍ୟ ପକ୍ଷରେ ବିଜେପି ସଭ୍ୟ ସଂଗ୍ରହ ସହିତ ବିଭିନ୍ନ ଜିଲ୍ଲାରେ ତାହାର ମଣ୍ଡଳ ସଭାପତି ନିର୍ବାଚନ ସାରିବାକୁ ବସିଲାଣି । ଖୁବ୍‌ଶୀଘ୍ର ରାଜ୍ୟ ବିଜେପି ସଭାପତି ଚୟନ ନେଇ ଦଳ ସୂଚନା ଦେଉଥିବାବେଳେ ବିଜେଡି ଏ କ୍ଷେତ୍ରରେ ପଛରେ ପଡିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ତେବେ ବିଜେଡିର କିଛି କର୍ମୀ ଏବେ କଂଗ୍ରେସ ଉଦାହରଣ ଦେଇ ମନକୁ ସାନ୍ତ୍ୱନା ଦେଉଥିବା ଲକ୍ଷ୍ୟ କରାଯାଉଛି।

### ଏଣିକି...

ବିଭକ୍ତ କରାଯାଇଛି। ପ୍ରଥମେ ପରୀକ୍ଷାର୍ଥୀଙ୍କ ଉତ୍ତରଖାତାର ସ୍କାନିଂ, ଦ୍ୱିତୀୟରେ ଅନସ୍କ୍ରିନ ମାର୍କିଂ ଓ ତୃତୀୟରେ ମୂଲ୍ୟାୟନ ପରବର୍ତ୍ତୀ ପଦକ୍ଷେପ। ନିର୍ଦ୍ଦିଷ୍ଟ ପଦରେ ନିଯୁକ୍ତି ପରୀକ୍ଷା ଶେଷ ହେବା ପରେ ଓପିଏସ୍‌ସି ନିକଟରୁ ସମ୍ପୃକ୍ତ ସଂସ୍ଥା ସମସ୍ତ ଉତ୍ତରଖାତା ସଂଗ୍ରହ କରିବ। ଓପିଏସ୍‌ସିର ତତ୍ତ୍ୱାବଧାନରେ ସ୍କାନିଂ ସେଣ୍ଟରରେ ଉତ୍ତରଖାତାକୁ ସ୍କାନ୍ କରିବା ପରେ ଏହାକୁ ପୁଣିଥରେ ଫେରସ୍ତ କରାଯିବ। ସୁରକ୍ଷିତ ଭାବେ ସମସ୍ତ ତଥ୍ୟ ଅପଲୋଡ ହେବ। ଏହାପରେ ଅନ୍ ସ୍କ୍ରିନ ମାର୍କ ଦିଆଯିବ। ପରୀକ୍ଷା ମୂଲ୍ୟାୟନକାରୀ ସେମାନଙ୍କ ପଞ୍ଜୀକରଣ କରିବା ସହ ସମ୍ପୃକ୍ତ ସଂସ୍ଥା ଦ୍ୱାରା ତାଲିମ୍ ପ୍ରଦାନ କରାଯିବ।

### ଜାତିସଂଘ...

ଆନ୍ତର୍ଜାତିକ ଲକ୍ଷ୍ୟ ସହ ଯୋଡ଼ିବା ନିମନ୍ତେ ବିଶେଷଜ୍ଞ କମିଟିର ସଦସ୍ୟତା ଭାରତ ପାଇଁ ଏକ ଅନନ୍ୟ ସୁଯୋଗ, ଯାହା ଡାଟା କ୍ଷେତ୍ରରେ ପରିବର୍ତ୍ତନମୂଳକ ପଦକ୍ଷେପର ନେତୃତ୍ୱ ନେବାପାଇଁ ଦେଶର କ୍ଷମତାକୁ ଦର୍ଶାଏ।

### ମାମୁ-ଭଣଜା...

ସ୍ଥାନୀୟ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପରି ଏକ ଦୁଃଖଦ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଘୋଷଣା କରିଛନ୍ତି। ଏଥିସହ ସେ ଦୁଇ ପରିବାର ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ଅଟଳ ଏକାମ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ଲକ୍ଷ୍ନୌ,୧୧।୧ (ସଂଚାର ବ୍ୟୁରୋ):ଏକାମ୍ର ନିର୍ବାଚନ ମଣ୍ଡଳୀର ସମସ୍ତ ୨୪ ୱାର୍ଡ଼ ଓ ୬ ପଞ୍ଚାୟତରୁ ଖେଳାଳି ଙ୍କୁ ନେଇ ଆୟୋଜିତ କ୍ରିକେଟ ମହାକୁମ୍ଭ ଅଟଳ ଏକାମ୍ର ଧମାକା ସିଜିନ -୨ କପିଳପ୍ରସାଦର ସାଙ୍ଖ ପଡିଆରେ ୧୬ ଦିନ ଧରି ଅନୁଷ୍ଠିତ ହେଇ ଆସୁଥିଲା। ଏଥିରେ ଏକାମ୍ରରୁ ୫୨ଟି ଟିମ୍ ଯୋଗଦେଇ ଖେଳିଥିଲେ। ଆଜି ୱାର୍ଡ଼ ନଂ ୫୦ ବରମୁଣ୍ଡା ଗଜାନନ ଓ ୱାର୍ଡ଼ ନଂ ୬୭ ସୁନ୍ଦରପଦା ସାଙ୍ଖ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ୱାର୍ଡ଼ ନଂ ୫୦ ବରମୁଣ୍ଡା ଗଜାନନକୁ ହରାଇ ୱାର୍ଡ଼ ନଂ ୬୭ ସୁନ୍ଦରପଦା ସାଙ୍ଖ ଟ୍ରଫି ଜିତିଥିଲା। ୱିନର ୱାର୍ଡ଼ ନଂ ୬୭ ସୁନ୍ଦରପଦା ସାଙ୍ଖକୁ ଟ୍ରଫି ସହ ନଗଦ ୫୦,୦୦୦ ଟଙ୍କା ଓ ରନରସ୍ ୱାର୍ଡ଼ ନଂ ୫୦ ବରମୁଣ୍ଡା ଗଜାନନକୁ ଟ୍ରଫି ସହ ନଗଦ ୩୫,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସମସ୍ତ କ୍ୱାଟର ଫାଇନାଲିଷ୍ଟ ଦଳଙ୍କୁ ୫୦୦୦ ଟଙ୍କା, ସମସ୍ତ ସେମି ଫାଇନାଲିଷ୍ଟ ଦଳଙ୍କୁ ୧୦ହଜାର ଟଙ୍କା, ବେଷ୍ଟ ବ୍ୟାଟସ୍ ମ୍ୟାନ, ବୋଲର, ଫିଲ୍ଡର, ଡିଶିପ୍ଲିନ ଟିମଙ୍କୁ କପ୍ ସହ ୧୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଉଦଯାପିତ ଉତ୍ସବକୁ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ, ବିଧାୟକ ଟଙ୍କଧର ତ୍ରିପାଠୀ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜ ସେବୀ ସଂଗ୍ରାମ କେଶରୀ ପାଇକରାୟ ଯୋଗଦେଇ ବିଜେତା ଦଳକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଏଭଳି ଏକ ଟୁର୍ଣ୍ଣାମେଣ୍ଟ ଏକାମ୍ରର ଖେଳାଳିମାନଙ୍କୁ ଏକ ନୂଆ ଉତ୍ସାହ ଉଦ୍ଦୀପନା ଦେବ।

● ଇଂଲଣ୍ଡ ଟି-୨୦ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା

# ଶାମି ଫେରିଲେ, ବାଦ୍ ପଡ଼ିଲେ ପନ୍ତ୍



ମୁମ୍ବାଇ,୧୧।୧: ଆସନ୍ତା ୨୨ରୁ ଘରୋଇ ମାଟିରେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ। ଏହି ସିରିଜ୍ ସକାଶେ ଆଜି ଭାରତୀୟ ଦଳ ଘୋଷଣା କରାଯାଇଛି। ଦଳକୁ ତାରକା ପେସର୍ ମହମ୍ମଦ ଶାମି ପ୍ରତ୍ୟାବର୍ତ୍ତନ କରିଥିବାବେଳେ ଷ୍ଟାଇଲିସ୍ ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ଋଷଭ ପନ୍ତଙ୍କୁ ଦଳରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ୱିକେଟ୍‌କିପର୍ ଭାବେ ସଞ୍ଜୁ ସାମ୍‌ସନ୍ ଓ ଧ୍ରୁବ ଜୁରେଲ୍‌ଙ୍କୁ ନିଆଯାଇଛି। ଶାମି ଗତ ୨୦୨୩ ଆଇସିସି ବିଶ୍ୱକପ୍ ପରେ ପ୍ରଥମ ଥର ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବେ। ୨୦୨୩ ନଭେମ୍ବର ୧୯ରେ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲ୍‌ରେ ଶାମି ଖେଳିବା ପରଠାରୁ ଆଘାତଜନିତ ସମସ୍ୟା ନେଇ ଟିମ୍‌ଠାରୁ ଦୂରେଇ ରହିଥିଲେ। ତେବେ ନିକଟରେ ସୟଦ୍ ମୁସ୍ତାକ୍ ଅଲୀ ଟି-୨୦ ଓ ବିଜୟ ହଜାରେ ଟ୍ରଫିରେ ଖେଳି ନିଜକୁ ଫିଟ୍ ସାବ୍ୟସ୍ତ କରିଥିଲେ। ସୂର୍ଯ୍ୟକୁମାର ଯାଦବଙ୍କୁ ଅଧିନାୟକ ଓ ଅଲ୍‌ରାଉଣ୍ଡର୍ ଅକ୍ଷର ପଟେଲ୍‌ଙ୍କୁ ଉପଅଧିନାୟକ ଦାୟିତ୍ୱ ଦିଆଯାଇଛି।

# ସୋଆରେ ଦୁଇଦିନିଆ ଆନ୍ତର୍ଜାତିକ ସମ୍ମିଳନୀ ଉଦ୍‌ଯାପିତ




ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ) : ମେଟାହ୍ୟୁରିଷ୍ଟିକ୍ ଆଲଗୋରିଥିମର ବ୍ୟବହାର କରି ଗବେଷଣା କ୍ଷେତ୍ରରେ କମ୍ ସମୟ ମଧ୍ୟରେ ସଠିକ୍ ଫଳାଫଳ ପାଇବା ସମ୍ଭବ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆୟୋଜିତ ଏକ ଦୁଇ ଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଠାରେ ଆୟୋଜିତ 'ଦ୍ୱିତୀୟ ଇଂଟରନ୍ୟାସନାଲ୍ କନ୍‌ଫରେନ୍ସ ଅନ୍ ମେଟାହ୍ୟୁରିଷ୍ଟିକ୍ ଇନ୍ ଇଞ୍ଜିନିୟରିଂ ଆଣ୍ଡ ଇଟ୍‌ସ ଆପ୍ଲିକେସନ୍ସ' (ମେଟାସଫ୍-୨୦୨୪) ଶନିବାର ଦିନ ଶେଷ ହୋଇଛି। ଆଇଟିଇଆର୍‌ର ଡିପାର୍ଟମେଣ୍ଟ ଅଫ୍ କମ୍ପ୍ୟୁଟର ଆପ୍ଲିକେସନ୍ ପକ୍ଷରୁ ହାଇବ୍ରିଡ ମୋଡରେ ଏହାର ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ଦେଶରୁ ଅନେକ ଜଣ ଅଧ୍ୟାପକ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଆଇଆଇଟି ଗୁଆହାଟୀର ପ୍ରଫେସର ଆର୍ଯ୍ୟବର୍ତ୍ତ ସାହୁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଚନ୍ଦ୍ରଶେଖର ପେରୁମାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସଭାପତିତ୍ୱ କରିଥିଲେ। ପ୍ରଫେସର ନନ୍ଦ ସୋଆ ବିଶ୍ୱବିଦ୍ୟାଳୟରେ ଗବେଷଣାକୁ ପ୍ରାଧାନ୍ୟତା ଦିଆଯାଉଛି ବୋଲି ପ୍ରକାଶ କରି ଏଠାରେ ଅନେକ ସଂଖ୍ୟାରେ ଆନ୍ତର୍ଜାତିକ ସମ୍ମିଳନୀ ଆୟୋଜନ କରାଯାଉଛି ବୋଲି କହିଥିଲେ। ଏହି ଅବସରରେ ଆଇଟିଇଆର୍‌ର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ, କମ୍ପ୍ୟୁଟର ଆପ୍ଲିକେସନ୍ ବିଭାଗର ମୁଖ୍ୟ ପ୍ରଫେସର ଭାରତୀ ଦାସ, ପ୍ରୋଗ୍ରାମ ଚେୟାର ପ୍ରଫେସର ବିଚିତ୍ରାନନ୍ଦ ପାତ୍ର ଓ ସମ୍ମିଳନୀର ଆବାହକ ପ୍ରଫେସର ଦେବବ୍ରତ ସିଂହ ବକ୍ତବ୍ୟ ରଖିଥିଲେ। ଦ୍ୱିତୀୟ ଦିନ ସମ୍ମିଳନୀରେ ଏନ୍‌ଆଇଟି ରାଉରକେଲାର ପ୍ରଫେସର ବିଭୂତଭ ସାହୁ, ନାଗାଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଜାତା ଦାଶ ଓ କୋସୋଭୋ ସ୍ଥିତ ରୋଚେଷ୍ଟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ପ୍ରଫେସର ଦେବବ୍ରତ ସାମନ୍ତ ବକ୍ତୃତା ଦେଇଥିଲେ। ଏଥିରେ ସୋଆ ଏଡ୍‌ମାଆଇସି ଡିନ୍ ପ୍ରଫେସର ପି.କେ. ପାତ୍ର ଅଧ୍ୟକ୍ଷତା କରିଥିଲେ।

# ଶ୍ରମିକଙ୍କ ମଜୁରି ଖାଇଗଲେ ଫରେଷ୍ଟର

ରାଇଘର, ୧୧।୧ (ସଂଚାର ବ୍ୟୁରୋ): ରାଇଘର ରେଞ୍ଜ ଗୋନା ବନାଞ୍ଚଳରେ ବନୀକରଣ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମଜୁରି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଫରେଷ୍ଟର ନିଜେ ଏହି ଅନିୟମିତତା କରିଥିବା ନେଇ ହଳଦୀ ପଞ୍ଚାୟତ ବଦଳୀବାହାଲି, ଡଙ୍ଗରିହିପାରା ଓ କଣ୍ଡାଡଗ୍ରି ଗାଁର ଶ୍ରମିକମାନେ ଅଭିଯୋଗ କରିଛନ୍ତି। ବନୀକରଣ କାମରେ ଲାଗିଥିବା ଶହେରୁ ଅଧିକଙ୍କ ମଜୁରି ଆଜିପର୍ଯ୍ୟନ୍ତ ମିଳି ନଥିବା ଶ୍ରମିକ ମୋତିରାମ ଗଣ୍ଡ, ଧନୁରାମ ଗଣ୍ଡ, ଚଇତୁ ଗଣ୍ଡ, କର୍ଣ୍ଣାନାଥ ଗଣ୍ଡ, ସୁକରମ ଗଣ୍ଡ, ଚରଣସିଂ ପ୍ରମୁଖ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଶ୍ରମିକଙ୍କ କହିବା ପ୍ରକାରେ ୨୦୨୩ ଜୁଲାଇରେ ହାତୀଗାଁ ସଂରକ୍ଷିତ ଜଙ୍ଗଲର



କଡ଼ବଡ଼ି ଗାଁରେ ୬ ହେକ୍ଟର ଜଙ୍ଗଲରେ ବନୀକରଣ ପାଇଁ ଗାତ ଖୋଳିବା, ତାରା ଯୋଗଣ, ଜାଗା ସଫା କରିବା ସହିତ ୪ଟି ଗ୍ରାକ୍ଟରରେ ତାରା ଅଣାଯାଇଥିଲା। ଏଥିପାଇଁ ୪ ଲକ୍ଷ ୪୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଜଣଙ୍କୁ ମଧ୍ୟ ମଜୁରି ଟଙ୍କା ଦିଆଯାଇ ନାହିଁ। ତୁରନ୍ତ ମଜୁରି ଟଙ୍କା ପ୍ରଦାନ କରାନଗଲେ ବନ ବିଭାଗ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ଶ୍ରମିକମାନେ ଚେତାବନ ଦେଇଛନ୍ତି। ସୂଚନାଥାଉକି, ଗୋନା ବନାଞ୍ଚଳ ପରୀକ୍ଷଣ ବାଗାଶ ନର୍ସରୀରୁ ଲକ୍ଷାଧିକ ଟଙ୍କାର ବାଉଁଶ କାଟି ଚୋରାରେ ବିକ୍ରି କରିଥିବା ଅଭିଯୋଗ ପାଇବା ପରେ ଡିଏଫଓ ଶୁଭେନ୍ଦୁପ୍ରସାଦ ବେହେରା ତଦନ୍ତ କରିଥିଲେ। ଗତ ୩ ତାରିଖରେ ଗୋନା ଫରେଷ୍ଟର କାମାକ୍ଷାପ୍ରସାଦ ସ୍ୱାଇଁ ଓ ଗାର୍ଡ ହରେକୃଷ୍ଣ ନାୟକଙ୍କୁ ନିଲମ୍ବିତ କରାଯାଇଥିଲା। ଏବେ ସମାନ ଅଞ୍ଚଳରେ ବନୀକରଣ କାମରେ ମନରେଗା ଓ କାମ୍ପା ଯୋଜନାର ଅନୁଦାନକୁ ସମ୍ପୂର୍ଣ୍ଣ ଫରେଷ୍ଟର ଡକୁ କରିଥିବା ଅଭିଯୋଗ ପାଇବା ପରେ ଡିଏଫଓ ଶ୍ରୀ ବେହେରାଙ୍କ ନିର୍ଦ୍ଦେଶରେ ତଦନ୍ତ କମିଟି ଗଠନ କରାଯାଇଛି। ଏସିଏଫଓ ଦିବ୍ୟମଧୁରା ସେଠୀଙ୍କ ନେତୃତ୍ୱରେ ଡେପୁଟି ରେଞ୍ଜର ଅସିତକୁମାର ସାହୁ, ଫରେଷ୍ଟର ଅତୁଲ ବୈରାଗୀ ପ୍ରମୁଖଙ୍କ ଏହି ନୂତନ ଟିମ୍ ସମ୍ପୃକ୍ତ ଅଞ୍ଚଳକୁ ଗସ୍ତକରି ୩ ଦିନ ଧରି ତଦନ୍ତ କରି ଫେରିଛନ୍ତି। ରିପୋର୍ଟ ପ୍ରଦାନ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫଓ କହିଛନ୍ତି।

## ଜିଲ୍ଲାସ୍ତରୀୟ ପ୍ରବାସୀ ଦିବସ ପାଳିତ

ନବରଙ୍ଗପୁର, ୧୧।୧ (ସଂଚାର ବ୍ୟୁରୋ) : ସ୍ଥାନୀୟ ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନ ପରିସରରେ ଜିଲ୍ଲାସ୍ତରୀୟ ପ୍ରବାସୀ ଭାରତୀୟ ଦିବସ ପାଳିତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ପୌରାଧ୍ୟକ୍ଷ କୁନୁ ନାୟକ, ମୁଖ୍ୟବକ୍ତା ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱରଚନ୍ଦ୍ର ନାୟକ, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ଡ.ରେଶମଲାଲ ନାୟକ, ଡିପିଆରଓ ମନୋଜକୁମାର ବେହେରା, ଡିଆଇଇଟି ଅଧ୍ୟକ୍ଷ ଅରବିନ୍ଦ ମଣ୍ଡେଲ, ବିଇଓ ରମେଶଚନ୍ଦ୍ର ରାୟ, ସୁପ୍ରିୟା ନାୟକ, ଜଗନ୍ନାଥ ଧନୁଆ, ଶୁଭେନ୍ଦୁ ମଣ୍ଡଳ, ବିକାଶ ସରକାର, ସୌମେନ୍ଦ୍ର ଭୌମିକ, ଈଶ୍ୱର ମାଝୀ, ଚିତ୍ତରଞ୍ଜନ ପଟ୍ଟନାୟକ, ଜିଲ୍ଲା ସଂଯୋଜକ ଜଗଦାନନ୍ଦ ସୁନାରୀ, ପ୍ରମୁଖ ଯୋଗଦେଇ ପ୍ରବାସୀ ଭାରତୀୟ ଦିବସର ପ୍ରାସଙ୍ଗିକତା ସମ୍ପର୍କରେ କହିଥିଲେ। ପରେ ଉଦ୍‌ଯାପନୀ ଦିବସରେ ବିଭିନ୍ନ ପ୍ରତିଯୋଗିତାର କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗୁପ୍ତପ୍ରସାଦ ନାଗ ପରିଚାଳନା କରିଥିଲେ।

## ବାଲିଅନ୍ତାରେ ୩ ଧାନମଣ୍ଡି ଆରମ୍ଭ



ବାଲିଅନ୍ତା, ୧୧।୧ (ସଂଚାର ବ୍ୟୁରୋ) : ଆଜି ବାଲିଅନ୍ତା ବ୍ଲକ ଅଞ୍ଚଳରେ ସତ୍ୟଭାମାପୁର ସେବା ସମବାୟ ସମିତି, ଝିଙ୍କିଶାସନ ସେବା ସମବାୟ ସମିତି ଓ ପ୍ରତାପଶାସନ ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ସତ୍ୟଭାମାପୁର ଧାନମଣ୍ଡିକୁ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଖଟୁଆ, ୧୭ ନମ୍ବର ଜିଲ୍ଲା ପରିଷଦ ସଭ୍ୟ କୁନ୍ମୁନ ଲେଙ୍କା, ୧୬ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମହେଶ୍ୱର ଦାଶ, ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ପୂର୍ବତନ ସଭାପତି ଅଚ୍ୟୁତାନନ୍ଦ ପାତ୍ର, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ସଦସ୍ୟ ବିପିନି ପାତ୍ର ଓ ଦିଲ୍ଲୀପ କୁମାର ମାର୍ଥା ଉପସ୍ଥିତ ଥିଲେ। ମଣ୍ଡିରେ ୨ ଜଣ ଚାଷୀଙ୍କ ଠାରୁ ଦେଢ଼ ଶହ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ପ୍ରତାପଶାସନ ସେବା ସମବାୟ ସମିତିରୁ ୯ ଜଣ ଚାଷୀଙ୍କ ଠାରୁ ୪୬୦ କ୍ୱିଣ୍ଟାଲ ଧାନ କିଣାଯାଇଥିଲା। ସମିତି ସଭାପତି ନଳିନୀକାନ୍ତ ମହାପାତ୍ର, ପ୍ରତାପ ଶାସନ ସମିତି ସଭ୍ୟ ଗଙ୍ଗାଧର ମାହାରି, ରାଜସ୍ୱ ନିରୀକ୍ଷକ ସୁଜିତ ବେହେରା, ବେଣୁଧର ଭୋଇ, ରବିନ୍ଦ୍ର ବାରିକ, ଉମାଦେଷ୍ଟ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ, ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ବିଜୟ ସାହୁ, ପ୍ରକୃତିବନ୍ଧୁ ଦାନବନ୍ଧୁ ଭୋଇ ଏବଂ ଉପ ସହକାରୀ ନିବନ୍ଧକ ଅମୀୟ ଖୁଣ୍ଟିଆଙ୍କ ସମେତ ରାଜସ୍ୱ ନିରୀକ୍ଷକ ସୁଜିତ କୁମାର ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡି ଉଦଘାଟନ କରିଥିଲେ। ଝିଙ୍କିଶାସନ ସେବା ସମବାୟ ସମିତିରେ ପୁରୋହିତପୁର ସରପଞ୍ଚ ଭଗବାନ ବେହେରା, ଝିଙ୍କିଶାସନ ସରପଞ୍ଚ ଅଜିତ କୁମାର ପାତ୍ର ଓ ସଭାପତି ବିଜୟ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଣ୍ଡି ଉଦଘାଟନ କରିଥିଲେ। ମଣ୍ଡିରୁ ୫ ଶହ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ସଂପାଦକ ସାଗର ସୁବ୍ରରାୟ, ମୋନିକା ମହାନ୍ତି ଓ ଭାଗ୍ୟଧର ମହାନ୍ତି ମଣ୍ଡି ପରିଚାଳନା କରିଥିଲେ।

## ଚନ୍ଦ୍ରଭାଗା କବିତା ଉତ୍ସବ ଉଦ୍‌ଘାଟିତ




କୋଣାର୍କ, ୧୧।୧ (ସଂଚାର ବ୍ୟୁରୋ) : ଶନିବାର ପୂର୍ବାହ୍ନରେ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ, ଇନ୍‌ଷ୍ଟିଚ୍ୟୁଟ ଅଫ ନଲେଜ ସୋସାଇଟ, ଇଣ୍ଡିଆନ ନଲେଜ କଲେକ୍ଟିଭ ପକ୍ଷରୁ ଏକାଦଶ ଚନ୍ଦ୍ରଭାଗା କବିତା ଉତ୍ସବ ଉଦଘାଟିତ ହୋଇଛି। ଏହି ଉତ୍ସବରେ ଅତିଥିଭାବେ ବିଶିଷ୍ଟ ଚିତ୍ରକର ଯତୀନ ଦାଶ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଅରୁଣ କମଲ, ପ୍ରଖ୍ୟାତ ତେଲୁଗୁ କବି ଯାକୁବ,ମାଲୟଲାମ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ଇ ଭି ରାମକୃଷ୍ଣନ, ଉର୍ଦ୍ଦୁ କବି ଓ ଚିତ୍ରକର ଜୟନ୍ତ ପରାମାର, ନେପାଳର ବିଶିଷ୍ଟ କବି ୟୁୟୁତ୍ସୁ ଶର୍ମା, ତେଲୁଗୁ ଆଦିବାସୀ ଯୁବ କବି ରମେଶ କାର୍ତ୍ତିକ ନାୟକ, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଭିସି ସୁପ୍ରିୟା ପଟ୍ଟନାୟକ, ପଶ୍ଚିମବଙ୍ଗର ବିଶିଷ୍ଟ କବି ପ୍ରବାଳ ବାସୁ,ତାମିଲ କବି ସଲମା, ବିଶିଷ୍ଟ ଇଂରାଜୀ କବି ଅଶ୍ୱିନୀ କୁମାର ପ୍ରମୁଖ ଯୋଗଦେଇଥିଲେ। ଜର୍ମାନୀ, ଆମେରିକା,କାମେରୁନ ଦେଶ ସମେତ ଭାରତର ବିଶିଷ୍ଟ କବି ଓ କବୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଇଂରାଜୀ, ଓଡ଼ିଆ କବିତା, ଭାରତୀୟ କବିତା, ଦଳିତ ଆଦିବାସୀ କବିତା, ପ୍ରେମ କବିତା, ସମସାମୟିକ, ମହିଳା କବିତା ଓ ଓଡ଼ିଆ କବିତା ଆଦି ସ୍ଥାନ ପାଇଥିଲା। ପ୍ରଥମ ପର୍ଯ୍ୟାୟରେ କବିତା ପାଠ ଓ ଭାରତୀୟ କବିତାର ଧାରା, ମହିଳା କବିତା ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଓ ଇଂରାଜୀ କବିତା ପଠନ ହୋଇଥିଲା। ୧୨ଟି କବିତା ଉନ୍ମୋଚନ ହେଲା। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଚନ୍ଦ୍ରଭାନୁ ପଟ୍ଟନାୟକ, ଅଶ୍ୱିନୀ କୁମାର,ସରୋଜ ମହାନ୍ତି, ସଞ୍ଜୋଗିତା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ବେଆଇନ ବାଲି ଉତ୍ତୋଳନ ବେଳେ ପ୍ରଶାସନର ଚଢ଼ାଉ

ବାଲିଆପାଳ, ୧୧।୧ (ସଂଚାର ବ୍ୟୁରୋ) : ବାଲିଆପାଳ ବ୍ଲକରେ ଦିନକୁ ଦିନ ବାଲି ମାଫିଆଙ୍କ ବେଆଇନ ବାଲି ଉତ୍ତୋଳନ ବଢ଼ିବାରେ ଲାଗିଛି। ଗୁରୁବାର କଙ୍କଡାପାଳ ନିକଟରୁ ସରକାରୀ ଜାଗାରେ ଜେସିବି ଏବଂ ଟ୍ରାକ୍ଟର ସାହାଯ୍ୟରେ ଶହଶହ ବାଲି ବୁହା ଯାଉଥିଲା। ଖବର ପାଇ ବାଲିଆପାଳ ତହସିଲଦାର ସାଉଣ୍ଟୀ ଲୋକନାଥ ପ୍ରଶାସନ ସେଠିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ସୁବ୍ରତ ପାତ୍ର ଏବଂ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଥିଲେ। କେସ ନଂ ୯ ଅନୁଯାୟୀ ଜେସିବି ନଂ-ଓଡ଼ିଶା ୦୧ବି ୩୧୬୭୦୪କୁ ଜାମକୁଣ୍ଡା ଫାଣ୍ଡିରେ ଅଟକ ରଖାଯାଇଛି।




# ଦୟନୀୟ ଅବସ୍ଥାରେ କଣିପଡ଼ା-କଣ୍ଟୁଣିଆ ରାସ୍ତା

ନାଉଗାଁ, ୧୧।୧ (ସଂଚାର ବ୍ୟୁରୋ): ନାଉଗାଁ ବ୍ଲକ ଅନ୍ତର୍ଗତ କଣିପଡ଼ାରୁ କଣ୍ଟୁଣିଆହାଟ ପର୍ଯ୍ୟନ୍ତ ରାସ୍ତାଟି ଏବେ ଦୟନୀୟ ଅବସ୍ଥାରେ ରହିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ତିନି କିଲୋମିଟର ରାସ୍ତା ଅମିଲାପାରି ନିକଟରୁ କଣ୍ଟୁଣିଆ ବଜାର ପର୍ଯ୍ୟନ୍ତ ରାସ୍ତା ଉଭୟ ପାର୍ଶ୍ୱରେ ବଡ଼ବଡ଼ ଗାତ ସୃଷ୍ଟି ହୋଇଥିବାରୁ ସାଧାରଣ ଲୋକ ମାନଙ୍କ ପାଇଁ ଏହି ରାସ୍ତାରେ ଯାତାୟାତ କରିବାରେ ବଡ଼ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଅନ୍ୟପଟେ କଣିପଡ଼ା ସରକାରୀ ବହୁବୃତ୍ତିଶିକ୍ଷାନୁଷ୍ଠାନ, କଣ୍ଟୁଣିଆହାଟ ଉଚ୍ଚ ବିଦ୍ୟାଳୟ, ସରକାରୀ ହୋମିଓପାଥିକ ଚିକିତ୍ସାଳୟ, ଫକୀରମୋହନ



ପାଠାଗାର, କଣ୍ଟୁଣିଆହାଟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ଏହି ରାସ୍ତାର ଗୁରୁତ୍ୱ ରହିଛି। ଏଥିସହିତ ପ୍ରତି ସପ୍ତାହରେ ଦୁଇଦିନ କଣ୍ଟୁଣିଆ ବଜାରରେ ହାଟ ବସୁଥିବା ବେଳେ ଆଖପାଖ ଅଞ୍ଚଳର ଜନସାଧାରଣ ମଧ୍ୟ ହାଟକୁ ଯିବାପାଇଁ ଏହି ରାସ୍ତା ଉପରେ ନିର୍ଭରଶୀଳ ଅଟନ୍ତି। ଏହି ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରାଯିବାକୁ ସାଧାରଣରେ ଦାବି ହୋଇଛି।

## ଅମୂଲ୍ୟଙ୍କ ପରିବାରକୁ ନୂତନ ପ୍ରୟାସ ଫାଉଣ୍ଡେସନର ସହାୟତା

ବାଲିଅନ୍ତା, ୧୧।୧ (ସଂଚାର ବ୍ୟୁରୋ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଭିଙ୍ଗାରପୁର ପଞ୍ଚାୟତର ଗୁଆବାଡ଼ି ଦଳିତ ସାହିର ଅମୂଲ୍ୟ ଭୋଇ ଯିଏକି କ୍ୟାନ୍‌ସରରେ ପୀଡ଼ିତ ହୋଇ ମୃତ୍ୟୁ ବରଣ କରିଥିବା ଖବର ପାଇ ଅମୂଲ୍ୟ ଭୋଇଙ୍କ ପରିବାରକୁ ନୂତନ ପ୍ରୟାସ ଫାଉଣ୍ଡେସନ ତରଫରୁ ଫାଉଣ୍ଡର ଗୌରୀ ସାମଲଙ୍କ ନେତୃତ୍ୱରେ, ବିକାଶ, ଜ୍ଞାନ, ସୁଲୋଚନା, ରାକେଶ, ସୁଧୀର, ସଞ୍ଜୟ, ବିଜୟ, ଦିଲ୍ଲୀପ, ପ୍ରମୋଦ କୁମାର ବେହେରାଙ୍କ ସହ ସୁକାନ୍ତ ଭୋଇ ଏକ ମାସର ରାସନ୍ ସାମଗ୍ରୀ ସହ ନୂତନ ବସ୍ତ୍ର, ଶୀତ ବସ୍ତ୍ର ଏବଂ କିଛି ଆର୍ଥିକ ସହାୟତା ରାଶି ଜୟଦେବ ନ୍ୟୁଜ୍‌ର ସମ୍ପାଦକ ଗଗନ ଭୋଇଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ଯଦି ଆଗକୁ କିଛି ସାହାଯ୍ୟ ଦରକାର ପଡେ ଆମକୁ ସୂଚନା



ଦେବେ ଆମେ ନିଶ୍ଚିତ ସହଯୋଗର ହାତ ବଢ଼ାଇବୁ ବୋଲି ସୂଚନା ଦେଇଛନ୍ତି ଫାଉଣ୍ଡର ଗୌରୀ ସାମଲ।

## ଓଲାଶୁଣୀ ପାହାଡ଼ ବୁଲି ଦେଖିଲେ ବିଧାୟକ ଓ ଅଧିକାରୀ

ବାଲିଚନ୍ଦ୍ରପୁର, ୧୧।୧ (ସଂଚାର ବ୍ୟୁରୋ) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତରେ ଅବସ୍ଥିତ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଲାଶୁଣୀ ପୀଠର ମହାନ ସନ୍ଥ ସାଧକ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ଚଳିତ ମାସ ୨୫ ତାରିଖ ଦିନ ପଡୁଥିବାରୁ ଏହିପୂର୍ବରୁ ବଡ଼ଚଣା ବିଧାୟକ ଅମର କୁମାର ନାୟକ ପ୍ରଶାସନିକ ଅଧିକାରୀ ମାନଙ୍କୁ ସାଙ୍ଗରେ ନେଇ ପାହାଡ଼ର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ପୂର୍ବପଟେ କିପରି ଉନ୍ନତିକରଣ ହୋଇପାରିବ ସେଥିନେଇ ସ୍ଥାନୀୟ ପଞ୍ଚାୟତବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଶ୍ରୀ ନାୟକ ମା'ଙ୍କ ନିକଟରେ ମେଳା ସମୟରେ ହଜାର ହଜାର ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସେଠାରେ ଭୋଜନ ମଣ୍ଡପ, କମ୍ୟୁନାଲ ଶୌଚାଳୟ, ମା'ଙ୍କ ନିକଟରୁ ତଳ ରାସ୍ତାଟି କିପରି ପକ୍କିମ ପଟ ମୁଖ୍ୟ ରାସ୍ତାରେ ସଂଯୋଗ ହେବ ତାହାର ଉନ୍ନତିକରଣ, ପୁଷ୍କରଣୀ ନିର୍ମାଣ ଓ ତାହାର ସୌନ୍ଦର୍ଯ୍ୟକରଣ ଏବଂ ମା'ଙ୍କ ପ୍ରବେଶ ପଥରେ ଖୁବ ଶୀଘ୍ର ଏକ ତୋରଣ ଗେଟ କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ପରେ ପାହାଡ଼ର ମଧ୍ୟ ଭାଗରେ ଥିବା ପର୍ଯ୍ୟଟନ ଡାକବଙ୍ଗଳା



ନିକଟକୁ ଯାଇ ସେଠାରେ ନିର୍ମାଣଧିନ ପାନୀୟ ଜଳ ବୋରିଂ ଦେଖିବା ସହ ପାହାଡ଼ର ଶୀର୍ଷଦେଶକୁ କିପରି ମେଳା ପୂର୍ବରୁ ପାନୀୟ ଜଳ ଯୋଗାଇଦିଆଯିବ ସେଥିନେଇ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପାହାଡ଼ର ଶୀର୍ଷଦେଶରେ ସନ୍ଥ ଅରକ୍ଷିତ ଦାସଙ୍କର ସମାଧି ମନ୍ଦିରରେ ପହଞ୍ଚି ଆଶିର୍ବାଦ ନେବା ପରେ ପୀଠ ପରିଚାଳନା ମହନ୍ତ ଡ଼ଃ.ନାମାନନ୍ଦ ଦାସ ବିଧାୟକଙ୍କୁ ପୀଠ ଚାରିପଟ ବୁଲାଇ ବିଭିନ୍ନ ସମସ୍ୟା ସମ୍ପର୍କିତ ଦୃଷ୍ଟି ଆକର୍ଷଣ କରିଥିଲେ। ଓଲାଶୁଣୀ ପୀଠର ଉନ୍ନତିକରଣ ପାଇଁ ବିଧାୟକଙ୍କର ସ୍ୱତନ୍ତ୍ର ପରିକଳ୍ପନା ରହିଛି ବୋଲି ଜଣାପଡ଼ିଛି।

## ପ୍ରଦୂଷଣ ଦୂରୀକରଣ ଉପରେ ସୋଆରେ ନୂତନ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ) : ପୃଥିବୀରେ ପ୍ରଦୂଷଣ ଦୂରୀକରଣ ନିମନ୍ତେ ଅନେକ ବୈଜ୍ଞାନିକ ପଦ୍ଧତିର ପ୍ରୟୋଗ କରାଯାଉଛି। ମାତ୍ର ଏଗୁଡ଼ିକ ଅତ୍ୟଧିକ ବ୍ୟୟସାପେକ୍ଷ। ଏଣୁ ଖର୍ଚ୍ଚ ଏହି ପଦ୍ଧତିଗୁଡ଼ିକ ବ୍ୟବହାର କରିବା ଫଳରେ ପ୍ରଦୂଷଣ ବୃଦ୍ଧି ପାଇବା ମଧ୍ୟ ଲକ୍ଷ୍ୟ କରାଯାଉଛି। ମାତ୍ର ଗବେଷକମାନେ ଅନୁଭବ କରୁଛନ୍ତି ଯେ ଉଦ୍ଭିଦକୁ ବ୍ୟବହାର କରି 'ଫାଇଟୋରେମେଡିଏସନ୍' ନାମକ ପଦ୍ଧତି ଏହି ପ୍ରଦୂଷଣ ଦୂରୀକରଣରେ ସାହାଯ୍ୟ କରିପାରିବ। ଏହି ପଦ୍ଧତି ଅଧିକ ଲାଭଦାୟକ ହେବ ବୋଲି ସେମାନେ ମନେ କରୁଛନ୍ତି। ଏହି ପ୍ରସଙ୍ଗ ଉପରେ ଲିଖିତ ଏକ ପୁସ୍ତକ 'ସଷ୍ଟେନେବଲ ମ୍ୟାନେଜମେଣ୍ଟ ଅଫ୍ ଏନ୍‌ଭାଇରନ୍‌ମେଣ୍ଟାଲ ପଲ୍ୟୁଟାଣ୍ଟସ ଥ୍ରୁ ଫାଇଟୋରେମେଡିଏସନ୍' କୁ ନିକଟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକଟି ୪ ଜଣ ଗବେଷକଙ୍କ ଦ୍ୱାରା ଅନୁଦିତ ହୋଇଛି। ଏହି ଗବେଷକଙ୍କ ମଧ୍ୟରୁ ସୋଆ ବିଶ୍ୱବିଦ୍ୟାଳୟରେ ଗବେଷଣା କରୁଛନ୍ତି। ସେମାନେ ହେଲେ



ଇନ୍‌ଷ୍ଟିଚ୍ୟୁଟ ଅଫ୍ ହେଲ୍‌ଥ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲର ମେଡିକାଲ ରିସର୍ଚ୍ଚ ବିଭାଗର ଆସିଷ୍ଟାଂଟ ପ୍ରଫେସର ଡକ୍ଟର ଦତ୍ତାତ୍ରେୟ କର ଓ ସେଂଟର ଫର ବାୟୋଟେକ୍ନୋଲୋଜିର ଆସିଷ୍ଟାଂଟ ପ୍ରଫେସର ଡକ୍ଟର ଅନନ୍ୟା କୁଅଁରା। ଅନ୍ୟ ଦୁଇଜଣ ଗବେଷକ ହେଲେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆସିଷ୍ଟାଂଟ ପ୍ରଫେସର ଡକ୍ଟର ଆଲୋକ ପ୍ରସାଦ ଦାସ ଓ ଗବେଷକ ଓ ଲେଖକ ଡକ୍ଟର ମଲ୍ଲିନ ପି. ସାହ। ପୁସ୍ତକ ଉନ୍ମୋଚନ ବେଳେ ଡକ୍ଟର ଦତ୍ତାତ୍ରେୟ କର ଓ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡକ୍ଟର) ସଂଘମିତ୍ରା ମିଶ୍ର ଉପସ୍ଥିତ ଥିଲେ।

## ଅପର୍ଣ୍ଣା ଦାଶଙ୍କ 'ନୀଳଚକ୍ର' ଉନ୍ମୋଚିତ




ଭୁବନେଶ୍ୱର, ୧୧।୧ (ସଂଚାର ବ୍ୟୁରୋ) : ସ୍ଥାନୀୟ ମଦର୍ସ ପବ୍ଲିକ ସ୍କୁଲରେ ଆୟୋଜିତ ତ୍ରୟୋଦଶ ବାର୍ଷିକ ଅନନ୍ୟା ମହୋତ୍ସବରେ ଯାଜପୁରର ଶିକ୍ଷୟିତ୍ରୀ, ସୁସାହିତ୍ୟିକା, ସମାଜସେବୀ ଅପର୍ଣ୍ଣା ଦାଶଙ୍କ ପୁସ୍ତକ 'ନୀଳଚକ୍ର' ଉନ୍ମୋଚିତ ହୋଇଛି। ଉତ୍ସବର ମୁଖ୍ୟ ବୌଦ୍ଧିକ ମଞ୍ଚ ସଭାରେ ସୁସାହିତ୍ୟିକ ଡଃ ନାରାୟଣ ଚନ୍ଦ୍ର ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ପୂର୍ବତନ ସାଂସଦ ଡଃ ପ୍ରସନ୍ନ ପାଟଶାଣୀ ଉଦ୍‌ଘାଟକ, ସମାଜସେବୀ ତଥାଶିକ୍ଷାବିତ୍ ସାହିତ୍ୟିକ ଶରଧର ପଣ୍ଡା ମୁଖ୍ୟ ଅତିଥି, ସଂସ୍କୃତି କଳା ପରିଷଦ ଓଡ଼ିଶା ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ନିର୍ବାଚନ ସହ ଶାସନ ସଚିବ ପ୍ରମୋଦ କୁମାର ସାହୁ, ସହ ପ୍ରତିରକ୍ଷି ନୃସିଂହ ଚରଣ ସେନାପତି ବିଶିଷ୍ଟ ଅତିଥି, ହାଟକ୍ରିହି ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ମୁଖ୍ୟ ବକ୍ତା ଓ ପୂର୍ବତନ ସହକାରୀ ଜାଜପୁର ଡଃ ଅଲେଖ ପ୍ରସାଦ ମହାରଣା, ଅଧ୍ୟାପିକା ପୁଷ୍ପିତା ପାଢ଼ି, ଶିକ୍ଷାବିତ୍ ଅପର୍ଣ୍ଣା ଦାଶ, ଶିକ୍ଷାବିତ୍ ରମେଶ ଟାକ୍ରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ହୋତା, ନିର୍ଦ୍ଦେଶକ ଚନ୍ଦନ ମହାପାତ୍ର, ବିଶ୍ୱରଞ୍ଜନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଭାରେ ଶ୍ରୀମତୀ ଦାଶଙ୍କୁ ଅନନ୍ୟା କବି କାଞ୍ଚନ ସମ୍ମାନ ପ୍ରଦାନ କରାଯାଇଛି।

# କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ 'ଯଶସ୍ୱିନୀ'

ଖୋର୍ଦ୍ଧା, ୧୧।୧ (ସଂଚାର ବ୍ୟୁରୋ) : ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଏବଂ ଆକ୍ସନ ଏଡ଼ର ମିଳିତ ଉଦ୍ୟମରେ ଆଜି କ୍ଷେତ୍ର ମୁଖ୍ୟ ଚିକିତ୍ସାଳୟ ଠାରେ କିଶୋରୀ ମାତୃତ୍ୱ ପରାମର୍ଶ କାର୍ଯ୍ୟକ୍ରମ "ଯଶସ୍ୱିନୀ" ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ଚଞ୍ଚଳ ରାଣା ଯୋଗଦେଇ କହିଥିଲେ ସମସ୍ତ କିଶୋରୀ ମା ମାନେ ଆମ ପରିବାରର ସଦସ୍ୟ ଏବଂ ଯଦି କୌଣସି ମା ଆଗକୁ ପାଠ ପଢ଼ିବା କିମ୍ବା କୌଣସି ପ୍ରକାରର ଧନ୍ଦାମୂଳକ ଶିକ୍ଷା ଗ୍ରହଣ କରିବାରେ ଇଚ୍ଛା ପ୍ରକାଶ କରନ୍ତି ସେମାନଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରାଯିବ। ସମ୍ମାନୀୟ ଅତିଥି ଭାବରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ ଯୋଗଦେଇ କହିଥିଲେ ଜିଲ୍ଲାରେ କିପରି ଭାବରେ ଏହି କାର୍ଯ୍ୟକ୍ରମକୁ ଆଗକୁ ନିଆଯାଇପାରିବ ସେ ବିଷୟରେ ନିଜର ମତ ପ୍ରକାଶ କରିଥିଲେ। ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆକ୍ସନ ଏଡ଼ର ଜାତୀୟ କାର୍ଯ୍ୟକ୍ରମ ମୁଖ୍ୟ ଘାସିରାମ ପଣ୍ଡା କିଶୋରୀ ଗର୍ଭବତୀ ଉପରେ ସମ୍ପୂର୍ଣ୍ଣ ବିବରଣୀ




ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇସିଡିଏସ୍ ପ୍ରୋଜେକ୍ଟର ୧୩୩ ଜଣ କିଶୋରୀ ମା ଓ କିଶୋରୀ ଗର୍ଭବତୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କିଶୋରୀ ମା ଓ କିଶୋରୀ ଗର୍ଭବତୀ ମାନଙ୍କୁ ସ୍ୱାସ୍ଥ୍ୟ ଟିମ୍, ମାନସିକ ପରାମର୍ଶ ଟିମ ଏବଂ ଶିକ୍ଷା, ଜୀବିକା ଓ ସାମାଜିକ ନିରାପତ୍ତା ଟିମ ଆଗରେ ସେମାନଙ୍କର ସ୍ୱାମୀଙ୍କ ସହ ଉପସ୍ଥାପନ କରାଯାଇଥିଲା। ସମସ୍ତ କିଶୋରୀ ମା ଓ କିଶୋରୀ ଗର୍ଭବତୀ ମାନଙ୍କୁ ସ୍ୱାସ୍ଥ୍ୟ ଚିକିତ୍ସା କରାଯିବା ସହିତ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଅବଗତ କରାଯାଇଥିଲା। ଏହା ସହିତ ସେମାନଙ୍କୁ ଧନ୍ଦା ମୂଳକ ଶିକ୍ଷା ଓ ଅଧାରୁ ପାଠ ଛାଡି ଥିବା କିଶୋରୀ ମା ମାନଙ୍କୁ ରାଜ୍ୟ ଶିକ୍ଷା ମୁକ୍ତ ବିଦ୍ୟାଳୟରେ ପାଠ ପଢ଼ିବା ପାଇଁ ପରାମର୍ଶ ଦିଆଯିବା ସହ ପରିବାର ନିୟୋଜନ ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ , ଜିଲ୍ଲାଶ୍ରମ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ବିଭାଗର କର୍ମକର୍ତ୍ତା, ଖୋର୍ଦ୍ଧା ସିଡିପିଓ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆକ୍ସନ ଏଡ଼ର ବାଲ୍ୟ ବିବାହ ନିରାକରଣ ଜିଲ୍ଲା

## ଶିବ ମନ୍ଦିରରୁ ରୁପା ମୁକୁଟ ଓ ହୁଣ୍ଡିରୁ ଟଙ୍କା ଚୋରି ଅଭିଯୋଗ

କୁଜଙ୍ଗ, ୧୧।୧ (ସଂଚାର ବ୍ୟୁରୋ) : ପାରାଦୀପ ଲକ ଥାନା ଅନ୍ତର୍ଗତ ଭୂତମୁଣ୍ଡାଇ ଗ୍ରାମର ମଂତେଶ୍ୱର ମହାଦେବ ମନ୍ଦିର ଓ ମା ମଙ୍ଗଳା ମନ୍ଦିର ରୁ ରୁପା ମୁକୁଟ ଓ ହୁଣ୍ଡିରୁ ନଗଦ ଅର୍ଥ ଚୋରି ହୋଇଥିବା ନେଇ ପୂଜକ ଶ୍ରୀକାନ୍ତ ପଣ୍ଡା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପୂଜକ ଶ୍ରୀଯୁକ୍ତ ପଣ୍ଡା ସବୁଦିନ ପରି ଗତ ୮ ତାରିଖ ଦିନ ସକାଳ ଓ ସନ୍ଧ୍ୟାରେ ପୂଜାସାରି ଘରକୁ ଫେରିଥିଲେ। ମାତ୍ର ପରଦିନ ସକାଳେ ପୂଜା କରିବାକୁ ମନ୍ଦିର ଖୋଲିବା ପରେ ମଂତେଶ୍ୱର ମହାଦେବ ମନ୍ଦିରରେ ଶିବ,ପାର୍ବତୀଙ୍କର ମନ୍ଦିରରେ ଥିବା ୫ଟି ରୁପା ମୁକୁଟ ନଥିବା ସେ ଦେଖିବାକୁ ପାଇଥିଲେ। ସମସ୍ତ ମୁକୁଟର ଓଜନ ପ୍ରାୟ ୫ଶହ ଗ୍ରାମର ହେବ ବୋଲି ସେ କହିଛନ୍ତି। ସେହିପରି ଶିବ ମନ୍ଦିର ପାର୍ଶ୍ୱରେ ଥିବା ମା ମଙ୍ଗଳା ମନ୍ଦିର ସମେତ ଶିବ ମନ୍ଦିରରେ ଥିବା ହୁଣ୍ଡିକୁ ମଧ୍ୟ ଦୁର୍ବୃତ୍ତ ମାନେ ତାଲା ଭାଙ୍ଗି ଟଙ୍କା ଚୋରି କରି ନେଇଥିବା ପୂଜକ ଶ୍ରୀଯୁକ୍ତ ପଣ୍ଡା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ୫/୨୦୨୫ ସଂଖ୍ୟାରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

ପୂଜକଙ୍କ ଏତଲା

## ବୁଲେଟ ଫାୟାର ସେଫ୍ଟି ଯାନ ଲଞ୍ଚ୍

### ଦୂର ହେବ ଗଳିକନ୍ଦିରେ ନିଆଁଲିଭାଜନିତ ସମସ୍ୟା

ଭୁବନେଶ୍ୱର,୧୧।୧(ସଂଚାର ବ୍ୟୁରୋ): ଓଡ଼ିଶା ଅଗ୍ନିଶମ ବିଭାଗ ପକ୍ଷରୁ ବୁଲେଟ ଫାୟାର ସେଫ୍ଟି ଯାନ ଲଞ୍ଚ୍ କରାଯାଇଛି। ଫଳସ୍ୱରୂପ ପୂର୍ବରୁ ଗଳିକନ୍ଦିରେ ପ୍ରବେଶ କରି ବିଭାଗର କର୍ମଚାରୀମାନେ ନିଆଁ ଲିଭାଇପାରୁନଥିବା ବେଳେ ଏବେ ସେମାନଙ୍କ ସମସ୍ୟାର ସମାଧାନ ହୋଇପାରିବ। ତେଣୁ ବିଭାଗ ପକ୍ଷରୁ ଏପରି ଏକ ବୁଲେଟ ଲଞ୍ଚ କରାଯାଇଛି। ଏଥିରେ ଦୁଇଟି ବଡ ପାଣି ଏବଂ ଫେଣ ମିଶା ୨୧ ଲିଟରର ସିଲିଣ୍ଡର ରହିଛି। ଏହି ଅତ୍ୟାଧୁନିକ ବୁଲେଟରେ ୨ଟି ପାଣି ସିଲିଣ୍ଡର ସହ ୨ ଟି ଗ୍ୟାସ ସିଲିଣ୍ଡର ମଧ୍ୟ ରହିଛି, ଯାହାଦ୍ୱାରା ୩୦ ମିଟର ଲମ୍ବା ପାଇପ ଦ୍ୱାରା ପାଣି ଛଡ଼ାଯାଇପାରିବ। ଏହି ୩୦ ମିଟର ପାଇପରେ ୱାଟର ଗନ ରହିଛି, ଯେଉଁଥିରେ ୨ଟି ଭିନ୍ନ ଭିନ୍ନ ୱାଟର ନୋଜଲ ରହିଛି, ଯାହାକି ଭିନ୍ନ ଭିନ୍ନ ନିଆଁକୁ ଆୟତ୍ତ କରିବାରେ ସାହାଯ୍ୟ କରିବ। ଏହି ବୁଲେଟରେ ୱାକିଟକି, ଏମର୍ଜେନ୍ସି ସାଇରନ୍ ସହ ଏକ ବ୍ଲୁଟୁଥ ଅଡ଼ିଓ ହେଲମେଟ୍ ମଧ୍ୟ ରହିଛି।

# ଅନାସ୍ଥା ବିବାଦ: ବିଜେଡି-ବିଜେପି ତୁତୁ ମେଁମେଁ

## ଗଣତନ୍ତ୍ରକୁ ହତ୍ୟା କରୁଛି ବିଜେପି: ଦୀପାଳି



ଭୁବନେଶ୍ୱର,୧୧।୧ (ସଂଚାର ବ୍ୟୁରୋ): ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସସ୍ମିତ ପାତ୍ର ଓ ଦୀପାଳି ଦୁଇ ଦିନ ତଳେ ଝାରସୁଗୁଡ଼ା କିରମିରା ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥାକୁ ନେଇ ଯେଉଁ ଭଳି ଆଚରଣ କରାଗଲା, ତାହା ଗଣତନ୍ତ୍ରକୁ ହତ୍ୟା କରିବା ଦିଗରେ ବିଜେପିର ଏକ ପଦକ୍ଷେପ ବୋଲି କହିଛନ୍ତି। ଦୁଇ ଦୁଇଟି ରାଜ୍ୟ ପୁଲିସକୁ ଲଗାଇ ବେଆଇନ୍ ଭାବେ ବିଶାଳ ଦାସଙ୍କୁ ଅଟକାଗଲା। ବିଜେଡି ମୁଖ୍ୟ ନବୀନ ପଟ୍ଟନାୟକ ସେତେବେଳେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ, ସେତେବେଳେ ବିଶାଳଙ୍କୁ ଛଡାଗଲା ବୋଲି ସେମାନେ ମତ ଦେଇଛନ୍ତି। ଏନେଇ ଦୀପାଳି କହିଛନ୍ତି, ଅନାସ୍ଥା ସେତେବେଳେ ଆସିଲା ସେତେବେଳେ ପ୍ରଶାସନ ଗାଳଫୁଲ ନୀତି ଅବଲମ୍ବନ କଲା। ଆମେ ହାଇକୋର୍ଟରୁ ନିର୍ଦ୍ଦେଶ ଆଣିଲୁ ଅନାସ୍ଥା ପାଇଁ ତାରିଖ ଦିଆଗଲା ୧୦ ଜାନୁଆରୀ। କିନ୍ତୁ ବିଜେପି ପକ୍ଷରୁ କିଛି ନେତା ପଞ୍ଚାୟତ ପ୍ରତିନିଧିଙ୍କୁ ଗତ ୮ ତାରିଖରେ ଧମକଚମକ ଦେଇଥିଲେ। ପରଦିନ ଲଇଡେରା ଥାନା ଅଧିକାରୀ ଲଜ୍‌କୁ ଯାଇ ବେଆଇନ୍ ଭାବେ ଯାଞ୍ଚ କରିଥିଲେ। ଲଜ୍‌ଟି ମୋ' ଭାଇଙ୍କ ମାଲିକାନାରେ ଅଛି। ଏନେଇ ଆଇନଜ୍ଞଙ୍କୁ ଭେଟି ଆଲୋଚନା କରିଥିଲୁ। କିନ୍ତୁ ତା'ପରଦିନ ଛତିଶଗଡ଼ ଯାଇ ହୋଟେଲରେ ଯାଞ୍ଚ କଲେ। ମିଟିଂ ଜେଞ୍ଜ୍ ଦର୍ଶାଇ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଅଟକ ରଖାଯାଇଥିଲା। ମୋ ଭାଇ ଖବର ପାଇ ହୋଟେଲକୁ ଯାଇଥିଲେ। କିନ୍ତୁ ହୋଟେଲ ଆଗରେ ପହଞ୍ଚିଲା ବେଳକୁ ଖବର ପଡିଥିଲା। ସେଠାରେ ମୃତ୍ୟୁଦଣ୍ଡ ଥିବା ଛତିଶଗଡ଼ ପୁଲିସକୁ ତାଙ୍କୁ କାହିଁକି ଅଟକ ରଖାଯାଇଛି ବୋଲି ମୋ ଭାଇ ପଚାରିବାରୁ ଉପରୁ ଅର୍ଡର ଆସିଲେ ଛାଡିବୁ ବୋଲି ପୁଲିସ୍ କହିଥିଲା। ତେବେ କାହା ଅର୍ଡରକୁ ପୁଲିସ୍ ଅପେକ୍ଷା କରିଥିଲା ବୋଲି ଦୀପାଳି ପ୍ରଶ୍ନ କରିବା ସହ ଏବେ ବି ତାଙ୍କ ପରିବାରକୁ ଟାର୍ଗେଟ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି।

ଦୁଇ ଦିନ ହେଲା ଝାରସୁଗୁଡ଼ା ରାଜନୀତିକୁ ନେଇ ସରଗରମ ହୋଇଛି ରାଜ୍ୟ ରାଜନୀତି। ଏହାକୁ ନେଇ ଆଜି ପ୍ରଥମେ ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦୀପାଳି ଦାସ ବିଜେପିକୁ ଟାର୍ଗେଟ୍ କରିଥିବା ବେଳେ ଏହାକୁ କାଉଣ୍ଟର୍ କରିଛି ବିଜେପି। ବିଜେପି ଗଣତନ୍ତ୍ରକୁ ହତ୍ୟା କରିବାରେ କୌଣସି ସୁଯୋଗ ଛାଡୁନାହିଁ ବୋଲି ବିଜେଡି କହୁଥିବା ବେଳେ ବିଜେଡି ବାପା ନବ ଦାସଙ୍କ ହତ୍ୟାକାଣ୍ଡ ବେଳେ ଦୀପାଳି କାହିଁକି ଚୁପ୍ ରହିଥିଲେ ବୋଲି ପ୍ରଶ୍ନ କରିଛି। ଫଳସ୍ୱରୂପ ଦୁଇଦଳ ମଧ୍ୟରେ ଆରୋପ ପ୍ରତିଆରୋପ ଧାରା ତୀବ୍ର ହୋଇଛି।

## ବାପାଙ୍କ ହତ୍ୟାକାଣ୍ଡ ବେଳେ କାହିଁକି ଚୁପ୍ ଥିଲେ?




ଦୀପାଳି ଦାସ ଓ ତାଙ୍କ ଭାଇ ଆକାଶ ଦାସଙ୍କୁ କାଉଣ୍ଟର

ଭୁବନେଶ୍ୱର: କରିଛି ବିଜେପି। ବାପା ନବ କିଶୋର ଦାସ ହତ୍ୟା ବେଳେ କାହିଁକି ଓ କାହା ପ୍ରରୋଚନାରେ ଦୀପାଳି ଓ ଆକାଶ ଚୁପ୍ ଥିଲେ,ତାହା ଆମେ ଦେଖିଛୁ ବୋଲି କହିଛନ୍ତି ବିଜେପି ବିଧାୟକ ବାବୁ ସିଂ ଓ ମୁଖପାତ୍ର ମନୋଜ ମହାପାତ୍ର। ଆଜି ସକାଳେ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଓ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଗଣମାଧ୍ୟମକୁ ସୂଚନା ଦେଇ ବିଜେପି ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ଦୀପାଳି ଦାସଙ୍କ ଭାଇ ହେଉଛନ୍ତି ଜଣେ ଅଭ୍ୟାସଗତ ଅପରାଧୀ। ସେ ସବୁବେଳେ ଅପରାଧକୁ ପ୍ରଶ୍ରୟ ଦିଅନ୍ତି। ବିଶେଷ କରି ଦେଢ଼ ବର୍ଷ ତଳେ ଭୁବନେଶ୍ୱରର ପାଓ୍ୱାର ହାଉସ୍ ଛକରେ ଯାହାଙ୍କ ଗାଡ଼ି ଧକ୍କାରେ ଦୁଇ ଜଣଙ୍କ ଜୀବନ ଯାଇଥିଲା, ସେ ହେଉଛନ୍ତି ବିଶାଳ ଦାସ। ସେ ବିଭିନ୍ନ ଅପରାଧିକ କାର୍ଯ୍ୟରେ ସମ୍ପୃକ୍ତ। ଯେତେବେଳେ ଓଡ଼ିଶା ସରକାରଙ୍କ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ଦିନ ଦି'ପହରରେ ସେତେବେଳେର ଗୃହମନ୍ତ୍ରୀଙ୍କର ଜଣେ ଅଧସ୍ତନ କର୍ମଚାରୀ ଗୁଳି କରି ହତ୍ୟା କରୁଛି; ଆଉ ସେହି ସମୟରେ ଦୀପାଳିଙ୍କ ମାଆ ଓ କାକା କହିଥିଲେ ନବ ଦାସଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି, ସେତେବେଳେ ଦୀପାଳି ଓ ତାଙ୍କ ଭାଇ ବିଶାଳ କାହା ପ୍ରରୋଚନାରେ ଏବଂ କେଉଁ ଲୋଭରେ ଚୁପ୍ ରହିଥିଲେ, ତାହା ଆମେ ଦେଖିଛୁ। ବାପାଙ୍କ ହତ୍ୟାକାରୀଙ୍କୁ ଧରିବା ପାଇଁ ଯିଏ ଦିନେ ପଦୁଟିଏ କହିପାରୁନଥିଲେ, ସିଏ ଆଜି ବିଜେପିର ଏକ ଲିଖିତ ସ୍କ୍ରିପ୍ଟ ପଢ଼ିଛନ୍ତି ବୋଲି ମନୋଜ ମହାପାତ୍ର କହିଛନ୍ତି।

## ଏଚ୍‌ଏମ୍‌ପିଭି ସଂକ୍ରମିତ ସଂଖ୍ୟା ୧୫



ନୂଆଦିଲ୍ଲୀ,୧୧।୧: ଦେଶରେ ଚୀନ୍ ଭୂତାଣୁ ଏଚ୍‌ଏମ୍‌ପିଭି ସଂକ୍ରମିତଙ୍କ ସଂଖ୍ୟା ଇତିମଧ୍ୟରେ ୧୫ରେ ପହଞ୍ଚିଯାଇଛି। ପୂର୍ବରୁ କର୍ଣ୍ଣାଟକ ଓ ଗୁଜରାଟରେ ୧୪ ଜଣ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଆଜି ଏହି ଭୂତାଣୁ ଆସାମରେ ପ୍ରବେଶ କରିଥିବା ଜଣାପଡ଼ିଛି। ଆସାମର ଲକ୍ଷିମପୁରରେ ଜଣେ ୧୦ ମାସର ଶିଶୁ ଏଚ୍‌ଏମ୍‌ପିଭିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଶିଶୁଟିକୁ ଥଣ୍ଡାଜନିତ ସମସ୍ୟା କାରଣରୁ ଡିବ୍ରୁଗଡ଼ର ଆସାମ ମେଡିକାଲ କଲେଜ ଓ ହସ୍ପିଟାଲରେ ୪ ଦିନ ତଳେ ଭର୍ତ୍ତି କରାଯାଇଥିଲା ବୋଲି ହସ୍ପିଟାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡ. ଧ୍ରୁବଜ୍ୟୋତି ଭୂୟାଁ କହିଛନ୍ତି। ସେ କହିଛନ୍ତି ଯେ ଉକ୍ତ ଶିଶୁଟିର ଅବସ୍ଥା ସ୍ଥିର ରହିଛି ଓ ତା'ର ସ୍ୱାସ୍ଥ୍ୟାବସ୍ଥା ନେଇ କିଛି ଚିନ୍ତା କରିବାର ନାହିଁ। ରୁଟିନ୍ ଟେଷ୍ଟ ପାଇଁ ଶିଶୁଟିର ନମୁନା ଆଇସିଏମ୍‌ଆର୍‌କୁ ପଠାଯାଇଥିଲା। ଇନ୍‌ଫ୍ଲୁଏଞ୍ଜା ଓ ଫ୍ଲୁ ଆଦି ଲକ୍ଷଣ ପାଇଁ ଏହି ନମୁନା ପଠାଯାଇଥିଲା। ହେଁ ଗତକାଲି ଉକ୍ତ ଶିଶୁଟି ଏଚ୍‌ଏମ୍‌ପିଭି ଦ୍ୱାରା ସଂକ୍ରମିତ ହୋଇଥିବା ସ୍ପଷ୍ଟ ହୋଇଥିଲା ବୋଲି ଡ. ଭୂୟାଁ କହିଛନ୍ତି। ଗତ ୨୦୧୪ରୁ ଅବ୍ୟାହତ ଡିବ୍ରୁଗଡ଼ ଜିଲାରେ ୧୧୦ଟି ଏଚ୍‌ଏମ୍‌ପିଭି ମାମଲା ସାମ୍ନାକୁ ଆସିଥିବା ବେଳେ ଚଳିତ ସିଜନ୍‌ରେ ଏହା ପ୍ରଥମ ସଂକ୍ରମିତ ବୋଲି ଆଇସିଏମ୍‌ଆର୍‌ର ବରିଷ୍ଠ ବୈଜ୍ଞାନିକ ଡ. ବିଶ୍ୱଜିତ୍ ବୋରକୋକୋଟି କହିଛନ୍ତି। ଅଦ୍ୟାବଧି ସର୍ବାଧିକ ୪ଟି ମାମଲା ଗୁଜରାଟରୁ ଆସିଛି। ଶୁକ୍ରବାର ରାଜସ୍ଥାନ ଓ ଗୁଜରାଟରେ ଗୋଟିଏ ଲେଖାଏଁ ସଂକ୍ରମିତ ଠାବ ହୋଇଛନ୍ତି। ପୂର୍ବରୁ ଗୁରୁବାର ୩ ଜଣଙ୍କଠାରେ ଏହି ଚୀନ୍ ଭୂତାଣୁ ଥିବା ସାମ୍ନାକୁ ଆସିଥିଲା।

## କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କୁ ରେଭେନ୍ସା ପୁରାତନ ଛାତ୍ରଙ୍କ ସମ୍ବର୍ଦ୍ଧନା



ଭୁବନେଶ୍ୱର,୧୧।୧(ସଂଚାର ବ୍ୟୁରୋ): ପିଏମ ଉଷା ଯୋଜନାରେ କେନ୍ଦ୍ର ସରକାର ରାଜ୍ୟର ଅନ୍ୟତମ ପ୍ରମୁଖ ବିଶ୍ୱବିଦ୍ୟାଳୟ ତଥା ଐତିହାସିକ ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଏହାର ଶୈକ୍ଷିକ ଓ ଭିତ୍ତିଭୂମିର ବିକାଶ ପାଇଁ ୧୦୦ କୋଟିର ଅନୁଦାନ ପ୍ରଦାନ କରିଥିବାରୁ ଆଜି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରନେତାମାନେ କଟକ ଓଏମପି ଛକଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ପୁରାତନ ଛାତ୍ର ନେତା ତଥା ରେଭେନ୍ସାର ପୂର୍ବତନ ସଭାପତି ଶୁଭେନ୍ଦୁ ମହାନ୍ତି ଓ ଜ୍ୟୋତି ରଞ୍ଜନ ରାୟଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଭେନ୍ସାର ପୁରାତନ ଛାତ୍ର ଶିକ୍ଷାବିତ୍ ତୁଷାର କାନ୍ତି, କର୍ପୋରେଟର ଗଗନ ଓଝା, ବରିଷ୍ଠ ନେତା ଶରତ ସାମଲ, ପୁରାତନ ଛାତ୍ର ନେତା ବିକାଶ ଦାସ, ମୟାଧର ମହାନ୍ତି, ଶ୍ରମିକ ଓ କର୍ମଚାରୀ ନେତା ପ୍ରକାଶ ଦାସ, ଯୁବ ନେତା ବିଜୟ ବେହେରା, ଚୌଦ୍ୱାର ମ୍ୟୁନିସିପାଲିଟି ପକ୍ଷରୁ ଭାସ୍କର ଚନ୍ଦ୍ର ଗାଡତରାୟ, ସୁନାକାର ମହାନ୍ତି, ଅମ୍ବିକା ସାମଲ, ବାପୁ ତ୍ରିପାଠୀ, ଦୀପ୍ତି ରଞ୍ଜନ ସିଂ, ଆଇନଜୀବୀ ଗଗନ ବାରିକ, ସଂଗ୍ରାମ ଦାସ, ପଙ୍କଜ ଜେନା, ସୁଧାଂଶୁ ପଟ୍ଟନାୟକ, ନିୟତି ସାମଲ, ସୂର୍ଯ୍ୟକାନ୍ତି ହରିଚନ୍ଦନ, ଅଶୋକ ଜେନା ପ୍ରମୁଖଙ୍କ ସମେତ ଶତାଧିକ ପୁରାତନ ଛାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ରେଭେନ୍ସାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପ୍ରଦାନ ଦିଗରେ ପଦକ୍ଷେପ ପାଇଁ ନିବେଦନ କରିଛନ୍ତି।

## ପ୍ରଥମଥର ପାଇଁ ପକ୍ଷୀ ଦେହରେ ଲାଗିଲା ଟ୍ରାକର



ଭୁବନେଶ୍ୱର,୧୧।୧: ପ୍ରଥମ ଥର ପାଇଁ ପକ୍ଷୀ ଦେହରେ ଲାଗିଛି ସୌର ଚାଳିତ ଟ୍ରାକର। ଚିଲିକା ନଳବଣକୁ ଆସିଥିବା ବିଦେଶୀ ପକ୍ଷୀ ଫ୍ଲେମିଙ୍ଗୋ ଦେହରେ ଏହି ଟ୍ରାକର ଲଗାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରାକର ସହାୟତାରେ ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ଉପରେ ନଜର ରଖାଯିବ। ଏପରିକି କେଉଁ ବାଟ ଦେଇ ଫ୍ଲେମିଙ୍ଗୋ କେଉଁଠିକୁ ଯାଉଛି ତାହାର ଗତିବିଧି ଉପରେ ନଜର ରଖାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି ଫ୍ଲେମିଙ୍ଗୋ ପକ୍ଷୀ ଦେହରେ ଏହି ଟ୍ରାକର ଲଗାଯାଇଛି।

## ଚାକିରି କରାଇ ଦେବା ନାଁରେ ୧୮ ଜଣଙ୍କଠୁ ୨୦ ଲକ୍ଷ ଟଙ୍କା ଠକିନେଲେ ଛାତ୍ରୀ



ଭୁବନେଶ୍ୱର,୧୧।୧ (ସଂଚାର ବ୍ୟୁରୋ): ଆଇନ ଛାତ୍ରୀଙ୍କ କଳା କାରନାମା। କୋର୍ଟରେ ଚାକିରି କରାଇ ଦେବାକୁ କହି ଲୁଟ। ରାଉରକେଲା ଓ ସୁନ୍ଦରଗଡ଼ ଅଞ୍ଚଳର ୧୮ ଜଣ ଯୁବତୀଙ୍କଠୁ ପାଖାପାଖି ୨୦ ଲକ୍ଷ ଟଙ୍କା ଠକେଇ କରିଛନ୍ତି ଛାତ୍ରୀ ଜଣକ। କୋର୍ଟରେ କିରାଣୀ ପାଇଁ ଦେଢ଼ ଲକ୍ଷ। କୋର୍ଟ ସବ ଇନ୍‌ସପେକ୍ଟର ପାଇଁ ଅଢ଼େଇ ଲକ୍ଷ। କନିଷ୍ଠ କିରାଣୀ ପାଇଁ ଲକ୍ଷେ ଓ ପିଅନ ପାଇଁ ୫୦ ହଜାର। ଏଭଳି ଭିନ୍ନ ଭିନ୍ନ ପଦ ପଦବୀରେ ଚାକିରି କରାଇଦେବାକୁ କହି ଲକ୍ଷ ଲକ୍ଷ ଠକିଛନ୍ତି। ଅଭିଯୋଗ ହେବା ପରେ ପୋଲିସ ଦୁଇ ଠକ ଦମ୍ପତିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବା ଆଇନ ଛାତ୍ରୀ ଲକ୍ଷ୍ମୀ ତନ୍ତି ଏବେ ଆଇନ ପାଠ ପଢିବା ସହ ରାଉରକେଲା କୋର୍ଟରେ ଜଣେ କ୍ଲର୍କ ପାଖରେ କାମ କରନ୍ତି। ନିଜେ ଓକିଲ ପରି କଳା କୋର୍ଟ ପିନ୍ଧି କୋର୍ଟକୁ ଆସୁଥିବା ନିରୀହ ଯୁବକ ଯୁବତୀଙ୍କୁ ଟାର୍ଗେଟ କରନ୍ତି। ବିଶ୍ୱାସ ଜନ୍ମାଇବା ପରେ ଅପଏଣ୍ଟମେଣ୍ଟ ଲେଟର ଓ ଆଇଡି କାର୍ଡ ଦିଅନ୍ତି। ଏପରିକି କିଛି ଚାକିରି ଆଶାୟୀଙ୍କୁ କୋର୍ଟ କୁ ଡକାଇ ବିଭିନ୍ନ ବିଭାଗ ବୁଲାଇ ଦେଖାଇବା ସହ ବିଶ୍ୱାସ ଭାଜନ ହୋଇଥାନ୍ତି।

## ଖୁବଶୀଘ୍ର ଚତୁର୍ଥ ପର୍ଯ୍ୟାୟ ସୁଭଦ୍ରା ସହାୟତା

ଭୁବନେଶ୍ୱର,୧୧।୧(ସଂଚାର ବ୍ୟୁରୋ): ରାଜ୍ୟ ସରକାରର ମହିଳାମାନଙ୍କୁ ସଶକ୍ତ କରିବା ସକାଶେ ସୁଭଦ୍ରା ଯୋଜନାରେ ୫ ବର୍ଷରେ ୫୦ ହଜାର ଟଙ୍କାର ସହାୟତା ଘୋଷଣା କରିଥିବା ବେଳେ ଇତିମଧ୍ୟରେ ତୃତୀୟ ପର୍ଯ୍ୟାୟରେ ସହାୟତା ପ୍ରଦାନ କରାଯାଇସାରିଛି। ୨୦୨୫ରେ ପ୍ରଥମ ଥର ପାଇଁ ଚତୁର୍ଥ ପର୍ଯ୍ୟାୟର ପ୍ରଥମ କିସ୍ତି ଟଙ୍କା ଖୁବଶୀଘ୍ର ମିଳିବ ବୋଲି ସୂଚନା ଦିଆଯାଇଛି। ଭୁଲରେ ଅଟ୍ ଆଉଟ ହୋଇଥିବା ଆବେଦନକାରୀ ପୁନଃସାମିଲ ହୋଇଛନ୍ତି। ଆଜି ସୁଦ୍ଧା ସୁଭଦ୍ରା ଯୋଜନାରେ ପୂର୍ଣ୍ଣ ୮ ହଜାରରୁ ଅଧିକ ଆବେଦନକାରୀ ପୁନଃସାମିଲ ହୋଇଛନ୍ତି। ଏବେବି ୨ ଲକ୍ଷରୁ ଅଧିକ ଆବେଦନକାରୀ ଇ-କେୱାଇସି କରିନାହାନ୍ତି।

## ଦୃଷ୍ଟାନ୍ତମୂଳକ ଦଣ୍ଡ: ଅନାଥାଶ୍ରମରେ ସପ୍ତାହେ ପାଠ ପଢ଼ାଇବେ

ଭୁବନେଶ୍ୱର,୧୧।୧ (ସଂଚାର ବ୍ୟୁରୋ): ରାଗିଂ ଅଭିଯୋଗ ମାମଲାରେ ଛାତ୍ରଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ। ଅନାଥାଶ୍ରମରେ ସପ୍ତାହେ ଯାଏଁ ସ୍ୱେଚ୍ଛାସେବୀ ଭାବେ ପାଠ ପଢ଼ାଇବାକୁ ନିର୍ଦ୍ଦେଶ। ଏଭଳି ଐତିହାସିକ ରାୟ ଶୁଣାଇଛନ୍ତି ଓଡ଼ିଶା ହାଇକୋର୍ଟ। ଭୁବନେଶ୍ୱରସ୍ଥିତ ଏକ ଘରୋଇ ଆଇନ ଶିକ୍ଷାନୁଷ୍ଠାନରେ ସିନିୟରମାନେ ଜୁନିୟରଙ୍କୁ ରାଗିଂ କରିଥିବା ନେଇ ଗତ ବର୍ଷ ମାର୍ଚ୍ଚ ୧୫ ତାରିଖରେ ଅଭିଯୋଗ ହୋଇଥିଲା। ଏନେଇ ଭରତପୁର ଥାନାରେ ମାମଲା ରୁଜୁ ହୋଇଥିଲା। ଭୁବନେଶ୍ୱର ଜେଏମଏଫସି କୋର୍ଟରେ ମାମଲା ବିଚାରାଧୀନ ଥିବା ସମୟରେ ଶୁଭେଚ୍ଛୁ ଓ ଅଭିଯୋଗକାରୀଙ୍କ ହସ୍ତକ୍ଷେପ ପରେ ଉଭୟ ପକ୍ଷଙ୍କ ମଧ୍ୟରେ ବିବାଦ ସମାଧାନ ହୋଇଛି ବୋଲି ଦର୍ଶାଇ ମାମଲା ଖାରଜ କରିବାକୁ ସମ୍ପୃକ୍ତ ଛାତ୍ରମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନର ବିଚାର କରି ଆଇନ ଛାତ୍ରଙ୍କ ବିରୋଧରେ ନିମ୍ନ ଅଦାଲତରେ ରୁଜୁ ହୋଇଥିବା ଫୌଜଦାରୀ ମାମଲାକୁ ହାଇକୋର୍ଟ ଖାରଜ କରିଛନ୍ତି। ମାତ୍ର ଆଇନ ଛାତ୍ରଙ୍କ ଏପରି ଆଚରଣରେ କ୍ଷୋଭ ପ୍ରକାଶ କରିଛନ୍ତି ହାଇକୋର୍ଟ। ଏହି ମାମଲାର ବିଚାର କରି ହାଇକୋର୍ଟ କହିଛନ୍ତି, ଆଇନ ଛାତ୍ର ଭାବେ ଆବେଦନକାରୀଙ୍କ ପରି ଆଚରଣ ଅଶୋଭନୀୟ ଥିଲା। କ୍ୟାରିଅରର ପ୍ରାରମ୍ଭିକ ପର୍ଯ୍ୟାୟରେ ସେମାନଙ୍କ ଆଚରଣ ଆପତ୍ତିଜନକ ବୋଲି ହାଇକୋର୍ଟ ନିଜ ରାୟରେ ଉଲ୍ଲେଖ କରିଛନ୍ତି। ଏଣୁ ସେମାନଙ୍କୁ ଅନାଥାଶ୍ରମରେ ସ୍ୱେଚ୍ଛାସେବୀ ଭାବେ ସପ୍ତାହେ ପାଠ ପଢ଼ାଇବାକୁ ହାଇକୋର୍ଟ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଆଇନ ଛାତ୍ର ନିଜ ପସନ୍ଦର ଅନାଥାଶ୍ରମରେ ଶିକ୍ଷାଦାନ ସହ କର୍ମଶାଳା ଆୟୋଜନ କରିବେ। ଅନୁଷ୍ଠାନ ମୁଖ୍ୟଙ୍କଠାରୁ ଏ ସଂକ୍ରାନ୍ତୀୟ ପ୍ରମାଣପତ୍ର ଆଣି ଚାରି ସପ୍ତାହ ମଧ୍ୟରେ ହାଇକୋର୍ଟରେ ଦାଖଲ କରିବେ। ହାଇକୋର୍ଟ କହିଛନ୍ତି, ଏପରି ଅନୁଭବ ଆବେଦନକାରୀଙ୍କୁ ସକରାତ୍ମକ ଦିଗରେ ନେବ। ଜଷ୍ଟିସ ଶିବଶଙ୍କର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ।

## ଧନୁଯାତ୍ରାରେ ଏନିମଲ୍ ରୋବୋଟିକ୍ ଶୋ'ବନ୍ଦ

ମଥୁରାନଗରୀ, ୧୧।୧(ସଂଚାର ବ୍ୟୁରୋ): ବରଗଡ଼ରେ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ଧନୁଯାତ୍ରା ମହୋତ୍ସବ ଚାଲିଛି। ଏହି ଉପଲକ୍ଷେ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡିଆରେ ମୀନାବଜାର ସମେତ ବିଭିନ୍ନ ଷ୍ଟଲ ଚାଲିଛି। ତେବେ ପଡିଆର କେନ୍ଦ୍ରଭାଗରେ ଚାଲିଥିବା ଏନିମଲ୍ ରୋବୋଟିକ୍ ଶୋରେ ଦର୍ଶକଙ୍କୁ ଧନୁଯାତ୍ରା ବଦଳରେ କଟକ ବାଲିଯାତ୍ରା ନାମରେ ଟିକେଟ୍ ବିକ୍ରି କରାଯାଉଥିବା ପଶ୍ଚିମ ଓଡ଼ିଶା ଯୁବମଞ୍ଚ ବିରୋଧ କରିଥିଲା। ଏହି ସମୟରେ ସେଠାରେ ପଶ୍ଚିମ ଓଡ଼ିଶା ଯୁବମଞ୍ଚ କର୍ମୀଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ଶନିବାର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୈଠକ ବସିଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଶନିବାରଠୁ ଜର୍ଜ ହାଇସ୍କୁଲ ପଡିଆରେ ଚାଲିଥିବା ଏନିମଲ ରୋବୋଟିକ୍ ଶୋକୁ ବନ୍ଦ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପଜିଲାପାଳ ପ୍ରଶାନ୍ତ କୁମାର ପାଣ୍ଡେ ସୂଚନା ଦେଇଛନ୍ତି। ସେହିପରି ପଶ୍ଚିମ ଓଡ଼ିଶା ଯୁବମଞ୍ଚ କର୍ମୀଙ୍କ ଉପରେ ଆକ୍ରମଣ କରିଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଉପଜିଲାପାଳ କହିଛନ୍ତି। ବୈଠକରେ ପଶ୍ଚିମ ଓଡ଼ିଶା ଯୁବମଞ୍ଚ, ବରଗଡ଼ ଜିଲା ଓକିଲ ସଂଘ, ବରଗଡ଼ ସାମ୍ବାଦିକ ସଂଘ କୋଶଳ ସେନା ସମେତ ବିଭିନ୍ନ ସଂଗଠନର ପ୍ରତିନିଧି ଉପସ୍ଥିତ ଥିଲେ।

## ସହଦେବଙ୍କ ପରିବାରକୁ ଆଶ୍ୱସନା ଦେଲେ ନବୀନ

### ପରିବାରକୁ ଦେଲେ ୫୦ ହଜାର ଟଙ୍କାର ସହାୟତା



ଭୁବନେଶ୍ୱର,୧୧।୧ (ସଂଚାର ବ୍ୟୁରୋ): ରାଜଧାନୀରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ରସୁଲଗଡ଼ ହତ୍ୟା ଘଟଣା। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିଲେ ସହଦେବଙ୍କ ପରିବାର। ନବୀନ ପଟ୍ଟନାୟକ ସହଦେବଙ୍କ ପରିବାରର ଦୁଃଖ ଶୁଣିବା ସହ ସହଦେବଙ୍କ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି। ନବୀନ ପଟ୍ଟନାୟକ ସହଦେବଙ୍କ ପରିବାରକୁ ୫୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି। ଏଥି ସହ ସହଦେବ ନାୟକଙ୍କ ୨ ପିଲାଙ୍କ ପଢ଼ିବା ଦାୟିତ୍ୱ ନେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ଅନ୍ୟପଟେ ସହଦେବଙ୍କ ପତ୍ନୀ ସୁନିତା ନାୟକଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଦେଲେ ୫ ଏଜେନ୍ସି। ବିଏମ୍‌ସି ଅଧୀନରେ କାର୍ଯ୍ୟରତ ୫ ସଫେଇ ଏଜେନ୍ସି ଯଥା ଗ୍ରୀନ ସର୍କଲ, ଜାଗୃତି, ଅଗ୍ରାଲାଇଣ୍ଡ, ପିଏମଆର, ପିଏଚଆର ପ୍ରମୁଖ ଏହି ଅର୍ଥରାଶିର ସହାୟତା କରିଛନ୍ତି। କେବଳ ସେତିକି ନୁହେଁ ବରଂ ସୁନିତାଙ୍କୁ ଜାଗୃତିରେ ସୁପରଭାଇଜର ଭାବେ ନିଯୁକ୍ତି ମଧ୍ୟ ଦେଇଛନ୍ତି। ଏହାସହ ତାଙ୍କୁ ସ୍ଥାୟୀ ନିଯୁକ୍ତି ସହ ଆର୍ଥିକ ସହାୟତା ଯୋଗାଇବା ପାଇଁ ମଧ୍ୟ ସରକାରଙ୍କୁ ଭୁବନେଶ୍ୱର ମହାନଗର ନିଗମ ଚିଠି ଲେଖିଛି ବୋଲି କହିଛନ୍ତି ମେୟର।

## ନିର୍ଯାତନା ସହି ନପାରି ପୁଅକୁ ଛୁରୀ ଭୁଷିଦେଲା ବାପା



କନ୍ଧମାଳ,୧୧।୧ (ସଂଚାର ବ୍ୟୁରୋ):ମଦପ ପୁଅର ନିର୍ଯାତନା ଅତିଷ୍ଠ କଲା। ଯେଉଁ ପୁଅ ବାପାର ସାହାରା ପାଲଟିବା କଥା, ସେ ମୃତ୍ୟୁ କିଙ୍କର କାରଣ ପାଲଟିଲା। ମଦ ନିଶାରେ ଚୁର ପୁଅର ସବୁବେଳେ କଳହ କରିବାରୁ ତାକୁ ରାସ୍ତାରୁ ସଫା କରିଦେଲେ ବାପା। ଏପରି ଏକ ସାଂଘାତିକ ଘଟଣା କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ସିଂଗମିଲା ଗାଁରେ ଘଟିଛି। ମୃତକ ହେଲେ ୨୨ ବର୍ଷୀୟ ଜୀତେନ୍ଦ୍ର ମଲ୍ଲିକ। ଜୀତେନ୍ଦ୍ରଙ୍କୁ ହତ୍ୟା ଅଭିଯୋଗରେ ପୁଲିସ୍ ତାଙ୍କ ବାପା ପ୍ରାଣେଶ୍ୱର ମଲ୍ଲିକଙ୍କୁ ବାନ୍ଧିଛି। ଜୀତେନ୍ଦ୍ର ମଲ୍ଲିକ କିଛି କାମଧନ୍ଦା କରୁ ନ ଥିବା ବେଳେ ସବୁବେଳେ ମଦ ନିଶାରେ ଚୁର ରହୁଥିଲେ। ଏହାକୁ ନେଇ ସବୁବେଳେ ପରିବାରରେ ଅଶାନ୍ତି ଲାଗି ରହୁଥିଲେ। ଗତକାଲି ବିଳମ୍ବିତ ରାତିରେ ସମସ୍ତେ ଶୋଇ ପଡ଼ିଥିବା ବେଳେ ଜୀତେନ୍ଦ୍ର ମଦ ପିଇ ଆସି କବାଟ ବାଡ଼େଇଥିଲେ। କବାଟ ଖୋଲିବାରେ ବିଳମ୍ବ ହେବାରୁ ସେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାକୁ ଲାଗିଲେ। ପ୍ରାଣେଶ୍ୱର କବାଟ ଖୋଲିବାରୁ ଜୀତେନ୍ଦ୍ର ତାଙ୍କୁ ପ୍ରବଳ ଗାଳିଗୁଲଜ କରିଥିଲେ। ଏହା ଅସହ୍ୟ ହେବାରୁ ପ୍ରାଣେଶ୍ୱର ନିଜ ପୁଅ ଦେହରେ ଛୁରୀ ଭୁଷି ଦେଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ପୁଲିସ୍ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ପ୍ରାଣେଶ୍ୱରଙ୍କୁ ଗିରଫ କରି ଥାନାକୁ ଆଣିଛି। ଖୁବ୍ ଶୀଘ୍ର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି କହିଛି ପୁଲିସ୍।

## ମଣପୁରମ ଲୁଟ୍ ପଛରେ ଅନ୍ତଃରାଜ୍ୟ ଲୁଟେରା ଗ୍ୟାଙ୍ଗ

ସମ୍ବଲପୁର, ୧୧।୧(ସଂଚାର ବ୍ୟୁରୋ): ସହରର ଅଇଁଠାପାଲି ଥାନା ଅନ୍ତର୍ଗତ ବୁଢାରଜା ସ୍ଥିତ ମଣପୁରମ ଫାଇନାନ୍ସ ଲିମିଟେଡ଼ରୁ ଚୋରି ଘଟଣା। ୮ ଦିନ ପରେ ବି ପୋଲିସର ହାତ ଖାଲି। ସେପଟେ ଅଭିଯୁକ୍ତ ବିହାରର ହୋଇଥିବା ବେଳେ ସମ୍ବଲପୁର ପୋଲିସ ବିହାର ଏସଟିଏଫ ସହ ଯୋଗାଯୋଗ ସ୍ଥାପନ କରି ତଦନ୍ତ କରୁଛି ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି। ସମ୍ବଲପୁର ସହର ଉପରେ ଏବେ କୁଖ୍ୟାତ ଅନ୍ତରାଜ୍ୟ ସୁନା ଲୁଟେରା ଗ୍ୟାଙ୍ଗର ନଜର। ସମ୍ବଲପୁର ମଣପୁରମ ଫାଇନାନ୍ସରୁ ହୋଇଥିବା ସୁନା ଡକାୟତି ଘଟଣାରେ ସୁବୋଧ ସିଂ ଗ୍ୟାଙ୍ଗର ଲିଙ୍କ ଥିବାର ପୋଲିସ ପକ୍ଷରୁ ସୂଚନା ମିଳିବା ପରେ ଏହା ପ୍ରମାଣିତ ହୋଇଛି। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି, "ମଣପୁରମ ଗୋଲ୍ଡ ଲୁଟ ମାମଲାରେ ତଦନ୍ତ ଚାଲିଛି, ସେହି ମାମଲାରେ ସୁବୋଧ ସିଂ ଓ ପଲ୍ଲୁ ସିଂ ଗ୍ୟାଙ୍ଗର ସମ୍ପୃକ୍ତି ରହିଛି। ସେମାନେ ସାରା ଦେଶରେ ଲୁଟ କରିଛନ୍ତି। ଜଣେ ଅଭିଯୁକ୍ତ ବିହାରର ବେଉରୁ ଜେଲରେ ଅଛି ଆଉ ଜଣେ କୋଲକାତାର ପ୍ରେସିଡେନ୍ସି ଜେଲରେ ଅଛି। ସେମାନେ ଜେଲରେ ରହି କ୍ରାଇମ କରୁଛନ୍ତି। ଆମେ ସେହି ଦିଗକୁ ନେଇ ତଦନ୍ତ କରୁଛୁ। ଆମ ପାଖରେ ଯେଉଁ ତଥ୍ୟ ପ୍ରମାଣ ମିଳିଛି ସେଥିରୁ ଜଣାପଡ଼ିଛି ଯେ ସେହି ଗ୍ୟାଙ୍ଗର ସମ୍ପୃକ୍ତି ରହିଛି। ଏଥିପାଇଁ ଏହି ମାମଲାର ସବୁ ଅଭିଯୁକ୍ତଙ୍କୁ ଧରିବୁ ଓ ଏହି ଗ୍ୟାଙ୍ଗ ଉପରେ ଲଗାମ ଲଗାଇବୁ ଯେମିତି ଆଗକୁ ଏମିତି ଘଟଣା ଘଟିବ ନାହିଁ। ଅନ୍ୟପଟେ ସମ୍ବଲପୁର ପୋଲିସ ଏହି ଘଟଣାରେ ୨ ଜଣ ଅଭିଯୁକ୍ତଙ୍କ ୱାଣ୍ଟେଡ ଫଟୋ ଜାରି କରିଛି। ଏହି ଅଭିଯୁକ୍ତଙ୍କୁ ଧରିବା ପାଇଁ ସୂଚନା ଦେଲେ ଏକ ଲକ୍ଷ ଟଙ୍କା ପୁରସ୍କାର ରାଶିର ଘୋଷଣା କରାଯାଇଛି।

## କେନ୍ଦ୍ର ସରକାରୀ ଚାକିରିଆଙ୍କୁ ମିଳିବ ୪୨ ଦିନ ଛୁଟି



ଭୁବନେଶ୍ୱର,୧୧।୧ (ସଂଚାର ବ୍ୟୁରୋ): ସରକାରୀ ଚାକିରି କରିଛନ୍ତି କି? ତାହାଲେ ଆପଣଙ୍କ ଲାଗି ଏହା ବଡ଼ ଖବର। କାରଣ ଏଣିକି ଆପଣ ନେଇପାରିବେ ୪୨ଦିନର ଛୁଟି। ଅବଶ୍ୟ ଏହା ସମସ୍ତ ସରକାରୀ କର୍ମଚାରୀଙ୍କ ଲାଗି ଲାଗୁ ହୋଇନି କିନ୍ତୁ ଅନେକ କର୍ମଚାରୀଙ୍କ ଲାଗି ହୋଇଛି। ଯାହାକୁ ନେଇ ବଡ଼ ଚର୍ଚ୍ଚା। ଯଦି ଆପଣ କେନ୍ଦ୍ର ସରକାରଙ୍କ ଅଧିନରେ କାମ କରୁଛନ୍ତି ତାହାଲେ ନିଶ୍ଚିତ ଭାବରେ ଏହାର ଲାଭ ଆପଣ ପାଇପାରିବେ। କଥାହେଲା, ଯେଉଁ କେନ୍ଦ୍ରୀୟ କର୍ମଚାରୀମାନେ ଅଙ୍ଗଦାନ କରିବାକୁ ଯାଉଛନ୍ତି ସେମାନେ ୪୨ ଦିନର ଛୁଟି ପାଇପାରିବେ। ଏନେଇ ନାସନାଲ ଅର୍ଗାନ ଓ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ ଏନେଇ ସବିଶେଷ ତଥ୍ୟ ଦେଇଛି। ହେଲେ ଯେଉଁମାନେ ଘରୋଇ କ୍ଷେତ୍ରରେ କାମ କରୁଛନ୍ତି ସେମାନେ କିନ୍ତୁ ଏହି ସୁବିଧା ପାଇପାରିବେ ନାହିଁ। ଅବଶ୍ୟ ସେମାନଙ୍କ କମ୍ପାନୀର ପଲିସିରେ ଯଦି ସଂଶୋଧିତ କରାଯାଏ ତାହାଲେ ସେମାନେ ପାଇପାରନ୍ତି। କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ତାଲିମ ବିଭାଗ ପକ୍ଷରୁ ବି ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି। ନାସନାଲ ଅର୍ଗାନ ଓ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନର ମୁଖ୍ୟ କହିଛନ୍ତି, ପୂର୍ବରୁ ଏନେଇ କେନ୍ଦ୍ର ସରକାର ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି। ଏସବୁ ଏନେଇ ୱେବସାଇଟ୍‌ରେ ବି ସମସ୍ତ ତଥ୍ୟ ଅପଲୋଡ୍ କରାଯାଇଥିବା ଜଣାପଡ଼ିଛି। କଥା ହେଲା, ଅଙ୍ଗଦାନ କରିବା ପରେ ଡୋନରର ଜଣଙ୍କ ଶାରୀରିକ କ୍ଷେତ୍ରରେ ଦୁର୍ବଳ ହୋଇ ପଡନ୍ତି। ଏନେଇ ମେଡ଼ିକାଲରେ ବି ତାଙ୍କୁ ଅନେକ ଦିନ ରହିବାକୁ ପଡ଼େ। ଏହି ସମୟରେ ଯେତିକି ଦିନ ଛୁଟି ମିଳେ ସେତିକିରେ ଡୋନର ଜଣକ ସମ୍ପୂର୍ଣ୍ଣ ସୁସ୍ଥ ହୋଇନଥାନ୍ତି। ତେଣୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ କେନ୍ଦ୍ର ସରକାର ଛୁଟି ଅବଧିକୁ ବଢ଼ାଇ ଦେଇଥିବା ସୂଚନା ମିଳିଛି। କାରଣ ଡୋନରମାନେ ଏନେଇ କେନ୍ଦ୍ର ସରକାରଙ୍କୁ ଅପିଲ କରିଥିଲେ। ଏବଂ କେନ୍ଦ୍ର ସରକାର କମିଟି ଗଠନ କରିବା ପରେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଥିବା ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ଆଦେଶ ଅନୁସାରେ, ଯେଉଁ କେନ୍ଦ୍ରୀୟ କର୍ମଚାରୀମାନେ ଅଙ୍ଗଦାନ କରୁଛନ୍ତି ସେମାନେ ବିଭିନ୍ନ ପ୍ରକାର ସର୍ଜରୀର ସାମ୍ନା କରନ୍ତି। ତେଣୁ ଛୁଟିର ଆବଶ୍ୟକତା ରହିଛି। କୁହାଯାଉଛି କି, ୨୦୨୩ ମସିହାରୁ ଏ ନିର୍ଦ୍ଦେଶନାମା ଜାରି ହୋଇଛି। କୁହାଯାଇଛି, ସରକାରୀ ସ୍ୱୀକୃତିପ୍ରାପ୍ତ ମେଡିକାଲର ଡାକ୍ତରଙ୍କ ରିପୋର୍ଟ ଆଧାରରେ ଏହି ଛୁଟି ନେଇପାରିବେ ଅଙ୍ଗଦାନକାରୀ। ଅପରେସନ୍ ଏବଂ ତାହାର କିଛିଦିନ ପୂର୍ବରୁ ଛୁଟି ଉପଲବ୍ଧ ହୋଇପାରିବ। ନାସନାଲ ଅର୍ଗାନ ଓ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ ଜାତୀୟ ସ୍ତରରେ ଅଙ୍ଗଦାନକାରୀଙ୍କ ପାଇଁ କାମ କରେ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରଣାଳୟ ଅଧୀନରେ ଏହି ବିଭାଗ କାମ କରୁଛି। ତେଣୁ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ମନ୍ତ୍ରଣାଳୟ ଏଭଳି ଛୁଟି ଘୋଷଣା କରିଛି ତାହାକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି। ଏପଟେ ଏ ଖବର ଚର୍ଚ୍ଚାରେ ରହିବାରୁ ପାଲଟିବା ପରେ ରାଜ୍ୟରେ ବି ଏହି ଆଇନ ଲାଗୁ ହେବା ନେଇ ଦାବି ଜୋର ଧରିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଖୁବଶୀଘ୍ର ଲଞ୍ଚ ହେବ ଏମ୍‌ଜି ଏମ୍‌୯ କାର



**ନୂଆଦିଲ୍ଲୀ,୧୧।୧:** ଜେଏସ୍‌ଡବ୍ଲୁ ଏମ୍‌ଜି ମୋଟର ଇଣ୍ଡିଆ ସହିତ ଜଡିତ ଏକ ବଡ଼ ଖବର ସାମ୍ନାକୁ ଆସୁଛି । କମ୍ପାନୀ ନିଜର ପରବର୍ତ୍ତୀ ଲଗ୍ଜରୀ ଲିମୋଜିନ୍ ଏମ୍‌୯ ଇଭି ର ପରଦା ଉଠାଇଛି । ଏହା ବ୍ୟତୀତ କମ୍ପାନୀ ଏହାର ନୂଆ ନାମ ମଧ୍ୟ ଲୋକଙ୍କ ସାମ୍ନାରେ ରି ବ ଲ କରିଛି । ଏହି ନୂଆ ବ୍ରାଣ୍ଡେଡ୍ କାରକୁ 'ଏମ୍‌ଜି ସିଲେକ୍ଟ' ନାମ ଦିଆଯାଇଛି । କମ୍ପାନୀ ଏହି କାରକୁ ଚ୍ୟାନେଲ୍ ମାଧ୍ୟମରେ ସେଲ୍ ପାଇଁ ପ୍ଲାନ୍ କରୁଛି। ଏହି ଦମଦାର୍ କାର୍ ଭାରତରେ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ ରେ ପ୍ରିମିୟର ହେବ । ଭାରତ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ହେଉଛି ଏକ ଅଟୋ ଏକ୍ସପୋ । ନୂଆଦିଲ୍ଲୀର ଭାରତ ମଣ୍ଡପ ଠାରେ ଏହା ଆୟୋଜିତ ହେବ । ବିଶ୍ୱର ବିଭିନ୍ନ ସ୍ଥାନରୁ ଅଟୋ କମ୍ପାନୀଗୁଡିକ ସେମାନଙ୍କର ଗାଡ଼ି ଏଠାରେ ପ୍ରଦର୍ଶିତ କରିବେ । ଜାନୁଆରୀ ୧୭ ରୁ ଆରମ୍ଭ ହୋଇ ୨୨ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ଏହା ଚାଲିବ । ଏମ୍‌ଜି ସିଲେକ୍ଟ ବହୁତ ଖାସ୍ ହେବାକୁ ଯାଉଛି। ଏଥିରେ ଅନେକ ଦାମଦାର୍ ଫିଚର୍ସ ଦେଖିବାକୁ ମିଳିବ। ଇଣ୍ଟ୍ରେଷ୍ଟିଂ କଥା ହେଉଛି ଯେ ଏହି ସିଟଗୁଡିକରେ ୮ଟି ମସାଜ୍ ମୋଡ୍ ଅଛି । ଏହାର ଅର୍ଥ ହେଉଛି ଆପଣ ଡ୍ରାଇଭିଂ ସହିତ ମସାଜର ମଧ୍ୟ ଆନନ୍ଦ ନେଇପାରିବେ । ଏହି କାରରେ ତିନୋଟି ଜୋନ୍ କ୍ଲାଇମେଟ୍ କଣ୍ଟ୍ରୋଲ୍ ଅଛି । ଟେକ୍ନୋଲୋଜି ସହିତ ଲ୍ୟାସ୍ ଏହି କାରକୁ ହ୍ୟାଣ୍ଡରେଲରେ ଥିବା ଟଚସ୍କ୍ରିନ୍ ପ୍ୟାନେଲରୁ କଣ୍ଟ୍ରୋଲ୍ କରାଯାଇପାରିବ। ଆପଣ ଏହି କାରକୁ ଦୁଇଟି କଲର ଅପ୍ସନରେ ପାଇବେ । ପ୍ରଥମ ବ୍ଲେକ୍ ପର୍ଲ ଏବଂ ସେକେଣ୍ଡ ହ୍ୱାଇଟ୍ ପର୍ଲ ରହିଛି । ଯଦି ଏହା ଏକ ଇଭି କାର୍ ତେବେ ଏହାର ବ୍ୟାଟେରୀ ବିଷୟରେ କହିବା ଉଚିତ୍। ଏଥିରେ ୯୦ କେଡବ୍ଲୁଏଚ୍ ର ବ୍ୟାଟେରୀ ଦିଆଯାଇଛି । ଏହା ଆପଣଙ୍କୁ ୫୮୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ଦେବ । ଏହା ସହିତ ଆପଣଙ୍କୁ ୧୧ କିଲୋୱାଟର ଚାର୍ଜର ମିଳିବ । ଏହା ଆପଣଙ୍କ ଗାଡ଼ିକୁ ୮.୫ ଘଣ୍ଟାରେ ୧୦୦% ଚାର୍ଜ କରିଦିଏ। ସେହିଭଳି ଡିସି ଫାଷ୍ଟ ଚାର୍ଜିଂ ମାତ୍ର ୩୦ ମିନିଟ୍ ସମୟ ନେଇଥାଏ । ଏଥିରେ ୨୪୧ ବିଏଚ୍‌ପି ସହିତ ଟର୍କ ଆଉଟପୁଟ୍ ୩୫୦ ଏନ୍‌ଏମ୍ ରହିଛି । ଏହି କାର ଟପ୍ ସ୍ପିଡ୍ ଘଣ୍ଟା ପ୍ରତି ୧୮୦ କିଲୋମିଟର ଯାଏ । ଏହି ଦମଦାର କାରର ସାଇଜ୍ ବିଷୟରେ କହିବାକୁ ଗଲେ ଏହାର ଲମ୍ବ ୫,୨୭୦ ଏମ୍‌ଏମ୍ ହୋଇଥାଏ ଏବଂ ଏହାର ମୋଟେଇ ୨,୦୦୦ ଏମ୍‌ଏମ୍ ରହିଛି । ଏହାର ଉଚ୍ଚତା ୧,୮୪୦ ଏମ୍‌ଏମ୍ ଅଛି । ହୁଇଲ ବେସ୍ ବିଷୟରେ କହିବାକୁ ଗଲେ ଏହା ୩,୨୦୦ ଏମ୍‌ଏମ୍ ରହିଛି । ଏମ୍‌ଜି ଏମ୍‌୯ ଇଭି କୁ ଏମ୍‌ଜି ସିଲେକ୍ଟ ମାଧ୍ୟମରେ ସାଇବରଷ୍ଟାର ସହିତ ସେଲ୍ କରାଯିବ ।

# ଆଜିର ସୁନା ଦର



**ଭୁବନେଶ୍ୱର,୧୧।୧:** ଆଜି ଭାରତୀୟ ବଜାରରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୭୩ ହଜାର ୦୦୦ ଟଙ୍କା ହୋଇଥିବା ବେଳେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ୭୯ ହଜାର ୬୪୦ ଟଙ୍କା ରହିଛି। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୩, ୦୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୭୯, ୬୪୦ ଟଙ୍କା ଥିଲା। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୩,୦୦୦ ଟଙ୍କା ଓ ୭୯, ୪୭୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୩,୦୦୦ ଟଙ୍କା ଓ ୭୯, ୬୪୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୩,୦୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୭୯, ୬୪୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୩,୦୦୦ ଟଙ୍କା ଓ ୭୯, ୬୪୦ ଟଙ୍କା ରହିଛି । ଅନ୍ୟ ପଟେ ରୁପା ଦର କେଜି ପ୍ରତି ୯୩,୫୦୦ ହଜାର ଟଙ୍କା ହୋଇଛି ।

# ଆଜିର ପେଟ୍ରୋଲ ଦର



**ନୂଆଦିଲ୍ଲୀ,୧୧।୧:** ଆଜି ସାରା ଦେଶର ପେଟ୍ରୋଲ ଡିଜେଲର ନୂଆ ମୂଲ୍ୟ ପ୍ରକାଶ ପାଇଛି । କିଛି ସ୍ଥାନରେ ଦର ହ୍ରାସ ପାଇଥିବା ବେଳେ ଆଉ କିଛି ସ୍ଥାନରେ ଦର ସ୍ଥିର ରହିଛି । ଆସନ୍ତୁ ଜାଣିବା କେଉଁ ସହରର କେତେ ରହିଛି ଡିଜେଲ-ପେଟ୍ରୋଲ୍ ମୂଲ୍ୟ ? ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ବୃଦ୍ଧି ପାଇ ୧୦୦. ୯୭ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୫ ପଇସା ରହିଛି । ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୭୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି । କେମିତି ଜାଣିବେ ଆପଣଙ୍କ ସହରରେ କେତେ ଅଛି ଦାମ୍ : ପେଟ୍ରୋଲ ଏବଂ ଡିଜେଲ ଦାମ୍ ଆପଣ SMS ମାଧ୍ୟମରେ ମଧ୍ୟ ଜାଣିପାରିବେ। ଇଣ୍ଡିଆନ ଅଏଲ ୱେବସାଇଟ ଅନୁଯାୟୀ ଆପଣଙ୍କୁ ଏବଂ ନିଜ ସହରର କୋଡ୍ ଲେଖି ୯୨୨୪୯୯୨୨୪୯ ନମ୍ବରକୁ ପଠାଇବାକୁ ହେବ । ପ୍ରତି ସହରର କୋଡ୍ ଅଲଗା ଅଲଗା ରହିଥାଏ । ଯାହା ଆପଣଙ୍କୁ ଆଇସିଓଏଲ ୱେବସାଇଟରୁ ମିଳିଯିବ। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ । ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ ।

# ବିନା କୌଣସି ଅତିରିକ୍ତ ଚାର୍ଜରେ ପାଇପାରିବେ ଅସୀମିତ ହାଇସ୍ପିଡ଼ ଡାଟା



**ନୂଆଦିଲ୍ଲୀ,୧୧।୧:** ଭୋଡାଫୋନ୍ ଆଇଡିଆ (ଭିଆଇ) ଉପଭୋକ୍ତାମାନଙ୍କ ପାଇଁ ଏକ ଖୁସି ଖବର। କମ୍ପାନୀ ଏହାର ପ୍ରିପେଡ୍ ପ୍ଲାନରେ ଅସୀମିତ ଡାଟା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଏହାର ଅର୍ଥ ହେଉଛି ଯେ ଏବେ ଭିଆଇ ଉପଭୋକ୍ତାମାନେ କୌଣସି ଚିନ୍ତା ବିନା ଡାଟା ବ୍ୟବହାର କରିପାରିବେ। କମ୍ପାନୀ ଡାଟା ବ୍ୟବହାର ଉପରେ କୌଣସି ସୀମା ଧାର୍ଯ୍ୟ କରିନାହିଁ। କୁହାଯାଉଛି ଯେ କମ୍ପାନୀ ବର୍ତ୍ତମାନ ଏହି ଡାଟା ପ୍ୟାକ୍ ପରୀକ୍ଷାମୂଳକ ଭାବରେ ଆଣିଛି। ଏହା ବିଶ୍ୱାସ କରାଯାଉଛି ଯେ ଏହି ସୁବିଧା ଭବିଷ୍ୟତରେ ସମସ୍ତ ଉପଭୋକ୍ତାଙ୍କ ପାଇଁ କାର୍ଯ୍ୟକାରୀ କରାଯାଇପାରିବ। କମ୍ପାନୀର ଏହି ଅଫର ବିଷୟରେ କହିବାକୁ ଗଲେ ଭିଆଇ ଏବେ ୩୬୫ ଟଙ୍କାରୁ ଅଧିକ ରିଚାର୍ଜ କରୁଥିବା ଉପଭୋକ୍ତାମାନଙ୍କୁ ଅସୀମିତ ଡାଟା ପ୍ରଦାନ କରିବ। ଅର୍ଥାତ୍, କମ୍ପାନୀ ଏହି ଅଫର ୩୬୫, ୩୭୯, ୪୦୭, ୪୪୯, ୪୦୮, ୪୬୯, ୬୪୯, ୯୭୯, ୯୯୪, ୯୯୬, ୯୯୭, ୯୯୮ ଏବଂ ୧୧୯୮ ଟଙ୍କାର ପ୍ଲାନରେ ପ୍ରଦାନ କରୁଛି। ଉଲ୍ଲେଖ ଥାଉ କି ଯେ ଏହି ପ୍ଲାନଗୁଡ଼ିକ ପୂର୍ବରୁ କାର୍ଯ୍ୟକାରୀ ହୋଇସାରିଛି। ଏବେ ଏଗୁଡ଼ିକ ଉପରେ ନୂତନ ସୁବିଧା ଘୋଷଣା କରାଯାଇଛି। ବର୍ତ୍ତମାନ ଏହି ଅଫର ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଆନ୍ଧ୍ର ପ୍ରଦେଶରେ ଚାଲୁଛି। ଆଶା କରାଯାଉଛି ଯେ କମ୍ପାନୀ ଭବିଷ୍ୟତରେ ଏହାକୁ ସାରା ଦେଶରେ କାର୍ଯ୍ୟକାରୀ କରିପାରିବ। ଭିଆଇ ଦେଶର ତୃତୀୟ ବୃହତ୍ତମ ଟେଲିକମ୍ କମ୍ପାନୀ ଏବଂ ଏପର୍ଯ୍ୟନ୍ତ ଏହା ଏହାର ବ୍ୟବହାରକାରୀଙ୍କୁ କେବଳ ୪ଜି ସଂଯୋଗ ପ୍ରଦାନ କରୁଛି। କମ୍ପାନୀ ମାର୍ଚ୍ଚ ମାସରୁ ଦେଶର ୭୫ଟି ସହରରେ ୫ଜି ସେବା ଆରମ୍ଭ କରିବାକୁ ଯାଉଛି। ନୂତନ ଅଫରକୁ ସେପର୍ଯ୍ୟନ୍ତ ଗ୍ରାହକମାନଙ୍କୁ ବଜାୟ ରଖିବାର ଏକ ପ୍ରୟାସ ଭାବରେ ଦେଖାଯାଉଛି।

## ଦ୍ରୁତଗତିରେ ଦୌଡୁଛି ଭାରତ: ଜାତିସଂଘ

ନୂଆଦିଲ୍ଲୀ: ଭାରତର ଜିଡିପି ଅଭିବୃଦ୍ଧି ୨୦୨୫ରେ ୬.୬ ପ୍ରତିଶତ ରହିବ। ମୁଖ୍ୟତଃ ଅଧିକ ଘରୋଇ ଖର୍ଚ୍ଚ ଓ ନିବେଶ ପାଇଁ ଅର୍ଥନୀତିର ଅଭିବୃଦ୍ଧି ଏଭଳି ସ୍ତରରେ ରହିବ ବୋଲି ଜାତିସଂଘ ପକ୍ଷରୁ ପ୍ରକାଶିତ ବିଶ୍ୱ ଅର୍ଥନୈତିକ ପରିସ୍ଥିତି ଓ ସମ୍ଭାବନା ୨୦୨୫ ରିପୋର୍ଟରେ ଦର୍ଶାଯାଇଛି। ଏଥି ସହିତ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଦେଶର ମାନ୍ୟତାକୁ ଭାରତ ବଜାୟ ରଖିଛି। ଭାରତର ଉଚ୍ଚ ଅଭିବୃଦ୍ଧି କାରଣରୁ ଦକ୍ଷିଣ ଏସିଆର ଅର୍ଥନୈତିକ ଅଭିବୃଦ୍ଧି ଭଲ ରହିବ ବୋଲି କୁହାଯାଇଛି। ଦକ୍ଷିଣ ଏସିଆ ଅଞ୍ଚଳରେ ନିକଟ ଭବିଷ୍ୟତ ଦୃଶ୍ୟପଟ ଭଲ ରହିବ ବୋଲି ଆଶା ରଖାଯାଇଛି। ୨୦୨୫ରେ ଅଭିବୃଦ୍ଧି ୫.୭ ପ୍ରତିଶତ ଏବଂ ୨୦୨୬ରେ ୬ ପ୍ରତିଶତ ରହିବ। ଭାରତର ଦୃଢ଼ ପ୍ରଦର୍ଶନ ସହିତ ଭୁଟାନ, ନେପାଳ ଓ ଶ୍ରୀଲଙ୍କା ଅର୍ଥନୀତିରେ ସୁଧାର କାରଣରୁ ଏହା ହେବ। ୨୦୨୪ରେ ଭାରତୀୟ ଅର୍ଥନୀତି ୬.୮ ପ୍ରତିଶତ ହାରରେ ବଢ଼ିଥିଲା। ୨୦୨୫ରେ ଏହା ୬.୬ ପ୍ରତିଶତ ହାରରେ ବଢ଼ିବ। ୨୦୨୬ରେ ଏହା ୬.୮ ପ୍ରତିଶତ ଅଭିବୃଦ୍ଧି ସ୍ତରକୁ ପ୍ରତ୍ୟାବର୍ତ୍ତନ କରିବ। ଦକ୍ଷିଣ ଏସିଆର ସବୁଠୁ ବଡ଼ ଅର୍ଥନୀତି ହେଉଛି ଭାରତ। ୨୦୨୫ରେ ଏହାର ଅର୍ଥନୈତିକ ଅଭିବୃଦ୍ଧି ୬.୬ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି।

# ଜିଓ-ଏୟାରଟେଲକୁ କନ୍ଦାଇଦେଲା ବିଏସଏନଏଲ ପ୍ଲାନ



ନୂଆଦିଲ୍ଲୀ: ନିକଟ ଅତୀତରେ, ସରକାରୀ ଟେଲିକମ୍ କମ୍ପାନୀ ବିଏସଏନଏଲ ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ଗୋଟିଏ ପରେ ଗୋଟିଏ ନୂତନ ଏବଂ ଶସ୍ତା ରିଚାର୍ଜ ପ୍ଲାନ ପ୍ରଚଳନ କରିଛି। ଯଦିଓ ବିଏସଏନଏଲର ସକ୍ରିୟ ଉପଭୋକ୍ତା ଏବେ ବି ଜିଓ, ଏୟାରଟେଲ ଏବଂ ଭିଆଇ ତୁଳନାରେ ବହୁତ କମ୍, କିନ୍ତୁ ଏହାର ସୁଲଭ ଯୋଜନାଗୁଡ଼ିକ ଘରୋଇ କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ସମସ୍ୟା ସୃଷ୍ଟି କରିଛି। ବିଏସଏନଏଲର ଏହି ଶସ୍ତା ପ୍ଲାନ ଯୋଗୁଁ ପ୍ରତି ମାସରେ ଲକ୍ଷ ଲକ୍ଷ ଉପଭୋକ୍ତା ଜିଓ ଏବଂ ଏୟାରଟେଲ ଛାଡି ବିଏସଏନଏଲକୁ ସିଫ୍ଟ ହେଉଛନ୍ତି। ଆଜି ଆମେ ଆପଣଙ୍କୁ ୨୦୦ ଟଙ୍କାରୁ କମ୍ ମୂଲ୍ୟର କିଛି ଭଲ ପ୍ଲାନ ବିଷୟରେ କହିବୁ । ଯେଉଁମାନେ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ଚାହୁଁନାହାଁନ୍ତି, ସେମାନଙ୍କ ପାଇଁ ବିଏସଏନଏଲର ୧୦୭ ଟଙ୍କାର ପ୍ଲାନ ସର୍ବୋତ୍ତମ। ଏହି ପ୍ଲାନରେ ଆପଣଙ୍କୁ ୨୦୦ ଲୋକାଲ୍ ଏବଂ ଏସଟିଡି ମାଗଣା କଲିଂ ମିନିଟ୍ ମିଳିବ। ଏହା ବ୍ୟତୀତ ପ୍ଲାନରେ ୩ଜିବି ଡାଟା ମଧ୍ୟ ଉପଲବ୍ଧ। ତଥାପି, ଏଥିରେ ଆପଣଙ୍କୁ କୌଣସି ଅସୀମିତ କଲିଂ କିମ୍ବା ଡାଟା ସୁବିଧା ମିଳିବ ନାହିଁ। ଏହି ପ୍ଲାନ ସେମାନଙ୍କ ପାଇଁ ଭଲ ଯେଉଁମାନଙ୍କୁ ବେଳେବେଳେ କଲ୍ ଆବଶ୍ୟକ ହୁଏ। ଏହି ଯୋଜନାରେ ଆପଣଙ୍କୁ ୩୫ ଦିନର ବୈଧତା ମିଳୁଛି। ଯଦି ଆପଣ କେବଳ କଲ୍ କରୁଛନ୍ତି ତେବେ ଆପଣ ୧୫୩ ଟଙ୍କାର ପ୍ରିପେଡ୍ ପ୍ଲାନ୍ ନେଇପାରିବେ। ଯେଉଁଥିରେ ବିଏସଏନଏଲ ତାର ଗ୍ରାହକମାନଙ୍କୁ ସମସ୍ତ ନେଟୱାର୍କରେ ଅସୀମିତ କଲ୍ ସୁବିଧା ପ୍ରଦାନ କରୁଛି। ଏହା ସହିତ, ଏହି ସ୍ୱତନ୍ତ୍ର ଯୋଜନାରେ ଆପଣଙ୍କୁ ୧ଜିବି ଡାଟା ମିଳୁଛି, ଯାହାର ବୈଧତା ୨୬ ଦିନ। ଡାଟା ସୀମା ଶେଷ ହେବା ପରେ, ସ୍ପିଡ୍ ୪୦କେବିପିଏସ କୁ ହ୍ରାସ ପାଇଥାଏ। ଏହି ପ୍ଲାନ ଅଧିକ କଲିଂ ପସନ୍ଦ କରୁଥିବା ଉପଭୋକ୍ତାଙ୍କ ପାଇଁ ଏକ ଉତ୍ତମ ଯୋଜନା। ଯଦି ଆପଣ ଗୋଟିଏ ପ୍ଲାନରେ ଡାଟା ଏବଂ କଲିଂ ଉଭୟର ମଜା ନେବାକୁ ଚାହୁଁଛନ୍ତି, ତେବେ ୧୯୯ ଟଙ୍କାର ପ୍ଲାନ ଆପଣଙ୍କ ପାଇଁ। କେବଳ ଏତିକି ନୁହେଁ, ଏହି ପ୍ଲାନରେ ଅସୀମିତ କଲିଂ ସହିତ ପ୍ରତିଦିନ ୨ଜିବି ଡାଟା ଏବଂ ୧୦୦ ମାଗଣା ଏସଏମଏସ ମଧ୍ୟ ପ୍ରଦାନ କରାଯାଉଛି। ଏହି ପ୍ଲାନ ସେମାନଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ଯେଉଁମାନେ ଶସ୍ତା ମୂଲ୍ୟରେ କଲିଂ ଏବଂ ଡାଟା ଉଭୟର ମଜା ନେବାକୁ ଚାହୁଁଛନ୍ତି। ଜିଓରେ କଲିଂ ଏବଂ ୨ଜିବି ଡାଟା ପ୍ଲାନର ମୂଲ୍ୟ ୩୪୯ ଟଙ୍କାରୁ ଆରମ୍ଭ ହେଉଥିବା ବେଳେ, ଏୟାରଟେଲ ୩୭୯ ଟଙ୍କାରେ ଏହି ସୁବିଧା ପ୍ରଦାନ କରୁଛି। ଯାହା ବିଏସଏନଏଲ ଅପେକ୍ଷା ବହୁତ ମହଙ୍ଗା।

## ଓଡ଼ିଶା ସହ ସହଯୋଗିତା ବଢ଼ାଇବ 'ଆସିଆନ୍'



ଭୁବନେଶ୍ୱର: ଓଡ଼ିଶା ସହ ବ୍ୟାବସାୟିକ ସହଯୋଗିତା ବଢ଼ାଇବାକୁ ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ରସଂଘ 'ଆସିଆନ୍' ଆଗ୍ରହ ପ୍ରକାଶ କରିଛି। ଆସିଆନ୍ ଦେଶଗୁଡ଼ିକଠାରୁ ଭାରତ ଅଧିକ ଜିନିଷ ମଗାଉଥିବା ବେଳେ କମ୍ ଜିନିଷ ରପ୍ତାନି କରୁଛି। ଉଭୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ କାରବାର ଗତ ଆର୍ଥିକ ବର୍ଷରେ ୧୨,୦୦୦ କୋଟି ଡଲାର ଥିଲା। ଆସନ୍ତା ଦୁଇ ବର୍ଷ ମଧ୍ୟରେ ତାହା ୧୫,୦୦୦ କୋଟି ଡଲାର ଓ ୨୦୩୦ ସୁଦ୍ଧା ୨୫,୦୦୦ କୋଟି ଡଲାରକୁ ବୃଦ୍ଧି ପାଇବା ସମ୍ଭାବନା ରହିଛି। ତେଣୁ ଓଡ଼ିଶାର ବ୍ୟବସାୟ ଓ ଉଦ୍ୟୋଗ ପାଇଁ ଆସିଆନ୍ ସହ ସହଯୋଗିତା ସ୍ଥାପନ କରିବାର ବ୍ୟାପକ ସୁଯୋଗ ରହିଛି ବୋଲି ଆସିଆନ୍-ଭାରତ ଅର୍ଥନୈତିକ ସହଯୋଗ (ଏଆଇଇସି)ର ଅଧ୍ୟକ୍ଷ ଦାତୋ ରମେଶ କୋଡାମଲ୍ କହିଛନ୍ତି। ଇଡ଼କୋ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓ ଏଆଇଇସି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ଅବସରରେ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ସ୍ୱତନ୍ତ୍ର ସଚିବ ମାନସ ପଣ୍ଡା ରାଜ୍ୟର ଦକ୍ଷ ମାନବ ସମ୍ବଳ, ଖଣି ଓ ଧାତବ କ୍ଷେତ୍ର, ବ୍ୟାପକ ଜଳ ଓ ବିଦ୍ୟୁତ୍ ଶକ୍ତି କ୍ଷମତା ଉପରେ ଆଲୋକପାତ କରିଥିଲେ। ଓଡ଼ିଶାରେ ପୁଞ୍ଜିନିବେଶ କରିବା ଲାଗି ସେ ଆସିଆନ୍ ରାଷ୍ଟ୍ରଗୁଡ଼ିକର ନିବେଶକମାନଙ୍କୁ ଆମନ୍ତ୍ରଣ କରିଛନ୍ତି।

# ୨୦୨୫ରେ 'ସାମାନ୍ୟ ଦୁର୍ବଳ' ରହିବ ଭାରତୀୟ ଅର୍ଥବ୍ୟବସ୍ଥା: ଆଇଏମ୍‌ଏଫ୍ ଏମ୍‌ଡି




ନୂଆଦିଲ୍ଲୀ: ଚଳିତ ବର୍ଷ ଅର୍ଥାତ୍ ୨୦୨୫ରେ କେମିତି ରହିବ ଭାରତୀୟ ଅର୍ଥବ୍ୟବସ୍ଥାର ସ୍ଥିତି ? ସେନେଇ ସୂଚନା ଦେଇଛନ୍ତି ଅନ୍ତର୍ଜାତୀୟ ମୁଦ୍ରା କୋଷ ବା ଆଇଏମ୍‌ଏଫ୍‌ର ପରିଚାଳନା ନିର୍ଦ୍ଦେଶକ କ୍ରିଷ୍ଟାଲିନା। ବାର୍ଷିକ ଚର୍ଚ୍ଚା ସମୟରେ ଶୁକ୍ରବାର ଗଣମାଧ୍ୟମକୁ ସମ୍ବୋଧନ ଦେବା ଅବସରରେ ଜର୍ଜିଭା କହିଛନ୍ତି ବିଶ୍ୱ ସ୍ତରରେ ଅଭିବୃଦ୍ଧି ହାର ସ୍ଥିର ରହିବା ସତ୍ତ୍ୱେବି ୨୦୨୫ରେ ଭାରତୀୟ ଅର୍ଥବ୍ୟବସ୍ଥା 'ସାମାନ୍ୟ ଦୁର୍ବଳ' ରହିପାରେ। ସେ ଏହା ମଧ୍ୟ କହିଛନ୍ତି ଯେ, ଚଳିତ ବର୍ଷ ବିଶ୍ୱ ସ୍ତରରେ ଅର୍ଥବ୍ୟବସ୍ଥା ସ୍ଥିତିରେ ବେଶ୍ ଅନିଶ୍ଚିତତା ଦେଖିବାକୁ ମିଳିବ। ବିଶେଷ କରି ଆମେରିକାର ବାଣିଜ୍ୟ ନୀତିକୁ ନେଇ। ଜର୍ଜିଭା କହିଛନ୍ତି ଅନୁମାନ କରାଯାଉଛି ଯେ, ୨୦୨୫ରେ ଭାରତୀୟ ଅର୍ଥବ୍ୟବସ୍ଥା 'ସାମାନ୍ୟ ଦୁର୍ବଳ' ରହିବ। ତେବେ ଏହା ଉପରେ ଅଧିକ ବିବରଣୀ ଦେଇନାହାଁନ୍ତି। ସେ କହିଛନ୍ତି 'ବିଶ୍ୱ ଓ୍ୱାର୍ଲ୍ଡ ଇକୋନୋମୀ ଆଉଟଲୁକ ଅପଡେଟ ଓ୍ୱିକ'ରେ ଏହା ଉପରେ ଅଧିକ ତଥ୍ୟ ଉପଲବ୍ଧ ହେବ।ଜର୍ଜିଭା କହିଛନ୍ତି, 'ଆମେରିକା ଆଶାଠାରୁ ଭଲ ପ୍ରଦର୍ଶନ କରୁଛି, ୟୁରୋପୀୟ ସଂଘ ଇୟୁ କିଛିଟା ସ୍ଥିର ରହିଛି, ଏବଂ ଭାରତର ସାମାନ୍ୟ ଦୁର୍ବଳ ସ୍ଥିତିରେ ରହିଛି। ବ୍ରାଜିଲରେ ଦରବୃଦ୍ଧି ସାମାନ୍ୟ ଅଧିକ ରହିଛି। ଦୁନିଆର ଦ୍ୱିତୀୟ ସବୁଠୁ ବଡ଼ ଅର୍ଥବ୍ୟବସ୍ଥା ଚୀନରେ ମୁଦ୍ରାସ୍ଫୀତି ହ୍ରାସ ପାଇଁ ପଡୁଥିବା ଚାପ ଏବଂ ଲଗାତାର ଭାବରେ ଘରୋଇ ସ୍ତରରେ ଚାହିଦା ଚାଲେଞ୍ଜ ପାଲଟିଥିବା କହିଛି ଆଇଏମଏଫ।

# ଏବେ ରିଲାଏନ୍ସର ଟିରା ଷ୍ଟୋରରେ କୋରିଆର ବିୟୁଟି ବ୍ରାଣ୍ଡ ଟିର-ଟିର




**ମୁମ୍ବାଇ,୧୧।୧:** ସୌନ୍ଦର୍ଯ୍ୟ ଓ ପ୍ରସାଧନ ସାମଗ୍ରୀ ଗ୍ରାହକଙ୍କ ପାଇଁ ଖୁସି ଖବର। ଆନ୍ତର୍ଜାତୀୟ କୋରିଆ ସ୍କିନ୍ କେୟାର ଏବଂ ମେକଅପ୍ ବ୍ରାଣ୍ଡ ଟିର-ଟିରର ସୌନ୍ଦର୍ଯ୍ୟ ଉତ୍ପାଦଗୁଡିକୁ ଭାରତରେ ରିଲାଏନ୍ସ ରିଟେଲର ଟିରା ଷ୍ଟୋର୍‌ରେ ଉପଲବ୍ଧ ହେବ । ପ୍ରଥମ ଥର ପାଇଁ ଭାରତର କୌଣସି ଷ୍ଟୋରରେ ଟିର-ଟିର ବ୍ରାଣ୍ଡର ସୌନ୍ଦର୍ଯ୍ୟ ଉତ୍ପାଦ ଓ ପ୍ରସାଧନ ସାମଗ୍ରୀ ଉପଲବ୍ଧ ହେବ। ଏହା ବ୍ୟତୀତ ଗ୍ରାହକମାନେ ଟିରାର ଆପରୁ ମଧ୍ୟ ଟିର-ଟିର ଉତ୍ପାଦ କିଣିପାରିବେ । କୋରିଆର ଟିର-ଟିର ବ୍ରାଣ୍ଡ ଏହାର ଅଭିନବ ସୌନ୍ଦର୍ଯ୍ୟ ଉତ୍ପାଦ, ପ୍ରିମିୟମ ଗୁଣ ଏବଂ ଚମତ୍କାର ଫର୍ମୁଲେସନ ସୂତ୍ର ପାଇଁ ଜଣାଶୁଣା। ଦୁନିଆର ବହୁ ସଂଖ୍ୟକ ଲୋକ ଟିର-ଟିର ବ୍ରାଣ୍ଡର ସୌନ୍ଦର୍ଯ୍ୟ ଓ ପ୍ରସାଧନ ଉତ୍ପାଦକୁ ଅନୁସରଣ କରନ୍ତି। ବିଶେଷକରି ଏହାର ମାସ୍କ ଫିଟ୍ ରେଡ୍ କୁଶନ ଫାଉଣ୍ଡେସନ୍ ଅତ୍ୟନ୍ତ ଲୋକପ୍ରିୟ । ପ୍ରାରମ୍ଭିକ ଭାବରେ ଟିର-ଟିର ବ୍ରାଣ୍ଡ କିଛି ନିର୍ଦ୍ଦିଷ୍ଟ ଟିରା ଷ୍ଟୋର୍ ସହିତ ଟିରା ଆପ୍ ମାଧ୍ୟମରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ହେବ । ପ୍ରାରମ୍ଭରେ, ମୁମ୍ବାଇର ଜିଓ ୱାର୍ଲ୍ଡ ଡ୍ରାଇଭ୍, ଅନ୍ଧେରୀ ଓ ମଲାଡ଼ ସ୍ଥିତ ଇନଫିନିଟି ମଲ୍, ଦିଲ୍ଲୀର ବସନ୍ତକୁଞ୍ଜ ସ୍ଥିତ ଡ଼ିଏଲଏଫ ଅଭେନ୍ୟୁ ଏବଂ ବେଙ୍ଗାଲୁରୁର ମଲ୍ ଅଫ୍ ଏସିଆ ଭଳି ମୋଟ ପାଞ୍ଚଟି ଟିରା ଷ୍ଟୋରରେ ଟିର-ଟିର ବ୍ରାଣ୍ଡ ଉତ୍ପାଦ ଉପଲବ୍ଧ ହେବ ।

# 'ଏଲଆଣ୍ଡଟି' ଅଧ୍ୟକ୍ଷଙ୍କ ୯୦ ଘଣ୍ଟା କାମ ମନ୍ତବ୍ୟ ଉପରେ ମୁହଁ ଖୋଲିଲେ ରାଜୀବ ବଜାଜ



ନୂଆଦିଲ୍ଲୀ: 'ଏଲ ଆଣ୍ଡ ଟି' ଅଧ୍ୟକ୍ଷ ସୁବ୍ରମଣ୍ୟନ କର୍ମଚାରୀମାନେ ସପ୍ତାହକୁ ୯୦ ଘଣ୍ଟା କାମ କରିବା ଦରକାର ବୋଲି କହିବା ପରେ ବିବାଦ ଆରମ୍ଭ ହୋଇଛି । କେହି କେହି ତାଙ୍କର ଏହି ମନ୍ତବ୍ୟକୁ ସମର୍ଥନ କରିଥିବା ବେଳେ କେହି ଏହାକୁ ବିରୋଧ ମଧ୍ୟ କରିଛନ୍ତି । ଆଉ ଏହି ତାଲିକାରେ ଯୋଡ଼ି ହୋଇଛନ୍ତି ବଜାଜ ଅଟୋର ଏମ୍‌ଡି ରାଜୀବ ବଜାଜ । ରାଜୀବ ବଜାଜ କହିଛନ୍ତି ଯେ, ଯଦି ଆପଣ ସପ୍ତାହରେ ୯୦ ଘଣ୍ଟା କାମ ପରମ୍ପରା ଚାହାନ୍ତି, ତେବେ ଶୀର୍ଷରୁ ଆରମ୍ଭ କରନ୍ତୁ । ଅନ୍ୟପଟେ ହେଲିଓସ୍ କ୍ୟାପିଟାଲର ଫାଉଣ୍ଡର ସମୀର ଅରୋରା କହିଛନ୍ତି, ସିଇଓ ହେବା ପାଇଁ କଠିନ ପରିଶ୍ରମ କରିବା ଆବଶ୍ୟକତା ରହିଛି । କୌଣସି କମ୍ପାନିର ପ୍ରମୋଟର କିମ୍ବା ସିଇଓ ଯାହା କିଛି କରନ୍ତି ତାହା ହାସଲ କରିବା ପାଇଁ ସେମାନେ କଠିନ ପରିଶ୍ରମ କରିଛନ୍ତି । ଦେଶରେ ୱାର୍କ-ଲାଇଫ୍ ବାଲାନ୍ସକୁ ନେଇ ବିତର୍କ ବଢ଼ିବାରେ ଲାଗିଛି । ପ୍ରଥମେ ଇନଫୋସିସ୍ ସହ ପ୍ରତିଷ୍ଠାତା ନାରାୟଣ ମୂର୍ତ୍ତି ଏହି ଚର୍ଚ୍ଚା ଆରମ୍ଭ କରିଥିଲେ । ଏକ କାର୍ଯ୍ୟକ୍ରମରେ ନାରାୟାଣ ମୂର୍ତ୍ତି କହିଥିଲେ, ଭାରତ ଯୁବପିଢି ଦେଶର ପ୍ରଡକ୍ଟିଭିଟି ବଢାଇବା ପାଇଁ ସପ୍ତାହକୁ ୭୦ ଘଣ୍ଟା କାମ କରିବା ଦରକାର । ପରେ ଏଲ୍ ଆଣ୍ଡ ଟି ଅଧ୍ୟକ୍ଷ ଏସ୍ ଏନ୍ ସୁବ୍ରମଣ୍ୟନ କର୍ମଚାରୀମାନେ ସପ୍ତାହକୁ ୯୦ ଘଣ୍ଟା କାମ କରିବା ଦରକାର ବୋଲି କହିଛନ୍ତି । ଏପରି କି ରବିବାର କାମ କରିବା ସପକ୍ଷରେ ବୟାନ ଦେଇଛନ୍ତି ସୁବ୍ରମଣ୍ୟମ। ସୁବ୍ରମଣ୍ୟନଙ୍କ ଏହି ବୟାନକୁ ନେଇ ଏବେ ଜୋରଦାର ସମାଲୋଚନାର ଶିକାର ହୋଇଛନ୍ତି । ସିଏନବିସି ଟିଭି ୧୮କୁ ରାଜୀବ ବଜାଜ କହିଛନ୍ତି, 'ଯଦି ଆପଣ ସପ୍ତାହରେ ୯୦ ଘଣ୍ଟା କାମ ଚାହାଁନ୍ତି, ତେବେ ଶୀର୍ଷରୁ ଆରମ୍ଭ କରନ୍ତୁ । କାମରେ ଘଣ୍ଟା ସଂଖ୍ୟା ଗୁରୁତ୍ୱ ରଖେନି, କାମର ଗୁଣବତ୍ତା ଗୁରୁତ୍ୱ ରଖେ । ଆମକୁ ପୂର୍ବ ଅପେକ୍ଷା ଏବେ ଅଧିକ ଦୟାଳୁ, ସୌମ୍ୟ ଦୁନିଆର ଆବଶ୍ୟକତା ରହିଛି ।' ନେତୃତ୍ୱରେ ଥିବା ତ୍ରୁଟିକୁ ଦୂର କରିବା ଉପରେ ଗୁରୁତ୍ୱ ଦେଇ ଅସୁବିଧା ସବୁବେଳେ ଶୀର୍ଷ ସ୍ତରରେ ରହିଥାଏ ବୋଲି କହିଛନ୍ତି ରାଜୀବ ବଜାଜ । ଯଦି ଜଣେ ବ୍ୟକ୍ତି ସପ୍ତାହରେ ୭୦ କି ୯୦ ଘଣ୍ଟା କାମ କରୁଥିବ, ତଥାପି ତାର ଜୀବନ ଅନ୍ୟ ସବୁ ଦିଗ-ପରିବାର, ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ସହ ଜଡ଼ିତ ରହିଥାଏ । ଏହାକୁ ଅଣଦେଖା କଲେ ବଡ଼ ମୂଲ୍ୟ ଦେବାକୁ ପଡ଼ିବ ବୋଲି କହିଛନ୍ତି ରାଜୀବ ବଜାଜ ।

# ୧ ଡଲାର ଏବେ ୮୬.୨୦ଟଙ୍କା



ନୂଆଦିଲ୍ଲୀ ୧୧।୧: ଭାରତୀୟ ମୁଦ୍ରା ସର୍ବକାଳୀନ ନିମ୍ନ ସ୍ତରକୁ ପହଞ୍ଚିଛି। ୧୦ ଜାନୁୟାରୀ ଶୁକ୍ରବାର ଗୋଟିଏ ଡଲାରର ମୂଲ୍ୟ ଭାରତୀୟ ଟଙ୍କାରେ ୮୫.୯୭ଟଙ୍କାକୁ ପହଞ୍ଚିଥିବା ବେଳେ ୧୧ ଜାନୁୟାରୀ ଶନିବାର ଏହା ୮୬.୨୦ ଟଙ୍କାକୁ ପହଞ୍ଚି ଯାଇଛି। ଯାହା ଭାରତୀୟ ମୁଦ୍ରାର ଐତିହାସିକ ନିମ୍ନ ସ୍ତର ବୋଲି ଏବେ କୁହାଯାଉଛି। ଏହା ଲଗାତାର ଚତୁର୍ଥ ଦିନ ଯେତେବେଳେ ଟଙ୍କା ତାର ପିଛିଲା ରେକର୍ଡ ନିମ୍ନ ସ୍ତରରୁ ଆହୁରି ତଳକୁ ଖସିଛି। ଲଗାତାର ୧୦ ସପ୍ତାହ ହେଲା ଟଙ୍କା ମୂଲ୍ୟ ନିୟମିତ ହ୍ରାସ ହୋଇ ଚାଲିଛି। ଟଙ୍କା ଉପରେ ଚାପ ବୃଦ୍ଧିର ସବୁଠୁ ବଡ଼ କାରଣ ହେଉଛି ଡଲାର ମଜଭୁତ ହେବା ଓ କ୍ୟାପିଟାଲ ଫ୍ଲୋ କମଜୋର ହେବା। ଉଲ୍ଲେଖଯୋଗ୍ୟ ଯେ ଡଲାର ଇଣ୍ଡେକ୍ସ ୧୦୯ ଉପରେ ସ୍ଥିର ରହିଛି, ଯାହା ପାଖାପାଖି ୨ ବର୍ଷର ସବୁଠୁ ଉଚ୍ଚତମସ୍ତରର ନିକଟତର। ଶୁକ୍ରବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ଙ୍କ ନିର୍ଦ୍ଦେଶାନୁସାରେ କିଛି ସରକାରୀ ବ୍ୟାଙ୍କ ଡଲାର ବିକ୍ରି କରିଛନ୍ତି, ଫଳରେ ଟଙ୍କାର ମୂଲ୍ୟ ହ୍ରାସ ସୀମିତି କରିବାରେ ସହାୟତା ମିଳିଥିଲା।

## ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଜଗତସିଂହପୁର ଗସ୍ତ

### ଧାନମଣ୍ଡି ପରିଦର୍ଶନ ସହ ସମୀକ୍ଷା ବୈଠକରେ ଯୋଗଦେଲେ



**ଜଗତସିଂହପୁର,୧୧।୧ (ସଂଚାର ବ୍ୟୁରୋ) :** ଆଜି ଓଡିଶା ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ,ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଧାନମଣ୍ଡି ପରିଦର୍ଶନ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଥିଲେ। ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର କହିଲେ ଧାନର ଏଫ୍ଏକ୍ୟୁ ମାନ କେନ୍ଦ୍ର ସରକାର ନିର୍ଧାରଣ କରିଛନ୍ତି। ତେଣୁ ପ୍ରତ୍ୟେକ ଚାଷୀଭାଇ ମାନେ ଉନ୍ନତ ମାନର ଧାନ ଆଣି ମଣ୍ଡିରେ ଦେବା ସହିତ ସରକାରଙ୍କ ଠାରୁ ନିର୍ଦ୍ଧାରିତ ମୂଲ୍ୟ ପାଆନ୍ତୁ। ଜଗତସିଂହପୁର ଜିଲ୍ଲାରେ ଅଦିନିଆ ବର୍ଷାରେ ଧାନ ଚାଷ କ୍ଷତିଗ୍ରସ୍ତ ହୋଇଛି। ଏଥିପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଚଳିତ ବର୍ଷ କଟନି ଛଟନି ପାଇଁ କୌଣସି ନିୟମ କରାଯାଇ ନାହିଁ। ଜାନୁଆରୀ ୩୧ ତାରିଖ ସୁଦ୍ଧା ସମସ୍ତ ଖାଉଟି ମାନେ ନିଜର ଇ-କେୱାଇସି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଯଦି ବାହାର ରାଜ୍ୟରେ କେହି ଇ-କେୱାଇସି କରିପାରୁ ନାହାନ୍ତି,ତେବେ ୧୯୬୭ କୁ ଫୋନ୍ କଲେ ଏହାର ସମାଧାନ ପାଇଁ ବ୍ୟବସ୍ଥା କରାଯିବ। ଧାନ ସଂଗ୍ରହ ବେଳେ ମିଲର୍ ମାନେ ଚାଷୀଙ୍କୁ ଭଲ ଅଖା ଯୋଗାଇବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବିଦ୍ୟୁତ ବିଭାଗ କର୍ମଚାରୀଙ୍କ ମନମାନୀ

## ୬ ମାସ ହେବ ଅନ୍ଧାରରେ ଶେଷଦେବଙ୍କ ପରିବାର

**ଦଶରଥପୁର,୧୧।୧ (ସଂଚାର ବ୍ୟୁରୋ) :** ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତ ଅଧିନସ୍ଥ ଲାଲବାଗ ଉତ୍ତରସାଇ ଗ୍ରାମର ଶେଷଦେବ ମଲ୍ଲିକ ନିଜାମପୁର ପଞ୍ଚାୟତସ୍ତ ନଛିନ୍ଦ୍ରପୁର ମୌଜାରେ ଏକ ଯାଗାକିଣି ଆଜକୁ ପ୍ରାୟ ୧୨ ବର୍ଷରୁ ଉର୍ଦ୍ଧ ହେବ ଘର କରି ରହିଆସୁଛନ୍ତି। ସେ ଆଜକୁ ପ୍ରାୟ ୧୦ ବର୍ଷ ହେବ ସେ ନୂଆ ଘରକୁ ବିଦ୍ୟୁତ ସଂଯୋଗ ନେଇଥିଲେ। କଞ୍ଜୁମର ହେବାପରେ ଶେଷଦେବଙ୍କୁ ତାଙ୍କର ପଡ଼ୋଶୀ କପିଳ ମଲ୍ଲିକଙ୍କ ଘର ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟରୁ ଶେଷଦେବଙ୍କୁ ବିଦ୍ୟୁତ ବିଭାଗ ପକ୍ଷରୁ ସଂଯୋଗ ଦିଆଯାଇଥିଲା। ସେ ବିଦ୍ୟୁତ ବିଭାଗର ନିୟମିତ କଞ୍ଜୁମର ହୋଇଥିବା ବେଳେ ତାଙ୍କର କଞ୍ଜୁମର ନମ୍ବର ୬୧୨୨୨୨୦୭୧୧୦୧ ଅଟେ। କୌଣସି କାରଣରୁ ତାଙ୍କର ସର୍ଭିସ ତାରଟି ଆଜକୁ ପ୍ରାୟ ୬ ମାସ ହେବ ଖୁଣ୍ଟରୁ ତାର ଛିଣ୍ଡି ଯାଇଥିଲା। ତାହାକୁ ପୁନର୍ବାର ଯୋଡ଼ିବା ପାଇଁ ବିଦ୍ୟୁତ ବିଭାଗର କର୍ମଚାରୀ ମାନଙ୍କୁ ଜଣେଇଥିଲେ ମଧ୍ୟ ସର୍ଭିସ ତାରଟିକୁ ଖୁଣ୍ଟରେ ସଂଯୋଗ କରିନଥିଲେ। ଏହାପରେ ଶେଷଦେବ ବାଧ୍ୟ ହୋଇ ବିଦ୍ୟୁତ ବିଭାଗର ମଙ୍ଗଳପୁର ସେକ୍ସନ ଅଫିସକୁ ଯାଇ ବିଦ୍ୟୁତ ବିଭାଗର ଜେଇଙ୍କୁ ଭେଟି ନିଜର ଲାଇନ



ସଂଯୋଗ କରିବା ପାଇଁ କହିଥିଲେ। ମାତ୍ର ତୁମକୁ ଯେଉଁ ଖୁଣ୍ଟରୁ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା ସେଠାରୁ ତୁମ ଘର ଦୂର ହେଉଥିବାରୁ ଉକ୍ତ ଖୁଣ୍ଟରୁ ତୁମକୁ ଆଉ ବିଦ୍ୟୁତ ସଂଯୋଗ ଦେଇହେବ ନାହିଁ ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ ଶେଷଦେବଙ୍କୁ ସଫା ସଫା ମନା କରିଦେବା ସହ ତୁମକୁ ଲାଇନ ନେବାକୁ ହେଲେ ତୁମକୁ ନୂଆ ଏଷ୍ଟିମେଣ୍ଟ କରି ଖୁଣ୍ଟ ପକାଇ ଲାଇନ ନେବାକୁ ହେବ ଓ ଏଥିପାଇଁ ଏଷ୍ଟିମେଟ ଅନୁଯାଇ ଟଙ୍କା ଡିପୋଜିଟ କରିବା ପରେ ତୁମକୁ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଥିଲା। ଏଥିସହ ତୁମର ପୁରୁଣା କଞ୍ଜୁମରଟିକୁ ସରେଣ୍ଡର

> **ଉଦ୍ଦେଶ୍ୟମୂଳକ ଭାବେ ହଇରାଣ କରାଯାଉଥିବା ଅଭିଯୋଗ**
>
> **ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

କରିବା ସହ ତୁମ ପରିବାରର ଅନ୍ୟ କାହା ନାମରେ ନୂଆ କଞ୍ଜୁମର ଆବେଦନ କଲେ ତୁମକୁ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଥିଲା ବୋଲି ଶେଷଦେବ ଅଭିଯୋଗ କରିଛନ୍ତି ।

ଏହାପରେ ଶେଷଦେବ ନିରାଶ ହୋଇ ଗାଁ ନିତାଇ ଗୌର କମିଟିରୁ ୪ ପଇସା ସୁଧରେ କରଜ ଆଣି ନୂଆ ଖୁଣ୍ଟ ପାଇଁ ୩୭ ହଜାର ୭୬୦ ଟଙ୍କା ଓ ତାଙ୍କ ପତ୍ନୀ ରୁବିଲତା ମଲ୍ଲିକଙ୍କ ନାମରେ ନୂଆ କଞ୍ଜୁମର ପାଇଁ ପ୍ରାୟ ୪ ହଜାରେ ଟଙ୍କା ଡିପୋଜିଟ କରିଥିବା ବେଳେ ଆଜକୁ ପ୍ରାୟ ୬ ମାସରୁ ଉର୍ଦ୍ଧ ହେବ ଶେଷଦେବଙ୍କର ବିଦ୍ୟୁତ ସଂଯୋଗ ବିଛିନ୍ନ ଥିବାରୁ ଶେଷଦେବଙ୍କ ପରିବାର ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଶେଷଦେବ କୋହଭରା କଣ୍ଠରେ କହିଥିଲେ।

ପ୍ରକାଶ ଥାଉକି ନିୟମ ଅନୁଯାଇ ଜଣେ କଞ୍ଜୁମର ଥରେ ବିଦ୍ୟୁତ ସଂଯୋଗ ନେଇ ସାରିବା ପରେ ପରବର୍ତ୍ତୀ ସମୟରେ କୌଣସି ଅସୁବିଧା ଦେଖାଦେଲେ ବିଦ୍ୟୁତ ବିଭାଗ ପକ୍ଷରୁ ଏହାର ସମାଧାନ କରାଯାଇ ଥାଏ। ମାତ୍ର ଶେଷଦେବ ଜଣେ ପୁରୁଣା କଞ୍ଜୁମର ହୋଇଥିବା ବେଳେ ବିଦ୍ୟୁତ ବିଭାଗ ପକ୍ଷରୁ କଣ ପାଇଁ ପୁରୁଣା କଞ୍ଜୁମରକୁ ସରେଣ୍ଡର କରି ପୁଣିଥରେ ନୂଆ କଞ୍ଜୁମର ହେବା ସହ ନୂଆ ଏସ୍ଟିମେଟ କରି ଲାଇନ ନେବାକୁ କୁହାଯାଇଛି ଏବଂ ଗରିବ ଜନସାଧାରଣ ମାନଙ୍କୁ ସରକାର ମାଗଣାରେ ବିଦ୍ୟୁତ ସଂଯୋଗ ଯୋଗେଇ ଦେଉଥିବା ବେଳେ ଶେଷଦେବଙ୍କ ଭଳି ଜଣେ ଗରିବ ଶ୍ରେଣୀର ଲୋକ ଉପରେ କାହିଁକି ବିଦ୍ୟୁତ ବିଭାଗ ପକ୍ଷରୁ ଏଭଳି ହଇରାଣ କରାଯାଇଛି ତାହାର ଉପଯୁକ୍ତ ତଦନ୍ତ କରି ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ମିଳିଲା ହରିଶ୍ଚନ୍ଦ୍ର ସହାୟତା

**ଖପ୍ରାଖୋଲ,୧୧।୧ (ସଂଚାର ବ୍ୟୁରୋ) :** ଆଜି ଗୋଟିଏ ମନକୁ ପାଇଲା ଭଳି ଦୃଶ୍ୟ ଦେଖିବାକୁ ମିଳିଛି । ବଲାଙ୍ଗୀର ଜିଲ୍ଲାର ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ମାଲପଡ଼ା ଗ୍ରାମପଞ୍ଚାୟତ ଜଲପାଙ୍କେଲ ଗ୍ରାମର ସୁଜନ ପୁଟେଲ ଙ୍କ ଦେହାନ୍ତ ପରେ ମଧ୍ୟ



ହରିଶ୍ଚନ୍ଦ୍ର ଯୋଜନା ପାଇନ ଥିବା। "ସଂଚାର" ଖବର କାଗଜରେ କିଛି ଦିନ ତଳେ ପ୍ରକାଶିତ ହୋଇଥିଲା । ଏହି ପରିବାର ଏକ ଗରିବ ପରିବାର ହୋଇଥିବାରୁ ଶୁଦ୍ଧିକ୍ରିୟା କରିବା ପାଇଁ ତାଙ୍କ ପାଖରେ ଆର୍ଥ ନଥିବା ଲୋକଙ୍କ ମୁଖ ରୁ ଶୁଣିବାକୁ ମିଳିଥିଲା। ଆଜି ପାଟଣାଗଡ ଉପଜିଲ୍ଲାପାଳ ସୁଧୀର କୁମାର ମେହେର ଙ୍କ ହସ୍ତକ୍ଷେପ ଯୋଗୁ ସେହି ପରିବାର ଘର କୁ ଯାଇ ମୃତକଙ୍କ ପତ୍ନୀ ହୀରାମଣି ପୁଟେଲ ଙ୍କୁ ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା ପ୍ରଦାନ କରିଛନ୍ତି। ଟଙ୍କା ପାଇ "ସଂଚାର" ପ୍ରତିନିଧି ଓ ଟ୍ୱିଟର ସମାଜସେବୀ ରୁପେନ୍ଦ୍ର ମୁଣ୍ଡା ଙ୍କୁ ଧନ୍ୟବାଦ ଦେଇଥିଲେ ।

## ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁଁ ବଢ଼ୁଛି ଜନଅସନ୍ତୋଷ

**ବୈଶିଙ୍ଗା,୧୧।୧ (ସଂଚାର ବ୍ୟୁରୋ) :** ବୈଶିଙ୍ଗା ବିଦ୍ୟୁତ ସେକ୍ସନ ପାଇଁ ବେତନଟୀ ବିଦ୍ୟୁତ ଉପଖଣ୍ଡ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ ସରବରାହ ବନ୍ଦ ରହୁଥିବା ଯୋଗୁଁ ଅଞ୍ଚଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଟାଟା ପାୱାର କମ୍ପାନୀ ପକ୍ଷରୁ ସର୍ବସାଧାରଣଙ୍କ ନିମନ୍ତେ ଜାରି କରାଯାଇଥିବା ଏକ ବିଜ୍ଞାପନ ଅନୁଯାୟୀ କେବଳ ଜାନୁଆରୀ ଓ ଫେବୃଆରୀ ମାସରେ ମରାମତି ପାଇଁ ମୋଟ୍ ୧୫ ଦିନ ବିଜୁଳି ସରବରାହ ବନ୍ଦ ରହିବ। ଡିସେମ୍ବର ମାସରେ ମଧ୍ୟ ୪ ଦିନ ମରାମତି ପାଇଁ କହି ବିଦ୍ୟୁତ ସରବରାହ ବନ୍ଦ ରଖାଯାଇଥିଲା। ଏବେ ଶୀତ ଋତୁରେ ପାଗ ଶୁଖିଲା ଓ ଥଣ୍ଡା ରହୁଥିବା କାରଣରୁ ଘରୋଇ ଉପଭୋକ୍ତାଙ୍କ ଉପରେ ଏହାର ବିଶେଷ ପ୍ରଭାବ ପଡିନାହିଁ। ମାତ୍ର ବିଜୁଳି ଶକ୍ତି ଉପଯୋଗରେ ବେପାର ବାଣିଜ୍ୟ କରୁଥିବା ବ୍ୟବସାୟୀଙ୍କ ଉପରେ ଏହାର ଜୋରଦାର ପ୍ରଭାବ ଲକ୍ଷ କରାଯାଇଛି।

ବିଶେଷ କରି ଝରକା କବାଟ, ଦୋକାନ ସର୍ଟର୍, ଚେୟାର, ଟେବୁଲ୍, ଆଲମିରା ଆଦି ତିଆରି କରୁଥିବା ଫେବ୍ରିକେସନ ଶିଳ୍ପ , ଆଲୁମିନିୟମ ଶିଳ୍ପ, କାଠ ଫର୍ଣ୍ଣିଚର ଶିଳ୍ପ, ଇଣ୍ଟରନେଟ ସେଣ୍ଟର , ଫଟୋ ଷ୍ଟୁଡିଓ , ଜନସେବା କେନ୍ଦ୍ର, ଶାଳପତ୍ର ରୁ ଖଲିଦୋନା ପ୍ରସ୍ତୁତ ଶିଳ୍ପ, ଆଦି କ୍ଷେତ୍ରରେ କମର୍ସିଆଲ ଉପଭୋକ୍ତା ଗଭୀର ଭାବେ ପ୍ରଭାବିତ ହେଉଥିବା ଲକ୍ଷ କରାଯାଇଛି। ଏଭଳି ବିଦ୍ୟୁତ କାଟ୍ ଦିନ ଗୁଡିକରେ ସେମାନଙ୍କୁ ଭିଷଣ ଭାବେ ଆର୍ଥିକ କ୍ଷତିର ସାମନା କରିବାକୁ ପଡୁଛି। ବ୍ୟାଙ୍କ ମାନଙ୍କରୁ ମୁଦ୍ରା ଋଣ ନେଇ କ୍ଷୁଦ୍ର ଶିଳ୍ପରେ ବିନିଯୋଗ କରି ନିଜେ ଉପାର୍ଜନକ୍ଷମ ହେବା ସହିତ ଅନ୍ୟ ମାନଙ୍କୁ ମଧ୍ୟ ନିଯୁକ୍ତି ସୁଯୋଗ ଯୋଗାଇ ଦେବା ଲକ୍ଷ୍ୟରେ ଥିବା ବ୍ୟକ୍ତି ଟିର ସବୁ ଆଶା ପାଣି ଫାଟି ଯାଉଛି। ସ୍ଥାନୀୟ ଅଞ୍ଚଳର ନେତାମାନେ ମଧ୍ୟ ଲୋକଙ୍କର ଏଭଳି ସ୍ଥିତିରେ ପାଟି ଫିଟାଉ ନାହାନ୍ତି। ତେବେ ଏ ବାବଦରେ ବେତନଟୀ ବିଦ୍ୟୁତ ଉପଖଣ୍ଡ ଅଧିକାରୀ ଶୁଭଦୀପ୍ତ ମିଶ୍ରଙ୍କୁ ପଚାରିବାରୁ ବେତନଟୀ ଷ୍ଟ୍ରକଚର ଠାରୁ ବୈଶିଙ୍ଗା ବିଦ୍ୟୁତ ଷ୍ଟ୍ରକଚର ପର୍ଯ୍ୟନ୍ତ ଥିବା ୩୩ କେଭି ଲାଇନ ତାରଟି ବହୁ ପୁରୁଣା ହୋଇଯାଇଥିବା ଯୋଗୁଁ ପର୍ଯ୍ୟାୟକ୍ରମେ ଏହାକୁ ବଦଳାଇ ନୂଆ ତାର ଲଗାଯାଉଥିବା କାରଣରୁ ଏଭଳି ସ୍ଥିତି ଉପୁଜିଛି ଏବଂ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ।

## ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୫ ଉଦ୍‌ଯାପିତ

### ଲୋକକଳା ଓ ଲୋକସଂସ୍କୃତି ଆମର ଗର୍ବ ଓ ଗୌରବ

**ସୁବର୍ଣ୍ଣପୁର,୧୧।୧ (ସଂଚାର ବ୍ୟୁରୋ) :** ପାଞ୍ଚ ଦିନ ଧରି ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିୟମରେ ଚାଲିଥିବା ସଂସ୍କୃତିର ବାର୍ତ୍ତାବହ ୩୧ତମ ସୁବର୍ଣ୍ଣ ଲୋକ ମହୋତ୍ସବ ୨୦୨୫ ଓ ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା, ଜିଲ୍ଲା ଉନ୍ନୟନ ପ୍ରଦର୍ଶନୀ ତଥା ସୁବର୍ଣ୍ଣ ଫୁଡ ଫେଷ୍ଟ ୧୦ ତାରିଖ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଜିଲ୍ଲାପାଳ ତଥା ଜିଲା ସଂସ୍କୃତି ପରିଷଦର ଅଧ୍ୟକ୍ଷା ଶ୍ରୀମତୀ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଏସ୍‌ପି ରାମ ପ୍ରସାଦ ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ଉପଜିଲାପାଳ ଲଲାଟେନ୍ଦୁ ସି, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ ପ୍ରମୁଖ ଯୋଗ ଦେଇଥିଲେ। ଲୋକକଳା ଓ ଲୋକସଂସ୍କୃତି ଆମର ଗର୍ବ ଓ ଗୌରବର ପ୍ରତୀକ। ସୁବର୍ଣ୍ଣପୁରର ମାଟି ସଂସ୍କୃତିର ମାଟି କହିବା ସହିତ ଜିଲ୍ଲାର ପୁରାତନ ସଂସ୍କୃତିର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ ଜିଲ୍ଲାପାଳ ତଥା ଅଧ୍ୟକ୍ଷା ଜିଲ୍ଲା ସଂସ୍କୃତି ପରିଷଦ ସୁବର୍ଣ୍ଣପୁର ଶ୍ରୀମତୀ ଦାସ । ସ୍ୱର୍ଗତ ଫକୀର ପଟ୍ଟନାୟକ ଏ ମାଟିର ଗର୍ବ ବୋଲି ଅନ୍ୟ ଅତିଥି ବୃନ୍ଦ ମତବ୍ୟକ୍ତ କରିଥିଲେ। ସଭା ମଞ୍ଚକୁ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପରିଚାଳନା କରିଥିଲେ ।

ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ଓଡିଶୀ, ସମ୍ବଲପୁରୀ, ଜାମୁଡାଲି, ଫେଶନ ସୋ, କରମସାନୀ ନୃତ୍ୟ ଏବଂ ମଣିପୁର ଓ



ହରିୟାନାର ଲୋକ ନୃତ୍ୟ ତଥା ପୁରୀ ମାଲଖମ୍ବ ର କଳାକାରଙ୍କ କଳା ପ୍ରଦର୍ଶନରେ ଦର୍ଶକ ଝୁମିଥିଲେ । ପାଞ୍ଚ ଦିନ ଧରି ଚାଲିଥିବା ଏହି ମେଳରେ ଜିଲ୍ଲାର କୋଣ ଅନୁକୋଣରୁ ସବୁ ବର୍ଗର ଜନସାଧାରଣ ସମ୍ମିଳିତ ହୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ଜିଲ୍ଲା ତଥା ବିଭିନ୍ନ ଜିଲ୍ଲାରୁ ଆସିଥିବା ପାରମ୍ପରିକ ଖାଦ୍ୟ ସହ ରାଜ୍ୟ ବାହାରର ସୁସ୍ୱାଦୁ ଖାଦ୍ୟର ସ୍ୱତନ୍ତ୍ର ଭାବେ ଖୋଲା ଯାଇଥିବା ସୁବର୍ଣ୍ଣ ଫୁଡ ଫେଷ୍ଟ ଷ୍ଟଲରେ ଖାଦ୍ୟର ମଜା ନେଇଥିଲେ। ବିଭିନ୍ନ ବର୍ଗରେ ଶ୍ରେଷ୍ଠ ବିବେଚିତ ଷ୍ଟଲ ଗୁଡିକୁ ଓରମାସ ତରଫରୁ ପୁରସ୍କୃତ କରାଯାଇଥିଲା। ପାଞ୍ଚ ଦିନଧରି ଚାଲିଥିବା ଏହି ମେଳା ଅବସରରେ ଏକ କୋଟି ଟଙ୍କାରୁ ଉର୍ଦ୍ଧ ବ୍ୟବସାୟ କାରବାର ହୋଇଥିବା ଓରମାସ ତରଫରୁ ସୂଚୀତ କରାଯାଇଛି।

## ଦୁର୍ଘଟଣାରେ ୩ ଗୁରୁତର




**ବୈଶିଙ୍ଗା,୧୧।୧ (ସଂଚାର ବ୍ୟୁରୋ) :** ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା - ରୂପସା ଏମଡିଆର-୭୦ ରାଜପଥର ମୁନିଲାଲ ହାଇସ୍କୁଲ ନିକଟରେ ସନ୍ଧ୍ୟା ସମୟରେ ଦୁଇ ବାଇକ ଆରୋହୀ ପରସ୍ପର ଧକ୍କା ହେବା ଫଳରେ ତିନି ବାଇକ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନାଯୋଗ୍ୟ ମକର ପର୍ବ ଆଉ ମାତ୍ର ଦୁଇ ଦିନ ଥିବା ବେଳେ ଶନିବାର ଡାହିବାଡ଼ି ସାପ୍ତାହିକ ହାଟ ଥିବାରୁ ଉକ୍ତ ରାସ୍ତା ବହୁତ ଭିଡ ଥିଲା । ବଡସାହି ଥାନା ଅଧୀନ କୁଲକୋଠା ଗ୍ରାମର ରାଜେଶ ସିଂ , କୃଷ୍ଣ ସିଂ ଏବଂ ସନିଆ ସିଂ ଏକ ସ୍କୁଟି ଯୋଗେ ହାଟକୁ ଦ୍ରୁତ ଭାବେ ଆସୁଥିବା ବେଳେ ଅପର ପାଶ୍ୱର୍ ଦେଇ ଆସୁଥିବା ଅନ୍ୟ ଏକ ବାଇକଟିକୁ ଧକ୍କା ଦେଇ ତଳେ ପଡ଼ି ଯାଇଥିଲେ । ଖବର ପାଇ ବୈଶିଙ୍ଗା ଥାନାର ଏସଆଇ ଦେବାଶିଷ ମଣ୍ଡଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ। ଖବର ଲେଖା ହେବା ବେଳକୁ ଡାକ୍ତରଖାନାରେ ତିନି ଗୁରୁତର ଚିକିତ୍ସିତ ଅବସ୍ଥାରେ ରହିଥିବାର ଜଣାଯାଇଛି।

## ଘର ଉପରେ ବିଦ୍ୟୁତ୍ ତାର



### ଅନ୍ୟତ୍ର ସ୍ଥାନାନ୍ତର ଦାବି

**ସୋନପୁର,୧୧।୧ (ସଂଚାର ବ୍ୟୁରୋ) :** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ବିଶିମୁଣ୍ଡା ଗ୍ରାମ ପଂଚାୟତର ସୋନପୁର-ବଲାଙ୍ଗୀର ୫୭ନଂ ଏନଏଚ ନିକଟରେ ଥିବା ଖମ୍ବେଶ୍ୱରୀପାଲି ଗ୍ରାମର ଗଣେଶ ସାହୁଙ୍କ ଘର ଉପରେ ବିପଦପୂର୍ଣ୍ଣ ବିଦୁତ ତାର ଯାଇଛି, ଯାହା ଫଳରେ ଘର ବନେଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ପରିବାର ଲୋକେ ବିଦ୍ୟୁତ୍ ତାର ବିପଦପୂର୍ଣ୍ଣ ଅବସ୍ଥାରେ ଅଛି ଯେତେ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ଶୁଣୁ ନାହାନ୍ତି ତେଣୁ ଅତି ଶୀଘ୍ର ବିପଦପୂର୍ଣ୍ଣ ବିଦ୍ୟୁତ୍ ତାର କୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପରିବା ଲୋକେ ଦାବି କରିଛନ୍ତି ଯଦି ସ୍ଥାନାନ୍ତର ନ କରିଲେ ବିଭାଗ୍ୟ ଅଧିକାରୀଙ୍କ ବିରୁଦ୍ଧରେ ଆଇନ ର ଆଶ୍ରୟ ନେବା ପାଇଁ ଚେତାବନୀ ଦେଇଛନ୍ତି।

## ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

**ବ୍ରହ୍ମପୁର,୧୧।୧ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ୭୬ ତମ ସାଧାରଣ ତନ୍ତ୍ର ଦିବସଟିକୁ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରିବା ନେଇ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ କୁମାର ପୃଷ୍ଟି ଏବଂ ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇ ସ୍ୱାଗତ କରିବା ସହ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷରେ ପାଳିତ ହେବାକୁ ଥିବା ଏହି ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜିଲ୍ଲାର ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ପରୀକ୍ଷା ପାଇଁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ୧୫ ତାରିଖ ଦିନ ଓଡିଆ ବକ୍ତୃତା ଓ ଓଡିଆ ପ୍ରବନ୍ଧ ପ୍ରତିଯୋଗିତା, ୧୬ ତାରିଖ ଦିନ ଦେଶାତ୍ମବୋଧ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଏବଂ ୧୭ ତାରିଖ ଦିନ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଜାତୀୟ ଦିବସଟି ଛତ୍ରପୁର ସ୍ଥିତ ପୋଲିସ ପ୍ୟାରେଡ଼ ପଡିଆ ଠାରେ ଅନୁଷ୍ଠିତ ହେବ । ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ୟାରେଡ଼ରେ ଅଂଶ ଗ୍ରହଣ କରିବେ । ଏଥି ସକାଶେ ଚଳିତ ମାସ ୨୨ ତାରିଖ ଓ ୨୩ ତାରିଖ ଅପରାହ୍ନ ୩ ଘଟିକା ଏବଂ



୨୪ ତାରିଖ ଦିନ ପୂର୍ବାହ୍ନ ୮ ଘଣ୍ଟ ସମୟରେ ପ୍ୟାରେଡ଼ ଅଭ୍ୟାସ ଅନୁଷ୍ଠିତ ହେବ। ଜାତୀୟ ଉତ୍ସବ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୫ ଘଟିକା ସମୟରେ ଛତ୍ରପୁର ସହରରେ ରାମଧୂନ ପରିବେଷଣ କରାଯିବ। ପୂର୍ବାହ୍ନ ୮ ଘଟିକା ୩୦ ମିନଟ ସମୟରେ ମୁଖ୍ୟ ଅତିଥି ପ୍ୟାରେଡ଼ରେ ଜାତୀୟ ପତାକା ଉତ୍ତୋଳନ କରି ଜାତି ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିବେ। ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସିଲ୍ଡ ଏବଂ ଅନ୍ୟାନ୍ୟ କୃତୀତ୍ୱ ହାସଲକାରୀ ଦଳଙ୍କୁ ମେମୋରିଆଲ୍ ସିଲ୍ଡ ପ୍ରଦାନ କରାଯିବ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ଅନୁଷ୍ଠିତ ସମସ୍ତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ । ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ଗୁଡିକରେ ଉକ୍ତ ଦିନ ପୂର୍ବାହ୍ନ ଘ.୭.୧୫ମି. ସମୟରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ୨୬ ତାରିଖ ସଂଧ୍ୟା ଘ.୦୬.୦୦ମି. ସମୟରେ ଛତ୍ରପୁର ସ୍ଥିତ ଜିଲ୍ଲା ସଂସ୍କୃତି ଭବନ ଠାରେ ଏକ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ କାର୍ଯ୍ୟ ଦକ୍ଷତା ପ୍ରୋତ୍ସାହନ କରିବା ସକାଶେ ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ସ୍ୱାସ୍ଥ୍ୟ ବିଭାଗ, ସଂସ୍କୃତି ବିଭାଗ, ଶିକ୍ଷା ବିଭାଗ, କ୍ରୀଡାବିଭାଗ, ସ୍ୱେଚ୍ଛାସେବୀ ବ୍ୟକ୍ତିବିଶେଷଙ୍କୁ ଚଳିତ ବର୍ଷ ପ୍ୟାରେଡ ପଡିଆରେ ସମ୍ମାନିତ କରାଯିବା ପାଇଁ ସ୍ଥିର କରାଯାଇଥିଲା ।

## ୮ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ଅଭିଯୁକ୍ତ ଗିରଫ



**ନୀଳଗିରି,୧୧।୧ (ସଂଚାର ବ୍ୟୁରୋ) :** ନିଳଗିରି ଅବକାରୀ ବିଭାଗ ଏବେ ସକ୍ରିୟ ହୋଇପଡିଛି। ଚୋରା ମଦ କାରବାର ଉପରେ କଡ଼ା ନଜର ରଖିଥିବା ବେଳେ ବ୍ରାଉନ ସୁଗାର୍ ଉପରେ ବହୁ ଦିନରୁ ନଜର ରଖିଥିବା ବେଳେ ଶନିବାର ଦିନ ନିଳଗିରି ଅବକାରୀ ବିଭାଗକୁ ଏକ ବିରାଟ ସଫଳତା ମିଳିଛି। ଏକ ବ୍ରାଉନ ସୁଗାର ବେପାରୀକୁ କାବୁ କରି ଆଠ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ କରିଛି। ସୂଚନା ଅନୁସାରେ ବିଶେଷ ସୂତ୍ରରୁ ଖବର ପାଇ ନିଳଗିରି ଅବକାରୀ ବିଭାଗର ଅଧିକାରୀ ଜଗନ୍ନାଥ ବେହେରା ନିଜ କର୍ମଚାରୀଙ୍କୁ ଧରି ନିଳଗିରି ଥାନା ଅନ୍ତର୍ଗତ ଇଶ୍ୱରପୁର ଛକ ନିକଟରେ ସୋର ଥାନା ଅନ୍ତର୍ଗତ ଅସିମୀଳା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ପରିଡ଼ାଙ୍କ ପୁଅ ଦେବାଶିଷ ପରିଡ଼ା (୪୨) ଙ୍କ ଠାରୁ ୮୦ଗ୍ରାମ ବ୍ରାଉନ ସୁଗାର ଅବକାରୀ ବିଭାଗ ଜବତ କରିଛି। ଏହାର ମୂଲ୍ୟ ୮ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ନିଳଗିରି ଅବକାରୀ ବିଭାଗ ପକ୍ଷରୁ ୨୫୯/୨୪-୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଏହି ଚଢ଼ାଉରେ ଏ ଏସ ଆଇ ଜୟମାଧବ୍ ଦାସ ପଟ୍ଟନାୟକ, ତପନ କୁମାର ମଲ୍ଲିକ, ନହନ୍ ମୁର୍ମୁ ସାମିଲ ଥିଲେ।

## ବିଦ୍ୟାଳୟ ନିକଟରେ ବେଆଇନ ଇଟାଭାଟି ନିର୍ମାଣ

### ରାଜସ୍ୱ ବିଭାଗର ଚଞ୍ଚକତା ନା ଅପାରଗତା

**ନୀଳଗିରି,୧୧।୧ (ସଂଚାର ବ୍ୟୁରୋ) :** ସମ୍ପ୍ରତି ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡରେ ବେଆଇନ ଇଟାଭାଟି ସଂଖ୍ୟା ବୃଦ୍ଧିହେଉଥିବା ଦେଖିବାକୁ ମିଳିଛି। ସଂଖ୍ୟାଧିକ ଇଟାଭାଟିର ଅବସ୍ଥିତି କିମ୍ବା ଏନ.ଓ.ସି ସହିତ ପ୍ରଦ୍ୟୁଷଣ ସାର୍ଟିଫିକେଟ ମିଳିନଥିଲେ ହେଁ, ଟ୍ରକ ଓ ଟ୍ରାକ୍ଟର ଯୋଗେ ଏହି ଇଟାଭାଟି ଗୁଡିକରୁ ପ୍ରତିଦିନ ଇଟାବୁହା ହେଉଥିବା ବେଳେ ଏଥିପ୍ରତି ପ୍ରଶାସନର ନଜର ନପଡ଼ିବା ପରିତାପର ବିଷୟ ହୋଇଛି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନୀଳଗିରି ସହର ଅନ୍ତର୍ଗତ ଏବଂ ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୩ କିଲୋମିଟର ଦୂରରେ ରାସ୍ତାପାର୍ଶ୍ୱରେ ଅବସ୍ଥିତ ମିରିଗିଣି ଉନ୍ନିତ ପ୍ରାଥମିକ ବିଦ୍ୟାଳୟ ନିକଟରେ "ଲକ୍ଷ୍ମୀ" ନାମରେ ବେଆଇନ ଇଟାଭାଟି ଚାଲିଥିବା ନେଇ ଅଭିଯୋଗ ଉଠିଛି। ବିଦ୍ୟାଳୟ ନିକଟରେ ଦିବାରାତ୍ର ଚାଲୁଥିବା ଚିମିନି ଇଟାଭାଟିରୁ ବାହାରୁଥିବା କୋଇଲା ଧୂଆଁରେ ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା କୋମଳମତି ଶିଶୁ ନାନା ରୋଗବ୍ୟାଧିରେ ସଂକ୍ରମଣ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏଥିସହିତ କୋଇଲା ଧୂଆଁରେ ଆଚ୍ଛାଦିତ ଆଖପାଖ ଅଞ୍ଚଳ ପ୍ରଦୂଷିତ ହେବା ଯୋଗୁଁ ପ୍ରଦୂଷଣର ଶିକାର




ହେଉଛନ୍ତି ଅଞ୍ଚଳବାସୀ। ତେବେ ଏଭଳି ବେଆଇନ ଇଟାଭାଟି ଗଢ଼ିବା ପଛରେ କାହାର ହାତ ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟସରକାର ନାଲିଇଟା ବଦଳରେ କଳାଇଟାକୁ ପ୍ରୋତ୍ସାହନ ଦେଇ ବିଭିନ୍ନ ଉନ୍ନୟନକାର୍ଯ୍ୟରେ ବିନିଯୋଗ କରିବାକୁ ଚାହିଁଥିଲେ ହେଁ ଏହାର ବ୍ୟତିକ୍ରମ ଦେଖାଦେଇଛି। କଳାଇଟା ବଦଳରେ ନାଲି ଇଟାଭାଟିର ସଂଖ୍ୟା ବୃଦ୍ଧି ହୋଇଚାଲିଛି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ନୀଳଗିରି ଉପଖଣ୍ଡର ପରିବେଶକୁ ଅକ୍ଷୁର୍ଣ୍ଣ ରଖିବା ସହିତ ବିଦ୍ୟାଳୟ ଏବଂ ସହରବାସୀଙ୍କ ସ୍ୱାସ୍ଥ୍ୟସେବା ପ୍ରତି ଗୁରୁତ୍ୱଦେଇ ଉକ୍ତ ବେଆଇନ ଇଟାଭାଟିକୁ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅପରପକ୍ଷରେ ଏହି ବେଆଇନ ଇଟାଭାଟି ସମ୍ପର୍କରେ ନୀଳଗିରି ଉପଜିଲାପାଳ ଶୁଭଶ୍ରୀ ରଥଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ସମସ୍ତ ବେଆଇନ ଇଟାଭାଟିକୁ ରାଜସ୍ୱ ବିଭାଗ ପକ୍ଷରୁ ନୋଟିସ ଲଗାଯାଇଛି।

## ମହୁରୁଣ୍ଡିରେ ସ୍ୱଚ୍ଛ ଭାରତ ଅଭିଯାନ ବିଫଳ

**ଖପ୍ରାଖୋଲ,୧୧।୧ (ସଂଚାର ବ୍ୟୁରୋ) :** ଦେଶର ପିତା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସରକାର ଯେଉଁ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଛନ୍ତି ତାହା ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମରେ ତାହା କାର୍ଯ୍ୟକାରୀ ହେଉନଥିବା ଦେଖା ଦେଇଛି । ଯାହାଫଳରେ ଏହି ଗ୍ରାମ କୁଦେଖିଲେ ସ୍ୱଚ୍ଛ ବଦଳରେ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହେଉଛି । ରାସ୍ତା ରେ ଆବର୍ଜନା ପଡି ଅସ୍ୱାସ୍ଥ୍ୟ କର ପରିବେଶ ସୃଷ୍ଟି କରୁଛି । ଏହାର ମୁଖ୍ୟ କାରଣ ଏହି ଗ୍ରାମପ୍ରତି ଉଦାସୀନ ମନୋଭାବ ପୋଷଣ କରୁଥିବା ଜଣାପଡୁଛି । ନିୟମ ଅନୁସାରେ ପଞ୍ଚାୟତ ତରଫରୁ ଗ୍ରାମର ରାସ୍ତା ଘାଟ ସଫା ସୁତୁରା ରଖିବା ସହ ଗ୍ରାମର ଉନ୍ନତି ପ୍ରତି ଧ୍ୟାନ ଦେବା କଥା ହେଲେ ମହୁରୁଣ୍ଡି ଗ୍ରାମ ପ୍ରତି



ବିମୁଖ ହେଉଥିବା ମନେ ହେଉଛି । ବାରମ୍ବାର ବ୍ଲକ ପ୍ରଶାସନ, ପଞ୍ଚାୟତ କର୍ତ୍ତୃପକ୍ଷ ଓ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା ପରିଷ୍କାର ପରିଚ୍ଛନ୍ନ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି । ଏଥିରୁ ପ୍ରମାଣିତ ହେଉଛି ବ୍ଲକ ପ୍ରଶାସନ ଓ ପଞ୍ଚାୟତ କର୍ତ୍ତୃପକ୍ଷ କାର୍ଯ୍ୟାଳୟ ରେ ବସି ଆରାମ କରି ଦିନ ଗଡେଇବା । ବୋଧେ କାଗଜ ପତ୍ରରେ କାର୍ଯ୍ୟ କରାଯାଉଥିବା ବୋଲି ମନରେ ସନ୍ଦେହ ଯାତ ହେଉଛି ।ସରକାର ଙ୍କ ପଞ୍ଚାୟତରାଜ ବିଭାଗ ଅଧିକାରୀ ଏଥି ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି ।